**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୦୪,୪୨,୮୧୦ | ୧୧,୨୦,୩୭୪ | ୩,୦୨,୦୧,୧୦୨ |
| ଭାରତ | ୭୫,୭୪,୧୬୭ | ୧,୧୪,୯୦୨ | ୬୬,୯୩,୪୯୧ |
| ଓଡ଼ିଶା | ୨,୭୦,୩୪୬ | ୧୧୫୨(+୫୩) | ୨,୪୯,୫୭୫ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ୨ହଜାର ତଳକୁ ଖସିଲା ଦୈନିକ ସଂକ୍ରମଣ

ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)



**୧,୯୮୨ ଆକ୍ରାନ୍ତ, ୧୭ ମୃତ**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଲଗାତର କମିବାରେ ଲାଗିଛି। ଦୀର୍ଘଦିନ ପରେ ଦୈନିକ ସଂକ୍ରମଣ ୨ହଜାର ତଳକୁ ଖସିଛି। ମାର୍ଚ୍ଚ ୧୫ରେ ଓଡ଼ିଶାରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ଏହାପରେ କୋଭିଡ୍ ଭୂତାଣୁ ଧୀରେ ଧୀରେ ବ୍ୟାପିବା ଆରମ୍ଭ କରିଥିଲା। ୪ ମାସ ପରେ ଜୁଲାଇ ୨୨ରେ ୧,୦୭୮ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାର ମାତ୍ର ୨୩ ଦିନରେ ଦୈନିକ ସଂକ୍ରମଣ ୨ହଜାର ପାର୍ କରିଥିଲା। ପ୍ରଥମଥର ପାଇଁ ଅଗଷ୍ଟ ୧୪ରେ ୨,୪୯୬ଜଣ ଆକ୍ରାନ୍ତ ହୋଇଥିବାବେଳେ ସେପ୍ଟେମ୍ବର ୨୫ରେ ଦୈନିକ ସଂକ୍ରମଣ ୪୩୫୬ ଛୁଇଁଥିଲା। ଏହାପରଠାରୁ ସଂକ୍ରମଣ ଖସିବା ଆରମ୍ଭ କରିଥିଲା। ତେବେ ଶେଷ ୨୪ ଘଣ୍ଟାରେ ରାଜ୍ୟରେ ୧,୯୮୨ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାରୁ ସର୍ବାଧିକ ୩୦୦, କଟକ ୧୪୫, ଅନୁଗୋଳ ୧୧୬ ଓ ମୟୂରଭଞ୍ଜରୁ ୧୦୭ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ଏହି ସଂଖ୍ୟା ଶହେ ତଳକୁ ରହିଛି ଓ ଗଜପତିରେ ସର୍ବନିମ୍ନ ୧୦ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୨,୭୦,୩୪୬ରେ ପହଞ୍ଚିଛି।

ଅପରପକ୍ଷରେ ରାଜ୍ୟରେ ଆଉ ୧୭ଜଣ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଭୁବନେଶ୍ୱର ଓ କଟକରୁ ୩ଜଣ ଲେଖାଏ ଥିବାବେଳେ ଝାରସୁଗୁଡ଼ା, ସୁବର୍ଣ୍ଣପୁରରୁ ୨ଜଣ ଲେଖାଏ, ବଲାଙ୍ଗୀର, ଜଗତ୍‌ସିଂହପୁର, ବଲାଙ୍ଗୀର, ନୂଆପଡ଼ା, ବୌଦ୍ଧ, ବରଗଡ଼ ଓ ମୟୂରଭଞ୍ଜରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୧୫୨କୁ ବୃଦ୍ଧି ପାଇଛି। ସେହିଭଳି ରାଜ୍ୟରୁ ପୁଣି ୨୭୩୮ଜଣ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୨, ୪୯, ୫୭୫ ଛୁଇଁଛି।

# ମାଓବାଦୀ ଆଡ୍ଡାରୁ ବିସ୍ଫୋରକ ଜବତ

କୋରାପୁଟ,୧୯।୧୦(ସ୍ୱ.ପ୍ର.)



ଜବତ ହୋଇଥିବା ମାଓବାଦୀଙ୍କ ବିସ୍ଫୋରକ ସାମଗ୍ରୀ।

କୋରାପୁଟ ଜିଲା ମାଛକୁଣ୍ଡ ସୀମାବର୍ତ୍ତୀ ଅଞ୍ଚଳରେ ଲାଲବାହିନୀର ଉପସ୍ଥିତି ଦେଖିବାକୁ ମିଳିଛି। ନିକଟସ୍ଥ ଜଙ୍ଗଲରେ ସେମାନଙ୍କ ବ୍ୟବହୃତ ବହୁ ପରିମାଣର ସାମଗ୍ରୀ ଗଚ୍ଛିତ ଥିବା ସୂଚନା ପାଇ ପୋଲିସ ରବିବାର ଚଢାଉ କରି ସେମାନଙ୍କ ଆଡ୍ଡା ଠାବ କରିଛି। ଏଥିସହ ବିପୁଳ ପରିମାଣର ଅତ୍ୟାଧୁନିକ ବିସ୍ଫୋରକ ସାମଗ୍ରୀ, କ୍ୟାଡର ମାଓବାଦୀଙ୍କ ଫଟୋ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ବୋଲି ସୋମବାର କୋରାପୁଟ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି। ଚଢାଉ ସମୟରେ ଘଟଣାସ୍ଥଳରେ ଥିବା ୧୫/୨୦ ମାଓବାଦୀ ଖସି ପଳାଇଛନ୍ତି। ଖବରରୁ ଜଣାପଡିଛି କୋରାପୁଟ ଓ ମାଲକାନଗିରି ଜିଲା ସୀମାନ୍ତ ମାଛକୁଣ୍ଡ ଅଞ୍ଚଳରେ ମାଓବାଦୀମାନେ କୌଣସି ଅଘଟଣ ଘଟାଇବା ଯୋଜନାରେ ଥିବା ଜିଲା ପୋଲିସ ସୂଚନା ପାଇଥିଲା। ଜିଲା ଡିଭିଏଫ୍ ପୋଲିସ ଓ ଅନକାଡେଲିସ୍ଥିତ ବିଏସ୍‌ଏଫ୍ ଯବାନଙ୍କ ମିଳିତ ଉଦ୍ୟମରେ ମାଛକୁଣ୍ଡର ଆନ୍ଧ୍ର ସୀମାବର୍ତ୍ତୀ ଅଞ୍ଚଳରେ ଚଢାଉ କରାଯାଇଥିଲା।

## ବଳାତ୍କାର ପ୍ରସଙ୍ଗ: ମାନବାଧିକାର କମିଶନଙ୍କୁ ଭେଟିଲା ଭାଜପା

**ଭୁବନେଶ୍ୱର, ୧୯।୧୦(ବ୍ୟୁରୋ):** ମହିଳାଙ୍କ ପ୍ରତି ସରକାର ଓ ପ୍ରଶାସନର ଉଦାସୀନତା ମନୋଭାବ ଯୋଗୁ ବଳାତ୍କାର, ଘରୋଇ ହିଂସା ଏବଂ ହତ୍ୟା ଘଟଣା ବୃଦ୍ଧି ପାଉଛି। ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କେ.ନୂଆଗାଁ ଥାନା ଦେଓଖାଳି ଗ୍ରାମର ଜଣେ ଛାତ୍ରୀଙ୍କୁ କିଛି ଦୁର୍ବୃତ୍ତ ମେ ୧୦ରେ ଏକ ନଦୀ ପଠାରେ ବଳାତ୍କାର ଓ ହତ୍ୟା କରିଥିଲେ। ଘଟଣାକୁ ୫ ମାସ ବିତିଥିଲେ ମଧ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରିନି। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ବୋଲି ପୀଡିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିବା ଭାଜପା କହିଛି। ନ୍ୟାୟ ଦାବିରେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ମାନବଅଧିକାର କମିଶନଙ୍କୁ ଭେଟିଛନ୍ତି।

# ଓଟିଭି ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

**ଲୋକ ସଭା ବାଚସ୍ପତିଙ୍କୁ ଚିଠି ଲେଖିଲେ ଏମ୍‌ପି ଚନ୍ଦ୍ରାଣୀ**

ଓଟିଭି ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିବାକୁ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ସୋମବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।

ସେ ଜଣାଇଛନ୍ତି ଯେ, ମୋତେ ବଦନାମ କରିବା ଏବଂ ମାନସିକ ସ୍ତରରେ ଯନ୍ତ୍ରଣା ଦେବା ପାଇଁ ଓଟିଭି ରିପୋର୍ଟର ଏବଂ ଅନ୍ୟମାନେ ଫେକ୍ ଆପତ୍ତିଜନକ ଭିଡିଓକୁ ଭାଇରାଲ କରିଥିଲେ। ଏହି ଘଟଣା ପରେ ପୋଲିସ ଓଟିଭିର କନିଷ୍ଠ ରିପୋର୍ଟର ଏବଂ ଅନ୍ୟମାନଙ୍କୁ ଗିରଫ କରିଥିଲା। ୨୦୨୦ ଅକ୍ଟୋବର ୧୫ରେ ଯେତେବେଳେ ପୋଲିସ ଅପରାଧର ସୂତ୍ରଧର ରିପୋର୍ଟର ରମେଶ ରଥଙ୍କୁ ଜେରା କରିଥିଲା ଓଟିଭି ସତ୍ୟକୁ ଲୁଚାଇବାକୁ ଉଦ୍ୟମ କରିଥିଲା।

୨୦୨୦ ଅକ୍ଟୋବର ୧୫ ତାରିଖ ପରଠାରୁ ଓଟିଭି ବିଭିନ୍ନ ଅସତ୍ୟ ଓ ଫେକ୍ ନ୍ୟୁଜ କାର୍ଯ୍ୟକ୍ରମ କରିଚାଲିଛି। ରମେଶଙ୍କୁ ଜେରା କରିବା ପରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ନାମରେ ମଧ ମନଗଢ଼ା ଖବର ପ୍ରକାଶ କରିଚାଲିଛି। ଏହି ଖବର ମିଥ୍ୟା ଓ ମନଗଢ଼ା, ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଓ ଦୁଃଖଦାୟକ। ରିପୋର୍ଟରଙ୍କ ଦ୍ୱାରା କରାଯାଇଥିବା ଅପରାଧକୁ ଘୋଡ଼ାଇବା ଲାଗି ଏଭଳି ଉଦ୍ୟମ କରାଯାଉଛି। ଲୋକ ସଭାର ସଦସ୍ୟ ଭାବେ ଏହା ମୋର ସ୍ୱାଧିକାରକୁ କ୍ଷୁଣ୍ଣ କରିଛି। ମନ୍ଦ ଉଦ୍ଦେଶ୍ୟ ରଖି ତଦନ୍ତକୁ ବାଟବଣା କରିବାକୁ ଓଟିଭି ଦ୍ୱାରା ମିଥ୍ୟା ପ୍ରଚାର କରାଯାଉଛି। ନ୍ୟାୟ ଦେବାକୁ ମୁର୍ମୁ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି। ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରୁଥିବା ଓଟିଭି ଓ ଏହାର ପ୍ରାୟୋଜକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି। ସମସ୍ତ ବିଷୟକୁ ବିଚାରକୁ ନେଇ ଓଟିଭି ବିରୋଧରେ ଯଥାଶୀଘ୍ର ସ୍ୱାଧିକାର ଭଙ୍ଗ ନୋଟିସ ଆଣିବାକୁ ମୁର୍ମୁ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି।

# ଡିସେମ୍ବର ୧୫ ସୁଦ୍ଧା ନିର୍ବାଚନ ସାରି ଫଳ ଘୋଷଣା କର

କଟକ ଅଫିସ,୧୯।୧୦

**ଓକିଲ ସଂଘ ନିର୍ବାଚନ ପାଇଁ ନିର୍ଦ୍ଦେଶ**



କରୋନା ଯୋଗୁ ଗତ ୭ ମାସ ହେବ ହାଇକୋର୍ଟ ବାର୍ ଆସୋସିଏଶନ୍ ସମେତ ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନ ବନ୍ଦ ରହିଥିଲା। ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ତେବେ ନିର୍ବାଚନ ପ୍ରକ୍ରିୟା ଶେଷ ପାଇଁ ନଭେମ୍ବର ଶେଷ ସପ୍ତାହ ସୁଦ୍ଧା ବିଜ୍ଞପ୍ତି ପ୍ରକାଶ ସହ ଡିସେମ୍ବର ୧୫ ସୁଦ୍ଧା ନିର୍ବାଚନ ଶେଷ କରି ଫଳାଫଳ ଘୋଷଣା କରିବାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ଓ ବିଚାରପତି ଜଷ୍ଟିସ ବି.ଆର. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ରାଜ୍ୟ ଆଇନଜୀବୀ ପରିଷଦକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଗତ ମାର୍ଚ୍ଚରୁ ଅନ୍ତରୀଣ କମିଟି ଦ୍ୱାରା ବିଭିନ୍ନ ବାର୍ ପରିଚାଳିତ ହେଉଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୮ରେ ରାଜ୍ୟର ସମସ୍ତ ବାରର ନିର୍ବାଚନ ହେବାର ଥିଲା। କରୋନା କଟକଣା ଯୋଗୁ ଏହା ବାତିଲ କରାଯାଇଥିଲା। ଏଭଳି ସ୍ଥଳେ ପ୍ରତ୍ୟେକ ବାରରେ ଏକ ଅନ୍ତରୀଣ କମିଟି ଗଠନ କରାଯିବାକୁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।

# 'ଗଣମାଧ୍ୟମ ମୁହଁରେ କଳା ବୋଳିଲେ'

ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)

**ବୈଜୟନ୍ତଙ୍କ ଟୁଇଟ୍‌କୁ ଦେବାଶିଷଙ୍କ ନିନ୍ଦା**

କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କ ଏକ ଫେକ୍ ଭିଡିଓ ଭାଇରାଲ ନେଇ ଓଟିଭି ସାମ୍ବାଦିକଙ୍କୁ ପୋଲିସ ଉଠାଇନେଇ ଜେରା କରିବା ପରେ ଟୁଇଟର ଯୁଦ୍ଧ ଜୋର ଧରିଛି। ଏହାକୁ ନିନ୍ଦାକରି ଓଡ଼ିଶା ଏବଂ ମହାରାଷ୍ଟ୍ର ପୋଲିସ ପାକିସ୍ତାନ ଭଳି ଆଇନକାନୁନ ନ ମାନି ସାମ୍ବାଦିକଙ୍କୁ ଉଠାଇନେଇ ଜେରା କରୁଥିବା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଟୁଇଟ୍ କରି ସମାଲୋଚନାର ଶିକାର ହେଉଛନ୍ତି। ଏହା ଉପରେ କଡା ପ୍ରତିକ୍ରିୟା ପ୍ରକାଶକରି ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ କହିଛନ୍ତି, ପାକିସ୍ତାନରେ ବାକ୍ ସ୍ୱାଧୀନତା ନାହିଁ। ହେଲେ ଓଡ଼ିଶାରେ ବାକ୍ ସ୍ୱାଧୀନତାକୁ ସବୁବେଳେ ସମ୍ମାନ ଦିଆଯାଉଛି। ଓଡ଼ିଶାରେ ଏଭଳି ବ୍ୟବସ୍ଥା ଅଛି ବୋଲି ରାଜ୍ୟର ସବୁଠାରୁ କମ୍ ବୟସ୍କ ମହିଳା ଏମ୍‌ପିଙ୍କୁ ଦୁର୍ବ୍ୟବହାର ପରେ ସେଭଳି କିଛି ଘଟିନାହିଁ। ପାକିସ୍ତାନ ଭଳି ବ୍ୟବସ୍ଥା ଓଡ଼ିଶାରେ ଥିଲେ କେବେଠାରୁ ବେକ କାଟି ଦିଆଯାଇ ଥାଆନ୍ତା। ଭାଜପା ଶାସିତ ରାଜ୍ୟରେ କିଭଳି ହେଉଛି ବୈଜୟନ୍ତ ବାବୁ ତାହା ଦେଖୁଥିବେ। ବୈଜୟନ୍ତବାବୁଙ୍କ ମନ୍ତବ୍ୟରୁ ଯାହା ଜଣାପଡୁଛି ସେ ଅସହିଷ୍ଣୁ ହୋଇପଡିଛନ୍ତି। ଜଣେ ଖବରଦାତା ହେଲେ କ'ଣ ଓଡ଼ିଆ ଝିଅ ତଥା ଏମ୍‌ପିଙ୍କୁ ଦୁର୍ବ୍ୟବହାର କରିବାପରେ ତାଙ୍କୁ ଛାଡି ଦିଆଯିବ କି ବୋଲି ଦେବାଶିଷ ପ୍ରଶ୍ନ ଉଠାଇଛନ୍ତି। ବୈଜୟନ୍ତବାବୁଙ୍କ ମନ୍ତବ୍ୟ ସାରା ଗଣମାଧ୍ୟମ ଜଗତ ମୁହଁରେ କଳା ବୋଳି ଦେଇଛି। ଜଣେ ଖବରଦାତା ହୋଇ କିପରି ଏମିତି କରିପାରନ୍ତି ବୋଲି ଦେବାଶିଷ ପ୍ରଶ୍ନ ଉଠାଇଛନ୍ତି। ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବୈଜୟନ୍ତଙ୍କ ଟୁଇଟ୍‌ରେ କୌଣସି ଅପମାନସୂଚକ କଥା ନାହିଁ। ଯେଉଁମାନେ ରାଜନୀତି କରୁଛନ୍ତି ସେମାନେ ଶାଳୀନତା ରକ୍ଷା କରିବା ଦରକାର। ଭଲରେ ଟୁଇଟ୍ ପଢିବା ପରେ ଯଦି କିଛି ଅପମାନ ସୂଚକ କଥା ଅଛି ତା'ପରେ ପ୍ରତିକ୍ରିୟା ରଖନ୍ତୁ ବୋଲି ପୃଥ୍ୱୀରାଜ କହିଛନ୍ତି।


## ଦ୍ୱାଦଶାହ ସ୍ମୃତି ତର୍ପଣ



## ଦିବଂଗତ ଗୌରୀ ଶଙ୍କର ତ୍ରିପାଠୀ

ଆବିର୍ଭାବ: ୨୫।୦୪।୧୯୨୫ | ତିରୋଧାନ: ୦୯।୧୦।୨୦୨୦

ବାସାଂସି ଜୀର୍ଣାନି ଯଥା ବିହାୟ, ନବାନି ଗୃହ୍ଣାତି ନରୋଽପରାଣି ।
ତଥା ଶରୀରାଣି ବିହାୟ ଜୀର୍ଣ୍ଣା, ନ୍ୟନ୍ୟାନି ସଂଯାତି ନବାନି ଦେହୀ ।।

ଜଣେ ଲେଖକ, ବାଗ୍ମୀ, ସଂସ୍କାରକ, ପ୍ରଶାସକ ଏବଂ ନୀତିନିଷ୍ଠ ବ୍ୟକ୍ତିଭାବେ ଆପଣ ବହୁ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିଛନ୍ତି। ଇହଧାମରୁ ଆପଣଙ୍କର ନଶ୍ୱର ଶରୀର ବିଦାୟ ନେଇଥିଲେ ସୁଦ୍ଧା ଆମ ହୃଦୟରେ ଆପଣ ଚିର ଜୀବିତ ରହିବେ। ଆପଣଙ୍କର ଆଦର୍ଶ, ଜୀବନାଲୋକ ଆମ୍ଭମାନଙ୍କୁ ଚିରଦିନ ପଥ ପ୍ରଦର୍ଶନ କରିବ ।

**ଶୋକସନ୍ତପ୍ତ:** ତ୍ରିପାଠୀ ପରିବାରବର୍ଗ
ଟିଟିଲାଗଡ଼, ବଲାଙ୍ଗୀର


# ବିଦ୍ୟୁତ୍ କାଟରେ ସାମିଲହେବାକୁ କଂଗ୍ରେସର ନିବେଦନ

ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)

ବିଦ୍ୟୁତ୍ ଉତ୍ପାଦନ ପାଇଁ ଆବଶ୍ୟକ ଜଳ, କୋଇଲା ଯଥେଷ୍ଟ ପରିମାଣର ସୂର୍ଯ୍ୟକିରଣ ଓ କୁଣ୍ଡା ଉପଲବ୍ଧ ଅଛି। ତେଣୁ ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ଖର୍ଚ୍ଚ ସବୁଠାରୁ କମ୍ ହେବା କଥା। କିନ୍ତୁ ଯାହା ଉତ୍ପାଦନ ହେଉଛି ସେଥିରୁ ୩୫ ପ୍ରତିଶତ ବ୍ୟବସାୟିକ ଏବଂ ବୈଷୟିକ କ୍ଷତି ହେଉଛି। ଅନ୍ୟ କେତେକ ରାଜ୍ୟରେ କିନ୍ତୁ ବହୁତ କମ୍ କ୍ଷତି ହେଉଛି। ଦିଲ୍ଲୀରେ ଶତକଡ଼ା ୮ ପ୍ରତିଶତ କ୍ଷତି ହେଉଛି। ଓଡ଼ିଶାରେ ବେଶି କ୍ଷତିର କାରଣ ଆମ ସରକାର ଓ ବୈଦ୍ୟୁତିକ ବିତରଣ ସଂସ୍ଥାର ଅପାରଗତା ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି)ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦ ପାଇଁ ସବୁ ରାଜନୈତିକ ଦଳ ମିଶି ଆସନ୍ତା ଗୁରୁବାର ସନ୍ଧ୍ୟା ୬ ଟାରୁ ୬ଟା୧୫ ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବହାର ବନ୍ଦ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ କଂଗ୍ରେସ ସମର୍ଥନ କରିଛି। ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦର ସ୍ୱର ସରକାରଙ୍କ ପାଖରେ ପହଞ୍ଚାଇବା ପାଇଁ ୧୫ ମିନିଟ୍ ସ୍ୱଇଚ୍ଛାରେ ବିଦ୍ୟୁତ୍ କାଟ କରିବାକୁ ନିରଞ୍ଜନ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।

# ଅଧ୍ୟାପକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ପାରଳାଖେମୁଣ୍ଡି,(ସ୍ୱ.ପ୍ର.)/ ବ୍ରହ୍ମପୁର ଅଫିସ,୧୯।୧୦



ଅଧ୍ୟାପକଙ୍କ ରାଧାଗୋବିନ୍ଦନଗର ସ୍ଥିତ ଘରେ ଯାଞ୍ଚ ଚାଲିଛି।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜଣେ ଅଧ୍ୟାପକ ଭିଜିଲାନ୍ସ ଜାଲରେ ଫସିଛନ୍ତି। ଗଜପତି ଜିଲା ଗୋଷାଣୀ ବ୍ଲକ ଗୁରାଣ୍ଡିସ୍ଥିତ ମୀନକେତନ ଡିଗ୍ରୀ କଲେଜର ଶିକ୍ଷା ବିଭାଗ ଅଧ୍ୟାପକ ଡ. ଜି. ନାଗେଶ୍ୱର ରାଓଙ୍କ ବାସଭବନ ସମେତ ୬ ସ୍ଥାନରେ ସୋମବାର ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଏ ପର୍ଯ୍ୟନ୍ତ ଅଧ୍ୟାପକଙ୍କ ୨ କୋଟି ୮୩ ଲକ୍ଷ ୩୬ ହଜାର ୮୦୫ ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଚଢ଼ାଉ ଜାରି ରହିଥିବା ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ଅନିଲ କୁମାର ପାତ୍ର ସୂଚନା ଦେଇଛନ୍ତି।

ପାରଳାଖେମୁଣ୍ଡି ରାଧାଗୋବିନ୍ଦ ନଗରରେ ଅଧ୍ୟାପକଙ୍କ ସ୍ତ୍ରୀଙ୍କ ନାମରେ ଥିବା ଦୁଇ ମହଲା କୋଠାର ମୂଲ୍ୟ ୧ କୋଟି ୫୦ ଲକ୍ଷ ୧ ହଜାର ୪୪୦ ଟଙ୍କା ଆକଳନ କରାଯାଇଛି। ଉକ୍ତ କୋଠା ସମ୍ମୁଖ ଗ୍ୟାରେଜ ମୂଲ୍ୟ ୨ ଲକ୍ଷ ୮୩ ହଜାର ୮୬୪ ଟଙ୍କା, ପାରଳାଖେମୁଣ୍ଡି ବେତଗୁଡ଼ାଠାରେ ଥିବା ୨ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସର ମୂଲ୍ୟ ୩୦ ଲକ୍ଷ ୯୦ ହଜାର ୩୬୪ ଟଙ୍କା, ପାରଳାଖେମୁଣ୍ଡିରେ ଅଧ୍ୟାପକ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ୫୧ଟି ପ୍ଲଟ୍‌ର ମୂଲ୍ୟ ୨୩ ଲକ୍ଷ ୧୧ ହଜାର ୩୬୮ ଟଙ୍କା ଆକଳନ କରାଯାଇଛି। ପାରଳାଖେମୁଣ୍ଡି ଏସବିଆଇରେ ଥିବା ଫିକ୍ସଡ ଡିପୋଜିଟର ମୂଲ୍ୟ ୫ ଲକ୍ଷ ଟଙ୍କା, ଅଧ୍ୟାପକ, ତାଙ୍କ ସ୍ତ୍ରୀ ଓ ପୁଅଙ୍କ ନାମରେ ୧୦ ଲକ୍ଷ ୩୯ ହଜାର ୧୬୩ ଟଙ୍କାର ବ୍ୟାଙ୍କ ଜମା ରହିଛି। ପାରଳାଖେମୁଣ୍ଡିସ୍ଥିତ ଏକ ଲକରରୁ ମିଳିଥିବା ୧୪୩ ଗ୍ରାମ ସୁନା ଗହଣାର ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କା ଆକଳନ କରାଯାଇଛି। ଘରୁ ନଗଦ ୩୧ ଲକ୍ଷ ୫୦ ହଜାର ଟଙ୍କା ମିଳିଥିବା ଭିଜିଲାନ୍ସ ଏସ୍‌ପି ପାତ୍ର କହିଛନ୍ତି। ଅଧ୍ୟାପକଙ୍କ ପୈତୃକ ଗ୍ରାମ ବୁରୁଜାଙ୍ଗ ସ୍ଥିତ ଘର, ଆନ୍ଧ୍ରପ୍ରଦେଶର ପଲାସା ସହର ନିକଟବର୍ତ୍ତୀ ଚିପୁରୁପଲ୍ଲୀ ଗ୍ରାମସ୍ଥିତ ଶ୍ୱଶୁର ଘର ଓ କଲେଜ କାର୍ଯ୍ୟାଳୟରେ ମଧ ଚଢାଉ ହୋଇଛି। ସବିଶେଷ ତଥ୍ୟ ଆକଳନ କରାଯାଇପାରି ନାହିଁ ବୋଲି ଏସ୍‌ପି ପାତ୍ର କହିଛନ୍ତି। ଭିଜିଲାନ୍ସ ଡିଏସ୍‌ପି ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ବ୍ରହ୍ମପୁର ଏବଂ ପାରଳାଖେମୁଣ୍ଡି ସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟର କର୍ମଚାରୀମାନେ ଚଢ଼ାଉ କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

PM ଯୋଜନା ଅଧୀନରେ
Megma Finance Ltd.
ଆଧାରକାର୍ଡ | ଏଗ୍ରିକଲ୍ଚର | ମାର୍କଶିଟ୍ | ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ଋଣ ମାତ୍ର 24 ଘଣ୍ଟାରେ ଘରେ ବସି
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8901314495
8395921265
B-34/7 A Block Vijay Enclave, Bururi, New Delhi

ଦୟାକରି ଧ୍ୟାନ ଦିଅନ୍ତୁ !!
SHREE KRISHNA FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।। ୦% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
DMLT 2 Year, OT.Tech 2 Year, Dialysis 2 Year, I.C.U 1 Year, E.C.G 1 Year — 10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE — LIMITED SEAT
KIMS, KHANDAGIRI, BBSR
Mob. 8658179869

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

4G କମ୍ପାନୀ ଗ୍ରାମ/ସହରରେ 4G ଟାୱାର ସ୍ଥାପନ କରିବା ପାଇଁ ଜମି/ଛାତ/ଖେତ ଆବଶ୍ୟକ କରୁଛି । ଭଡ଼ା 45 ହଜାର, ଅଗ୍ରିମ 65 ଲକ୍ଷ
ଯୋଗାଯୋଗ
8860088373

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଧରିତ୍ରୀ
DHARITRI

ମଙ୍ଗଳବାର, ଅକ୍ଟୋବର ୨୦/୨୦୨୦ | Tuesday, October 20/2020 | ପୃଷ୍ଠା-୧




## ଦିଶାଙ୍କ ସେଲ୍ଫି ଭାଇରାଲ

ମିରର ଆଗରେ ଦିଶା ସ୍ପୋର୍ଟ୍ସ କାଜୁଆଲ ସୁଟ୍‌ରେ ଫଟେ । ଉଠାଇଛନ୍ତି। ଏହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

୦୨

୦୮

## ଖେଳ ପଡ଼ିଆକୁ ଫେରିଲେ ବାଲା ଦେବୀ

ଭାରତୀୟ ମହିଳା ଫୁଟ୍‌ବଲ ଟିମ୍ ଫରୱାର୍ଡ ବାଲା ଦେବୀ ସୁଦୂର ସ୍କଟଲାଣ୍ଡରେ ଖେଳ ପଡ଼ିଆକୁ ଫେରିଛନ୍ତି।



# ଭୁଲିଗଲେ ବର୍ଷା ଜଳ ସଂରକ୍ଷଣ

## ଅନୁମୋଦନ ନ ମିଳିବାରୁ ଯୋଜନା ଅଧାରୁ ବନ୍ଦ

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

ନିଅଣ୍ଟିଆ ବର୍ଷା ଯୋଗୁ ରାଜ୍ୟରେ ଅନେକ ନଦୀ, ନାଳ ଓ ପୋଖରୀ ଉଭେଇ ଗଲେଣି। ସେଥିରୁ ଅଧିକାଂଶ ବର୍ଷା ଦିନେ ମଧ ଶୁଖିଲା ରହୁଛି। ଜଳାଶୟ ଶୁଖିଲା ପଡ଼ିବା ଯୋଗୁ ଏହାର ଗୁରୁତର ପ୍ରଭାବ ଭୂଗର୍ଭ ଜଳସ୍ତର ଉପରେ ପଡୁଛି। ଗତ କିଛିବର୍ଷ ହେବ ଭୂଗର୍ଭ ଜଳସ୍ତର ହ୍ରାସ ପାଇଲାଣି। ଆସନ୍ତା ୨୦୫୦ ବେଳକୁ ରାଜ୍ୟରେ ଭୟଙ୍କର ଜଳ ସଙ୍କଟ ସୃଷ୍ଟି ହେବ ବୋଲି ପରିବେଶବିତ୍ ଆଶଙ୍କା କଲେଣି। ବୋହି ଯାଉଥିବା ବର୍ଷା ଜଳକୁ କିପରି ସଂରକ୍ଷଣ କରାଯାଇପାରିବ ସେ ନେଇ ଓ ଜଳ ସମ୍ପଦ ବିଭାଗ ପକ୍ଷରୁ ୨୦୧୪-୧୫ ଆର୍ଥିକ ବର୍ଷରେ ସହରାଞ୍ଚଳରେ 'ଛାତ ଉପର ବର୍ଷା ଜଳ ସଂରକ୍ଷଣ'(ରୁଫ୍ ଟପ୍ ରେନ୍ ୱାଟର୍ ହାର୍ଭେଷ୍ଟିଂ) ଯୋଜନା ଆରମ୍ଭ ହୋଇଥିଲା। ତେବେ ଏହି ଯୋଜନାକୁ ଏବେ ସରକାର ଭୁଲିଯିବା ପରି ମନେହେଉଛି। ଚଳିତ ଆର୍ଥିକବର୍ଷରେ ଏହି ଯୋଜନା ପାଇଁ କୌଣସି ବ୍ୟୟବରାଦ କରାଯାଇ ନାହିଁ। ଭୂତଳ ଜଳ ନିର୍ଦ୍ଦେଶାଳୟ ପକ୍ଷରୁ ଏ ନେଇ ପ୍ରସ୍ତାବ ଦିଆଯାଇଥିଲେ ମଧ ଅର୍ଥ ବିଭାଗ ଏହାକୁ ଅନୁମୋଦନ କରି ନ ଥିବାରୁ ଚଳିତବର୍ଷ ବର୍ଷା ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରି ନାହିଁ।

ରାଜ୍ୟରେ ଥିବା ସହରାଞ୍ଚଳଗୁଡ଼ିକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳରୁ ୪୦ ପ୍ରତିଶତ ଭୂତଳ ଜଳରୁ ଯୋଗାଇ ଦିଆଯାଉଛି। ଏହାଛଡା ସହରାଞ୍ଚଳରେ ଅନେକ ଲୋକ




### ୪୪ ବ୍ଲକ, ୨୭ ସହରରେ କମୁଛି ଭୂତଳ ଜଳ

ନିଜସ୍ୱ ବୋରୱେଲ ଜରିଆରେ ପାଣି ଉଠାଉଛନ୍ତି। ଭୁବନେଶ୍ୱର, କଟକ ଭଳି ବଡ ବଡ ସହରରେ ଭୂଗର୍ଭ ଜଳ ଉପରେ ପ୍ରବଳ ଚାପ ପଡୁଛି। ଫଳରେ ଜଳସ୍ତର ତଳକୁ ଖସି ଚାଲିଛି। କେବଳ ସହର ନୁହେଁ, ଗ୍ରାମାଞ୍ଚଳରେ ମଧ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଛି।

ଜଳ ସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ରାଜ୍ୟର ୩୧୪ ବ୍ଲକରୁ ୫ଟି ବ୍ଲକରେ ଭୂତଳ ଜଳ ସମସ୍ୟା ସୃଷ୍ଟି ହେବା ଆରମ୍ଭ ହେଲାଣି। ସେହି ବ୍ଲକଗୁଡ଼ିକ ହେଲା ବାଲେଶ୍ୱର ଜିଲାର ବାହାନଗା ଓ ବାଲିଆପାଳ, ଯାଜପୁରର କୋରେଇ, କେନ୍ଦ୍ରାପଡାର ଗରଦପୁର ଏବଂ ଖୋର୍ଦ୍ଧାର ବୋଲଗଡ ବ୍ଲକ। ଏହି ସବୁ ବ୍ଲକରେ ୭୦ରୁ ୯୦ ଭାଗ ଭୂତଳ ଜଳ ବ୍ୟବହାର କରାଯାଉଛି। କେବଳ ସେତିକି ନୁହେଁ, ୪୪ଟି ବ୍ଲକରେ ମଧ ଜଳ ସମସ୍ୟା ଉତ୍କଟ ହେବାକୁ ଯାଉଥିବା ନେଇ ସତର୍କ କରାଯାଇଛି। ଏହାଛଡା ୨୭ଟି ସହରାଞ୍ଚଳରେ ଭୂତଳ ଜଳର ଅବସ୍ଥା ସଙ୍ଗିନ ହେଲାଣି। ସେହି ସହରଗୁଡ଼ିକ ହେଲା ଅନୁଗୋଳ, ତାଳଚେର, ବରଗଡ, ପଦମପୁର, ବରପାଲି, ଟିଟିଲାଗଡ, କଟକ, ଆସ୍କା, ଦିଗପହଣ୍ଡି, ହିଞ୍ଜିଳିକାଟୁ, ବ୍ରହ୍ମପୁର, ଝାରସୁଗୁଡା, ଯୋଡା, ଖୋର୍ଦ୍ଧା, ଭୁବନେଶ୍ୱର, ବାରିପଦା, ନବରଙ୍ଗପୁର, ନୟାଗଡ, ପୁରୀ, ସମ୍ବଲପୁର, ଢେଙ୍କାନାଳ, ତରଭା, ସୋନପୁର, ରାଉରକେଲା, ବଲାଙ୍ଗୀର, କେନ୍ଦ୍ରାପଡା ଏବଂ ପଟ୍ଟାମୁଣ୍ଡାଇ। ଉକ୍ତ ବ୍ଲକ ଓ ସହରାଞ୍ଚଳରେ ଭୂତଳ ଜଳକୁ ପୁଣି ଭରିବା ପାଇଁ ଭୂତଳ ଜଳ ନିର୍ଦ୍ଦେଶାଳୟ ପକ୍ଷରୁ ଛାତ ଉପରେ ବର୍ଷାଜଳ ସଂରକ୍ଷଣ ଯୋଜନା କାର୍ଯ୍ୟକାରୀ କରାଯାଉଥିଲା। ଏଥିରେ ୧,୮୮୫ ସରକାରୀ କୋଠା ଏବଂ ପ୍ରାୟ ୨୫ ହଜାର ୫୦୦ ବେସରକାରୀ ଛାତ ଉପରେ ବର୍ଷା ଜଳ ଅମଳ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏଥିସହିତ ୩,୩୦୦ ଅକାମୀ ହୋଇଯାଇଥିବା ନଳକୂପ ଦ୍ୱାରା ଭୂତଳ ଜଳ ସଂରକ୍ଷଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ଏହି ଯୋଜନା ପାଇଁ ବ୍ୟୟବରାଦ ନ ହେବା ଦ୍ୱାରା ଭୂତଳ ଜଳ ସଂରକ୍ଷଣ ଦିଶାହୀନ ହୋଇଯାଇଛି।

ଭବିଷ୍ୟତରେ ଜଳ ସଙ୍କଟକୁ ଏଡାଇବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଛାତ ଉପର ବର୍ଷା ଜଳ ସଂରକ୍ଷଣ ଯୋଜନା ଆରମ୍ଭ କରାଯାଇଥିଲା। ଭୁବନେଶ୍ୱର, ବ୍ରହ୍ମପୁର, ଟିଟିଲାଗଡ, ବଲାଙ୍ଗୀର ଏବଂ ଝାରସୁଗୁଡା ସହରରେ ଏହାକୁ ପାଇଲଟ ପ୍ରକଳ୍ପ ଭାବେ ଆରମ୍ଭ କରାଯାଇଥିଲା। ଏହି ଯୋଜନା ପ୍ରତି ଲୋକମାନଙ୍କର ଆଗ୍ରହ ବଢ଼ିବାରୁ ଏହାକୁ ୧୧ଟି ସହରାଞ୍ଚଳକୁ ☞ପୃଷ୍ଠା-୨

# ସ୍ୱର୍ଗଦ୍ୱାରରୁ କଟକଣା ହଟିଲା

## ଏଣିକି ଜିଲା ବାହାର ମୃତଦେହ ଦାହ ହୋଇପାରିବ

ପୁରୀ ଅଫିସ,୧୯।୧୦

- ସର୍ବାଧିକ ୨୦ ଜଣ ସମ୍ପର୍କୀୟ ଆସିପାରିବେ
- ମାସ୍କ ପିନ୍ଧିବେ, ସାମାଜିକ ଦୂରତା ରଖିବେ
- କରୋନା ମୃତକଙ୍କ ସଂସ୍କାର ହେବନାହିଁ



ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ୱର୍ଗଦ୍ୱାରରେ ମୃତଦେହ ସଂସ୍କାର ଉପରେ କଟକଣା ଲଗାଯାଇଥିଲା। ଜୁଲାଇ ୭ରୁ ପୁରୀ ଜିଲା ପ୍ରଶାସନ ଲଗାଇଥିବା ଏହି କଟକଣା ସୋମବାରଠାରୁ ହଟିଯାଇଛି। ଏଣିକି ଯେ କେହି ତାଙ୍କ ଆତ୍ମୀୟଙ୍କ ମୃତଦେହ ଆଣି ସ୍ୱର୍ଗଦ୍ୱାରରେ ଦାହ କରିପାରିବେ ବୋଲି ଜିଲାପାଳ ବଲୱନ୍ତ ସିଂ ସ୍ପଷ୍ଟ କରିଛନ୍ତି।

ଜିଲାପାଳ କହିଛନ୍ତି, ସ୍ୱର୍ଗଦ୍ୱାର ପ୍ରତି ସମସ୍ତଙ୍କର ଆସ୍ଥା ଓ ବିଶ୍ୱାସ ରହିଛି। ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ମୃତଦେହ ଦାହ ପାଇଁ ଆସିଥାଏ। ଏଥିସହ ☞ପୃଷ୍ଠା-୨

# ୭ଦିନରେ ସ୍ପଷ୍ଟୀକରଣ ଦେବେ ସରକାର

ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)

## ଘରୋଇ ସ୍କୁଲ ଫି' ଛାଡ଼ ପ୍ରସଙ୍ଗ: ହାଇକୋର୍ଟ ଦେଲେ ନିର୍ଦ୍ଦେଶ

ଘରୋଇ ସ୍କୁଲ ଫି' ଛାଡ଼ ସମ୍ପର୍କିତ ମାମଲାରେ ହାଇକୋର୍ଟ ସୋମବାର ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। କେତେକ ଘରୋଇ ସ୍କୁଲ ପକ୍ଷରୁଆଗତ ପିଟିଶନକୁଅଗ୍ରାହ୍ୟ କରିବା ସହ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି। ଆସନ୍ତା ୭ଦିନ ମଧ୍ୟରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, କରୋନା ସମୟରେ ଘରୋଇ ସ୍କୁଲ ଫି' ଛାଡ଼ କରିବାକୁ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ଅଧକ୍ଷତାରେ ଗଠିତ କମିଟି ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ରିପୋର୍ଟରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ଫି' କମାଇବା ନେଇ ସୁପାରିସ କରାଯାଇଥିଲା। କିନ୍ତୁ କେତେକ ସ୍କୁଲ୍ କର୍ତ୍ତୃପକ୍ଷ ଫି' ହ୍ରାସକୁ ବିରୋଧ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ବିରୋଧ କରି ଇଣ୍ଟରଭେନ୍ସିଂ ପିଟିଶନ ଦାଏର କରିଥିଲେ। କିନ୍ତୁ ଏହି ପିଟିଶନକୁ ହାଇକୋର୍ଟ ଅଗ୍ରାହ୍ୟ କରିଥିଲେ। ଫି' ହ୍ରାସ ସମ୍ପର୍କରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏ ସମ୍ପର୍କରେ ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ସ୍କୁଲ ଉପରେ ସରକାରଙ୍କର କ'ଣ ନିୟନ୍ତ୍ରଣ ରହିଛି, ତାହା ଉପରେ ସ୍ପଷ୍ଟ ଆଭିମୁଖ୍ୟ ସତ୍ୟପାଠରେ ଦେବା ☞ପୃଷ୍ଠା-୨

# ୯ କମିଟିକୁ ଉଚ୍ଚ ମୂର୍ତ୍ତି ଅନୁମତି

କଟକ ଅଫିସ,୧୯।୧୦

## ଦୁର୍ଗାପୂଜା ମୂର୍ତ୍ତି ଉଚ୍ଚତା ବିବାଦ ମାମଲା

କଟକ ଦଶହରା ମୂର୍ତ୍ତି ନିର୍ମାଣ ବିବାଦକୁ ନେଇ ହାଇକୋର୍ଟରେ ଚାଲିଥିବା ମାମଲାର ସୋମବାର ଶୁଣାଣି ହୋଇଥିଲା। ଯେଉଁ ୯ଟି ପୂଜା କମିଟି ୪ ଫୁଟରୁ ଅଧିକ ଉଚ୍ଚର ମୂର୍ତ୍ତି ନିର୍ମାଣ କରିଛନ୍ତି ସେମାନେ ସେତିକି ଉଚ୍ଚର ମୂର୍ତ୍ତି ରଖି ପୂଜା କରିବେ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ଓ ଜଷ୍ଟିସ ବି.ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜିଲା ପ୍ରଶାସନ ପକ୍ଷରୁ ବିସର୍ଜନର ସମସ୍ତ ବନ୍ଦୋବସ୍ତ କରାଯିବ ବୋଲି ଶୁଣାଣିରେ ସ୍ପଷ୍ଟ କରାଯାଇଛି। ଏହି ଶୁଣାଣି ପରେ ସହରରେ ଦଶହରା ମୂର୍ତ୍ତି ନିର୍ମାଣ ବିବାଦର ଅନ୍ତ ଘଟିଛି।

ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ଦଶହରାକୁ ନେଇ ଏକ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିଥିଲେ। ମୂର୍ତ୍ତି ଉଚ୍ଚତା ୪ ଫୁଟ ରହିବ ଓ ମଣ୍ଡପକୁ ୩ ପାର୍ଶ୍ୱରୁ ଆବଦ୍ଧ ରଖାଯାଇ ପୂଜା କରାଯିବ ବୋଲି ଗାଇଡ୍‌ଲାଇନରେ ଉଲ୍ଲେଖ କରାଯାଇଥିଲା। ହେଲେ ଏହା ଜାରି ପୂର୍ବରୁ ସହରର ୯ଟି ପୂଜା କମିଟି ୪ ଫୁଟରୁ ଅଧିକ ଉଚ୍ଚର ମୂର୍ତ୍ତି ନିର୍ମାଣ କରିସାରିଥିଲେ। ପରେ ପୋଲିସ ପ୍ରଶାସନ ବିଭିନ୍ନ ପୂଜା କମିଟି ଯାଞ୍ଚ କରି ରିପୋର୍ଟ ପ୍ରସ୍ତୁତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଯେଉଁ ୯ଟି ପୂଜା କମିଟି ବଡ଼ ମୂର୍ତ୍ତି ନିର୍ମାଣ କରିଥିଲେ, ସେମାନେ ☞ପୃଷ୍ଠା-୨




# ଲଦାଖର ଡେମ୍‌ଚୋକ୍‌ରୁ ଚାଇନା ସୈନ୍ୟ ଗିରଫ

## ଔପଚାରିକତା ପରେ ଛଡ଼ାଗଲା

ନୂଆଦିଲ୍ଲୀ, ୧୯।୧୦

ପୂର୍ବ ଲଦାଖର ଡେମ୍‌ଚୋକ୍ ସେକ୍ଟର୍‌ରୁ ରବିବାର ବିଳମ୍ବିତ ରାତିରେ ଭାରତୀୟ ସେନା ଜଣେ ଚାଇନା ସୈନ୍ୟକୁ କାବୁ କରିଥିଲା। ପିଏଲ୍‌ଏ ସୈନ୍ୟ କର୍ପୋରାଲ୍ ୱାଙ୍ଗ୍ ୟା ଲଙ୍ଗ୍ ଏଲ୍‌ଏସି ପାର୍‌ହୋଇ ଭାରତୀୟ ଅଞ୍ଚଳରେ ପ୍ରବେଶ କରିବା ମାତ୍ରେ ତାଙ୍କୁ ଗିରଫ କରାଯାଇଥିଲା। ଏହା ଜଣାପଡ଼ିବା ପରେ ପିଏଲ୍‌ଏ ପକ୍ଷରୁ ନିଖୋଜ ସୈନ୍ୟଙ୍କୁ ଛାଡ଼ିଦେବା ଲାଗି ଭାରତକୁ ଅନୁରୋଧ କରାଯାଇଥିଲା। ସମସ୍ତ ଔପଚାରିକତା ପରେ ଭାରତ ପ୍ରୋଟୋକଲ ଅନୁଯାୟୀ ଲଙ୍ଗ୍‌ଙ୍କୁ ଚୁଶୁଲ୍‌ରେ ଚାଇନା ଅଧିକାରୀଙ୍କ ଉପସ୍ଥିତିରେ ଛାଡ଼ି ଦିଆଯାଇଛି। ଭାରତର ଏଭଳି ମାନବିକତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ପୂର୍ବ ଲଦାଖରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗି ରହିଥିବାବେଳେ ଚାଇନା ସୈନ୍ୟ ଭାରତ ସୀମା ମଧ୍ୟରେ ଧରାପଡ଼ିବା ଘଟଣା ଆଲୋଚନାର ବିଷୟ ପାଲଟିଛି। କେଉଁ କାରଣରୁ ଲଙ୍ଗ୍ ଭାରତରେ ପଶିଲେ, ସେନେଇ ଗୋଇନ୍ଦା ବିଭାଗ ପକ୍ଷରୁ ଜେରା କରାଯାଇଛି।

### ଆଜିର ସମ୍ପାଦକୀୟ

**ଭୋକର ଭବିଷ୍ୟତ**

# ପ୍ରଦୂଷଣ ଲୁଚାଇବାକୁ ଫନ୍ଦି

ଯାଜପୁର ଅଫିସ,୧୯।୧୦

- ଅନ୍‌ଲାଇନ୍ ମନିଟରିଂ ଷ୍ଟେଶନ ସ୍ଥାପନ ତାଲିକାରୁ କଳିଙ୍ଗନଗର ବାଦ୍
- ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଜିଲାବାସୀ
- ପୂର୍ବରୁ ରାଜ୍ୟର ଦ୍ୱିତୀୟ ପ୍ରଦୂଷିତ ସହର ବିବେଚିତ



ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ଓଡ଼ିଶାରେ ବାୟୁ ପ୍ରଦୂଷଣକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଗୁରୁବାର ଏକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ଏସ୍‌ପିସିବି ବୈଠକରେ ଏହି ମର୍ମରେ ରାଜ୍ୟର ୭ ସ୍ଥାନରେ କଣ୍ଟିନିୟସ ଏମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ଷ୍ଟେଶନ (ସିଏଏକ୍ୟୁଏମ୍‌ଏସ୍) ସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ କଟକ, ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ଅନୁଗୋଳ ଓ ଭୁବନେଶ୍ୱର ସ୍ଥାନ ପାଇଛି। ତେବେ ଖଣି ଓ ଶିଳ୍ପସମୃଦ୍ଧ ଏବଂ ଅତି ପ୍ରଦୂଷିତ ଜିଲା ଭାବେ ପରିଚିତ ଯାଜପୁରକୁ ଏହି ତାଲିକାରୁ ବାଦ୍ ଦିଆଯାଇଛି। ଏହା ଜଣାପଡ଼ିବା ପରେ ଜିଲାବାସୀ ଉଦ୍‌ବେଗ ପ୍ରକାଶ କରିବା ସହ ରବିବାର ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନଲାଇନ ମନିଟରିଂ ଷ୍ଟେଶନ ପ୍ରତିଷ୍ଠା କ୍ଷେତ୍ରରେ ଅତି ପ୍ରଦୂଷିତ କଳିଙ୍ଗନଗର, ଧର୍ମଶାଳା ଏବଂ ସୁକିନ୍ଦାକୁ କାହିଁକି ବାଦ୍ ଦିଆଗଲା ବୋଲି ଟୁଇଟ୍‌ରେ ପ୍ରଶ୍ନ କରାଯାଇଛି।

ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ରିପୋର୍ଟ ଆଧାରରେ ଦେଶର ୧୦୬ ସହର ମଧ୍ୟରୁ ଓଡିଶାର ୭ ସହର ଅତି ପ୍ରଦୂଷଣ ତାଲିକାଭୁକ୍ତ ହୋଇଛି। ଏହି ତାଲିକାରେ କଳିଙ୍ଗନଗର ଶିଳ୍ପାଞ୍ଚଳ ରହିଛି। ଷ୍ଟିଲ ହବ୍ ଭାବେ ପରିଚିତ କଳିଙ୍ଗନଗରରେ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ସ୍ଥାପନ ଓ ଉତ୍ପାଦନକ୍ଷମ ହେବା ପରେ ବାୟୁ ପ୍ରଦୂଷଣ କେବଳ ଅନିୟନ୍ତ୍ରିତ ନୁହେଁ, ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

"ମୋତେ ଫାଶୀଖୁଣ୍ଟରେ ଝୁଲାଇଦେଲେ ବି ୩୭୦ ଧାରା ପୁନଃସ୍ଥାପନ ଲାଗି ଜାରି ରହିଥିବା ସଂଗ୍ରାମରେ କୌଣସି ପରିବର୍ତ୍ତନ କରାଯିବନି।
-ଫାରୁକ୍ ଅବ୍ଦୁଲ୍ଲା, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅମୀୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦିଶାଙ୍କ 'ମିରର ସେଲ୍ଫି ଫଟୋ' ଭାଇରାଲ



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଦିଶା ପଟ୍ଟାନୀ ବୋଲ୍ଡ ଫଟୋ ଯୋଗୁଁ ଇଣ୍ଟରନେଟରେ ଚର୍ଚ୍ଚାରେ ରହିଥାନ୍ତି। ଏବେ ପୁଣିଥରେ ଦିଶା ଦମଦାର ଫଟୋ ପକାଇ ଦର୍ଶକଙ୍କ ମନରେ ନିଆଁ ଲଗାଇଦେଇଛନ୍ତି। ମିରର ଆଗରେ ଦିଶା ସ୍ପୋର୍ଟ୍ସ କାଜୁଆଲ ସୁଟ୍‌ରେ ଫଟୋ ଉଠାଇ ଫ୍ୟାନଙ୍କୁ ପାଗଳ କରିଦେଇଛନ୍ତି। ଏହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦିଶା ଦେଖିବାକୁ ଯେତିକି ସୁନ୍ଦର ସେତିକି ତାଙ୍କ ଫିଗରଥ ମେଣ୍ଟେନ ମଧ୍ୟ। ତେବେ ଏହି ଫଟୋରେ ତାଙ୍କର ଫ୍ଲାଟ ଟମି ସହିତ ଆବ୍ସରେ ସେ ନଜର ଆସିଛନ୍ତି। ଫଟୋଟି ଶେୟାର ହେଉ ହେଉ ଫ୍ୟାନମାନେ ଲାଇକ୍ କରିବା ସହ କମେଣ୍ଟ ମଧ୍ୟ କରିଛନ୍ତି। ଏହାପୂର୍ବରୁ ଦିଶା ଇନଷ୍ଟାଗ୍ରାମରେ ଏକ ହଳଦିଆ ରଙ୍ଗର ଷ୍ଟାଇଲିଶ ବିକିନିରେ ନଜର ଆସିଥିଲେ। ସେଠାରେ ଚାରିଆଡ ସବୁଜ ରଙ୍ଗର ହୋଇଥିବା ବେଳେ ସମୁଦ୍ର ତଟରେ ଦିଶା ପୋଜ ଦେଉଥିବାର ନଜର ଆସି ଥିଲେ। ଏସବୁ ମଧ୍ୟରେ ୱାର୍କ ଫ୍ରଣ୍ଟରେ ଦିଶା ବର୍ତ୍ତମାନ 'ରାଧେ:ୟୋର ମୋଷ୍ଟ ୱାଣ୍ଟେଡ ଭାଇ'ର ସୁଟିଂ କରୁଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ସଲ୍‌ମାନ ଖାନ୍ ଅଛନ୍ତି। ଆକ୍ସନ-ଡ୍ରାମା ସଲମାନଙ୍କ ଏହି ୨୦୨୦ ଇଦ୍‌ରେ ରିଲିଜ ହେବାର ଥିଲା କିନ୍ତୁ କରୋନା ମହାମାରୀ ଯୋଗୁ ବିଳମ୍ବ ହୋଇଛି।

ପ୍ରଥମ ପୃଷ୍ଠାରୁ...

## ଭୁଲିଗଲେ ବର୍ଷା...

ସମ୍ପ୍ରସାରଣ କରାଯାଇଥିଲା। ଏହି ଯୋଜନା ଭୂତଳ ଜଳ ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିଲା। ୨୦୧୫ରୁ ୨୦୧୯ ମଧ୍ୟରେ ୯୪୩୮ଟି ବେସରକାରୀ କୋଠା ଓ ୩୫୮ଟି ସରକାରୀ ଛାତ ଉପରେ ବର୍ଷା ଜଳ ସଂରକ୍ଷଣ କାର୍ଯ୍ୟକାରୀ ହୋଇଥିଲା। ସେହିପରି ୨୦୧୯-୨୦ରେ ୨୫ଟି ସହରରେ ୬୫ ସରକାରୀ ଏବଂ ୫୫୦୦ ବେସରକାରୀ ଘର ଛାତ ଉପରେ ଏହି ଜଳ ଅମଳ ପ୍ରକଳ୍ପ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ପ୍ରତ୍ୟେକ ବର୍ଷ ଏଥିପାଇଁ ୫୦ରୁ ୧୦୦ କୋଟି ଟଙ୍କାର ବଜେଟ ହେଉଥିଲା। ଏହାର ଲୋକପ୍ରିୟତାକୁ ଦେଖି ଜଳସମ୍ପଦ ବିଭାଗ ଏହି ସ୍କିମକୁ ରାଜ୍ୟର ୨୭ଟି ସହର ଏବଂ ୪୯ଟି ବ୍ଲକକୁ ସମ୍ପ୍ରସାରଣ କରିବାକୁ ନିଷ୍ପତ୍ତି ନେଇଥିଲା। ୨୦୧୯ ଫେବୃୟାରୀରେ ଭୂତଳ ଜଳ ନିର୍ଦ୍ଦେଶାଳୟ ପକ୍ଷରୁ ଏଥିପାଇଁ ୨.୫ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ଏହି ଯୋଜନାକୁ ଅର୍ଥ ବିଭାଗର ଇଏଫସି (ଏକ୍ସପେଣ୍ଡିଚର ଫାଇନାନ୍ସ କମିଟି) ବୈଠକରେ ଅନୁମୋଦନ କରାଗଲା ନାହିଁ। ଫଳରେ ଏହି ଯୋଜନା ଏବେ ବାଟବଣା ହୋଇଯାଇଛି। ଏହି ଯୋଜନା ବନ୍ଦ ହେବା ଦ୍ୱାରା ୧୦୦ରୁ ଊର୍ଦ୍ଧ୍ୱ ଡିପ୍ଲୋମା ଇଞ୍ଜିନିୟର ମଧ୍ୟ କାମ ହରାଇଛନ୍ତି।

ଜଳ ସଂରକ୍ଷଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ କେଉଁଥିପାଇଁ ବନ୍ଦ କରିଦିଆଗଲା ତାହା ଅସ୍ପଷ୍ଟ ରହିଛି। ଭୂତଳ ଜଳ ନିର୍ଦ୍ଦେଶାଳୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ପଟ୍ଟନାୟକ କହିଛନ୍ତି ଯେ, ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା, ମାତ୍ର ତାହାକୁ ଇଆଇସି ପକ୍ଷରୁ ଅନୁମୋଦନ କରାଯାଇ ନାହିଁ। ଆମେ ପ୍ରସ୍ତାବ ଦେଇଛୁ। କେବେ ହେବ ସେ କଥା ଆମେ କହିପାରିବୁ ନାହିଁ। ରାଜ୍ୟରେ ଜଳର ଚାହିଦା ବଢି ଚାଲୁଥିବା ବେଳେ ସଂରକ୍ଷଣ ପ୍ରତି ଧ୍ୟାନ ନ ଦେବା ନେଇ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ୭ଦିନରେ ସ୍ପଷ୍ଟୀକରଣ...

ପାଇଁ ହାଇକୋର୍ଟ କହିଛନ୍ତି। ଆସନ୍ତା ନଭେମ୍ବର ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଉଲ୍ଲେଖଯୋଗ୍ୟ, କମିଟି ପକ୍ଷରୁ ଦିଆଯାଇଥିବା ସୁପାରିସ ଅନୁଯାୟୀ, ବାର୍ଷିକ ୬ହଜାର ଟଙ୍କା ପର୍ଯ୍ୟନ୍ତ ଟ୍ୟୁଶନ ଫିʼରେ କୌଣସି ଫିʼ ଛାଡ଼ କରାଯିବନି। ତେବେ ୬ରୁ ୧୨ ହଜାର ଟଙ୍କା ଯାଏ ଫିʼ ନେଉଥିଲେ ୭.୫ ପ୍ରତିଶତ, ୧୨ରୁ ୨୪ହଜାର ଯାଏ ୧୨ପ୍ରତିଶତ, ୨୪ରୁ ୪୮ହଜାର ଯାଏ ୧୫ ପ୍ରତିଶତ, ୪୮ରୁ ୭୨ହଜାର ଯାଏ ୨୦ ପ୍ରତିଶତ, ୭୨ରୁ ୧ ଲକ୍ଷ ଟଙ୍କା ଫିʼରେ ୨୫ ପ୍ରତିଶତ ଓ ୧ଲକ୍ଷରୁ ଅଧିକ ଫିʼ ପାଇଁ ୨୬ ପ୍ରତିଶତ ହ୍ରାସ କରିବାକୁ ସୁପାରିସ କରାଯାଇଛି। ତେବେ ରେସିଡେନ୍ସିଆଲ ସ୍କୁଲ୍‌ଗୁଡିକର ଫିʼ ୩୦ପ୍ରତିଶତ ହ୍ରାସ ପାଇଁ କମିଟି ସୁପାରିସ କରିଛି।

## ସ୍ୱର୍ଗଦ୍ୱାରରୁ କଟକଣା...

ମହୋଦଧିରେ ଅସ୍ଥି ବିସର୍ଜନ କରିବାର ପରମ୍ପରା ବି ରହିଛି। ତେବେ କିଛିମାସ ପୂର୍ବରୁ ସ୍ୱର୍ଗଦ୍ୱାରରେ ପୁରୀ ଜିଲା ବାହାରର ମୃତଦେହ ଦାହ ଉପରେ କଟକଣା ଲଗାଯାଇଥିଲା। ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା କରି ଏଭଳି କଠିନ ନିଷ୍ପତ୍ତି ନେବାକୁ ପଡ଼ିଥିଲା। ତେବେ ଗତ ୧୦/୧୫ ଦିନ ହେବ ପୁରୀ ଜିଲା ବିଶେଷକରି ସହରରେ ସଂକ୍ରମିତଙ୍କ ସଂଖ୍ୟା କମୁଥିବାରୁ ଏବେ କଟକଣା ହଟାଇ ଦିଆଯାଇଛି। ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ମାନି ଏଣିକି ଲୋକେ ସେମାନଙ୍କ ଆତ୍ମୀୟଙ୍କ ମୃତଦେହ ଏଠାରେ ସତ୍କାର କରିପାରିବେ। କିନ୍ତୁ ୨୦ ଜଣରୁ ଅଧିକ ଆସିବେ ନାହିଁ। ସମସ୍ତେ ମାସ୍କ ପିନ୍ଧିବେ ଏବଂ ସାମାଜିକ ଦୂରତା ରକ୍ଷା କରିବେ। ମ୍ୟୁନିସିପାଲିଟି ପକ୍ଷରୁ ସାନିଟାଇଜର ବ୍ୟବସ୍ଥା କରାଯାଇଛି। ସ୍ୱର୍ଗଦ୍ୱାର ପ୍ରତି ଥିବା ସମସ୍ତଙ୍କ ଭାବନାକୁ ଦେଖି କଟକଣା ହଟାଇ ଦିଆଯାଇଛି। କିନ୍ତୁ କରୋନାରେ ଯଦି କାହାର ମୃତ୍ୟୁ ହୋଇଥାଏ ତେବେ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇପାରିବ ନାହିଁ। ସେହିପରି ମୃତଦେହ ଆଣି ଆସିଥିବା ସମ୍ପର୍କୀୟଙ୍କ କୋଭିଡ୍ ନେଗେଟିଭ ରିପୋର୍ଟ ଆବଶ୍ୟକ ନାହିଁ ବୋଲି ସ୍ପଷ୍ଟ କରିଦିଆଯାଇଛି। ସୂଚନାଯୋଗ୍ୟ, ସ୍ୱର୍ଗଦ୍ୱାର ପ୍ରତିଟି ହିନ୍ଦୁଙ୍କ ଭାବାବେଗ ସହ ଜଡ଼ିତ। ବିଶ୍ୱାସ ରହିଛି ଏଠାରେ ମୃତଦେହ ଦାହ କଲେ ଆତ୍ମା ମୋକ୍ଷପ୍ରାପ୍ତି ହୋଇଥାଏ। ଏହି ବିଶ୍ୱାସକୁ ପାଥେୟକରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଦୈନିକ ବହୁ ସଂଖ୍ୟାରେ ମୃତଦେହ ଦାହ ପାଇଁ ଆସିଥାଏ।

## ୯ କମିଟିକୁ ଉଚ୍ଚ...

ମୂର୍ତ୍ତିର ଆକାର ପରିବର୍ତ୍ତନ କରିବାକୁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ପୁନର୍ବାର ହାଇକୋର୍ଟରେ ୫ ମାମଲା ରୁଜୁ ହୋଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଏଥିରେ ୪ଫୁଟ ମୂର୍ତ୍ତି ସପକ୍ଷରେ ମତ ରଖାଯାଇଥିଲା। ମୂର୍ତ୍ତି ନିର୍ମାଣକୁ ନେଇ ଅନୁଧ୍ୟାନ ରିପୋର୍ଟ ଦାଖଲ କରିବାକୁ ଆଡ୍‌ଭୋକେଟ ଜେନେରାଲ(ଏଜି)ଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଏଜିଙ୍କ ପକ୍ଷରୁ ରିପୋର୍ଟ ଦାଖଲ ହୋଇଥିଲା। ଏହି ରିପୋର୍ଟ ଆଧାରରେ ଶୁଣାଣି ହୋଇଛି। ଶୁଣାଣି ସମୟରେ ବାଲୁବଜାର, ଉପର ତେଲେଙ୍ଗାବଜାର ଓ ଫିରିଙ୍ଗିବଜାର ପୂଜା କମିଟିର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳାରେ ପୂଜା ସମାପନ କରିବାକୁ ହାଇକୋର୍ଟ ସହରର ସମସ୍ତ ପୂଜା କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ପୂଜା ଓ ବିସର୍ଜନ ସମୟରେ ଗହଳି ନ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି।

## ପ୍ରଦୂଷଣ ଲୁଚାଇବାକୁ...

ସାଂଘାତିକ ହେଉଛି ବୋଲି ମତପ୍ରକାଶ ପାଇଛି। ବାୟୁ ପ୍ରଦୂଷଣ ନିରୀକ୍ଷଣ କେନ୍ଦ୍ର ପକ୍ଷରୁ ୨୦୧୫ରୁ ୨୦୧୭ ମଧ୍ୟରେ ସଂଗୃହୀତ ତଥ୍ୟ ଅନୁସାରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବାୟୁ ଗୁଣାତ୍ମକ ମାନ ପ୍ରତି ଘନମିଟର (କ୍ୟୁବିକ୍‌ମିଟର) ପିଛା ୧୧୩ ମାଇକ୍ରୋଗ୍ରାମ୍ ରହିଥିଲା। ଏହି ୩ ବର୍ଷ ମଧ୍ୟରେ ସିମେଣ୍ଟ କାରଖାନାର ଆଗମନ ଏବଂ ସୁକିନ୍ଦା ରେଲୱେ ସାଇଡିଂରେ ବିଭିନ୍ନ କଞ୍ଚାମାଲ ଅନଲୋଡିଂ ବୃଦ୍ଧି ଯୋଗୁ ଘନମିଟର ପିଛା ୧୨୦ ମାଇକ୍ରୋଗ୍ରାମ୍‌ରୁ ଅଧିକ ହୋଇଥିବା ଅନୁମାନ କରାଯାଉଛି। ୨୦୧୯ରେ ଗ୍ରୀନପିସ୍ ନାମକ ଏକ ସର୍ଭେ ସଂସ୍ଥାର ରିପୋର୍ଟ ଅନୁସାରେ କଳିଙ୍ଗନଗର ରାଜ୍ୟର ଦ୍ୱିତୀୟ ସର୍ବାଧିକ ପ୍ରଦୂଷଣ ସହର ଭାବେ ଅଭିହିତ ହୋଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ଦ୍ୱାରା ନିର୍ଦ୍ଧାରିତ ବାର୍ଷିକ ବାୟୁ ଗୁଣାତ୍ମକ ମାନ ଘନମିଟର ପିଛା ୬୦ ମାଇକ୍ରୋଗ୍ରାମ କଣିକା ରହିବା କଥା, ଯାହାକି ପାଳନ କରିବାରେ ଏସପିସିବି ବିଫଳ ହେଉଛି ବୋଲି ଅଭିଯୋଗ ହୋଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଗତ ୨ ବର୍ଷ ମଧ୍ୟରେ ଯକ୍ଷ୍ମାରୋଗରେ ଜିଲାରେ ୨୦୧ ଲୋକଙ୍କ ମୃତ୍ୟୁ ହୋଇଛି। ଏଥିରେ କେବଳ ଖଣି, ଶିଳ୍ପାଞ୍ଚଳ ସୁକିନ୍ଦା ଓ ଦାନଗଦୀ ଅଞ୍ଚଳର ୧୦୭ ଜଣ ରହିଛନ୍ତି। ଅର୍ଥାତ୍ କେବଳ ଖଣି ଓ ଶିଳ୍ପାଞ୍ଚଳରେ ୫୩ ପ୍ରତିଶତ ଯକ୍ଷ୍ମା ରୋଗୀଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ସୂଚନା ମିଳିଛି। ଏଥିରୁ ବାୟୁ ପ୍ରଦୂଷଣର ଭୟାବହତା ଜଳଜଳ ଦିଶୁଛି। ସୁକିନ୍ଦା ଖଣିରେ ବ୍ୟାପକ କ୍ରୋମ୍ ଉତ୍ତୋଳନ ଯୋଗୁ ବାୟୁ ପ୍ରଦୂଷଣ ଉତ୍କଟ ହୋଇଛି। ସେହିପରି ଧର୍ମଶାଳା ତହସିଲ ଅଞ୍ଚଳରେ ଶତାଧିକ ପଥର ଖାଦାନ ଓ କ୍ରଶର ବାୟୁ ପ୍ରଦୂଷଣକୁ ଅନିୟନ୍ତ୍ରିତ କରିଛି। ନିର୍ଦ୍ଧାରିତ ପରିବେଶ ମାନଦଣ୍ଡକୁ ଯେଉଁ ଶିଳ୍ପ କମ୍ପାନୀ ମାନୁନାହାନ୍ତି ସେଗୁଡ଼ିକ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ଗତ ନଭେମ୍ବର ୭ରେ ଏସ୍‌ପିସିବିକୁ ନିର୍ଦ୍ଦେଶ (ପତ୍ର ସଂଖ୍ୟା ୯୪୩୨) ଦେଇଥିଲେ। ହେଲେ ତାହା ଏଯାଏ କାର୍ଯ୍ୟକାରୀ ହୋଇପାରୁନାହିଁ।

କେନ୍ଦୁଝର ଜିଲାରେ ଗତ ଜୁଲାଇର ବାୟୁ ପ୍ରଦୂଷଣ ମାତ୍ରା ଘନମିଟର ପିଛା ୪୩ ମାଇକ୍ରୋଗ୍ରାମ ରହିଥିଲାବେଳେ କଳିଙ୍ଗନଗରରେ ସର୍ବାଧିକ ଘନମିଟର ପିଛା ୧୦୮ ମାଇକ୍ରୋଗ୍ରାମ ରହିଥିଲା। କିନ୍ତୁ କେନ୍ଦୁଝର ଜିଲାରେ ଅନଲାଇନ ମନିଟରିଂ ଷ୍ଟେଶନ ସ୍ଥାପନ ନିଷ୍ପତ୍ତି ହୋଇଥିବାବେଳେ କଳିଙ୍ଗନଗରକୁ କାହିଁକି ବାଦ ଦିଆଯାଇଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜାଣିଶୁଣି କଳିଙ୍ଗନଗରର ପ୍ରଦୂଷଣକୁ ଲୁଚାଇବାକୁ ଏଭଳି ଫନ୍ଦି କରାଯାଇଛି ବୋଲି ଲୋକେ ସନ୍ଦେହ କରୁଛନ୍ତି। ଆଡଭୋକେଟ ସତ୍ୟପ୍ରକାଶ ବେହୁରିଆ, ଛାତ୍ର ଦିଗାମ୍ବର ସାହୁ କହିଛନ୍ତି କଳିଙ୍ଗନଗରର ବାୟୁ ପ୍ରଦୂଷଣ ମାତ୍ରା ଅତ୍ୟଧିକ ରହିଛି। ତଥାପି ଅନଲାଇନ ମନିଟରିଂ ଷ୍ଟେଶନ ସ୍ଥାପନ କରିବାରେ ଯାଜପୁର ଜିଲାକୁ ବାଦ୍ ଦେବା ବିଡମ୍ବନା ଛଡ଼ା କିଛି ନୁହେଁ। ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠର ଅଭିଯୋଗ ବାର୍ତ୍ତା ସେ ପାଇଛନ୍ତି। କାର୍ଯ୍ୟଦିବସରେ ମୁଖ୍ୟ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ବନ୍ଧୁଙ୍କ ସହାୟତାରେ ଅବୁଝା ବନ୍ଧୁଙ୍କୁ ବୁଝାଇ ମନେଇବାରେ ମଧ୍ୟ ସମର୍ଥ ହୋଇପାରିବେ। ମନ ଚାହୁଁଥିବା ଜିନିଷ ଲାଭ କରିବା ଦିଗରେ ଚେଷ୍ଟା ଅବ୍ୟାହତ ରଖିଲେ ଆଶା ଅପୂରଣୀୟ ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟ, ସଭାସମିତି, ଯାତ୍ରା ଓ ବନ୍ଧୁମିଳନର ସୁଯୋଗ ପାଇପାରନ୍ତି।

**ବୃଷ**
କର୍ମକ୍ଷେତ୍ରରେ ଅବହେଳାଜନିତ ଅଟକି ରହିଥିବା କାମଗୁଡ଼ିକୁ ତ୍ୱରାନ୍ୱିତ କରିପାରିବେ। ଆଶା କରୁଥିବା ଦିଗରୁ ଧନପ୍ରାପ୍ତି ସହ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ବିବାଦର ସମାଧାନ କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି। ରୋହିଣୀ ନକ୍ଷତ୍ର ଜମିଜମା, କଚେରି ମାମଲା, ଆଲୋଚନା ସଭା ଓ ଲେଖାପଢା ଦିଗରୁ ଉପକୃତ ହେବେ।

**ମିଥୁନ**
ଆଜି ଏକ ବିଶେଷ କାର୍ଯ୍ୟକ୍ରମରୁ ଅର୍ଥଲାଭ ଓ ସମ୍ମାନ ପ୍ରାପ୍ତିର ଯୋଗ ରହିଛି। ପରିବାରର ଆବଶ୍ୟକତାକୁ ନେଇ ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅଫିସ୍ କାମରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଆର୍ଦ୍ରା ନକ୍ଷତ୍ରର ବ୍ୟବସାୟରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ।

**କର୍କଟ**
ଆଜି ସାମାଜିକ ସ୍ତରରେ ନିଜ କ୍ଷମତାର ଅପବ୍ୟବହାର ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ନିଜ ଲୋକଙ୍କୁ ଅବିଶ୍ୱାସ କରି ପରକଥାରେ ପ୍ରଭାବିତ ହୋଇ ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ଆକସ୍ମିକ ଆଗନ୍ତୁକ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଳାପ ଆଲୋଚନା କରିବାକୁ ପଡିପାରେ।

**ସିଂହ**
ଆପଣଙ୍କ ପାରିବାରିକ ଆବଶ୍ୟକତାକୁ ନେଇ ବ୍ୟୟର ମାତ୍ରା କ୍ରମଶଃ ବୃଦ୍ଧି ପାଇବ। ଏକାଧିକ ବିଭିନ୍ନ ପ୍ରକାରର କାମରେ ଅନୁପ୍ରବେଶ କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ତଥାପି ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**କନ୍ୟା**
ଆପଣ ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ପରୋକ୍ଷ ଶତ୍ରୁତା, ଋଣ ଉଠାଣ, ଲଟେରି କାରବାରରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ ଏବଂ ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ।

**ତୁଳା**
ପରିବାର ଭିତରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ ଓ ସଫଳତା ମଧ୍ୟ ପାଇବେ। ବନ୍ଧୁମାନଙ୍କ ସହ ହସ ଖୁସୀ ଓ ବିଳାସ ବ୍ୟସନରେ ସମୟ ଅତିବାହିତ ହେବ। ଆଧ୍ୟାତ୍ମିକ ପ୍ରବଚନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ବିଛା**
ପାରିପାର୍ଶ୍ୱିକ ପରିବେଶ ଓ ପରିସ୍ଥିତିକୁ ନେଇ ସାମାନ୍ୟ ଅସ୍ଥିରତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଯାତ୍ରା ପାଇଁ ପ୍ରସ୍ତୁତିପର୍ବ କରିପାରନ୍ତି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ। ଜ୍ୟେଷ୍ଠା ନକ୍ଷତ୍ରର ରାଜନୈତିକ ସ୍ଥିତି ଓ ଅର୍ଥନୈତିକ ପ୍ରଗତି, ସାମାଜିକ ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ।

**ଧନୁ**
ଭୁଲ୍ ବୁଝାମଣା କାରଣରୁ ପରିବାରରେ ଶ୍ରଦ୍ଧା, ସମ୍ମାନ ଓ ଆଦରର ନ୍ୟୂନତା ଉପଲବ୍ଧ କରିବେ। କର୍ମକ୍ଷେତ୍ରରେ ଅସହଯୋଗ କାରଣଜନିତ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। କୌଣସି ବିଶ୍ୱସନୀୟ ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି।

**ମକର**
କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ସାହାଯ୍ୟ ଲାଭକରି କାର୍ଯ୍ୟ ହାସଲ କରିବେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ। ଧନିଷ୍ଠା ନକ୍ଷତ୍ର ବିବଦୀୟ ଘଟଣାରେ ବନ୍ଧୁଙ୍କ ମଧ୍ୟସ୍ଥତା କରି ସମସ୍ୟା ସମାଧାନ କରିପାରିବେ।

**କୁମ୍ଭ**
କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଘର ସାଜସଜ୍ଜାରେ, ଆନୁଷ୍ଠାନିକ କାମରେ, ନୃତ୍ୟ ଓ ସଙ୍ଗୀତରେ ମଜି ରହିପାରନ୍ତି। କୌଣସି ଜନ ହିତକର କାମରେ ତାହାକୁ ବିନିଯୋଗ କରିବା ପାଇଁ ଚିନ୍ତା କରିବେ। ପୂର୍ବଭାଦ୍ରବ ନକ୍ଷତ୍ରର ଯାତ୍ରାରେ କଳହ ଲାଗିବାର ଆଶଙ୍କା ରହିଛି।

**ମୀନ**
ଆପଣଙ୍କ ଲୋକପ୍ରିୟତା ଓ ପ୍ରତିଷ୍ଠା ପ୍ରଶଂସା ଅନ୍ୟମାନଙ୍କର ଗାତ୍ରଦାହର କାରଣ ହୋଇପାରେ। ଖଳଲୋକମାନଙ୍କ ଅନୁପ୍ରବେଶ କାରଣରୁ ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟିହେବ। ଜଣେ ବ୍ୟକ୍ତି କର୍ମକ୍ଷେତ୍ରରେ ହଠାତ ଅସହଯୋଗ କରି ସମସ୍ୟାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରନ୍ତି।

ଆଜି ଆଶ୍ୱିନ ଶୁଦ୍ଧ ଶୁକ୍ଳପକ୍ଷ ଚତୁର୍ଥୀ ଯୁକ୍ତ ୫ମୀ ମଙ୍ଗଳବାର, ଅକ୍ଟୋବର ୨୦ ତାରିଖ, ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ, ଆନ୍ତର୍ଜାତିକ ଶିଶୁଦିବସ, ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ମକର ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୪୬ମି. ଗତେ ଘ.୦୬.୩୨ମି.ମଧ୍ୟେ, ଘ.୦୭.୧୮ମି. ଗତେ ଘ.୧୧.୦୮ମି. ମଧ୍ୟେ, ରାତ୍ରି ଘ.୦୭.୪୬ମି. ଗତେ ଘ.୦୮.୩୬ମି. ମଧ୍ୟେ, ଘ.୦୯.୨୬ମି. ଗତେ ଘ.୧୧.୫୬ମି. ମଧ୍ୟେ, ଘ.୦୪.୦୬ମି. ଗତେ ଘ.୦୫.୪୭ମି. ମଧ୍ୟେ ଅମୃତବେଳା। ସନ୍ଧ୍ୟା ଘ.୦୫.୧୫ମି. ଗତେ ଘ.୦୭.୪୬ମି. ମଧ୍ୟେ, ଘ.୦୧.୩୬ମି. ଗତେ ଘ.୦୩.୧୬ମି.ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୨.୨୩ମି. ଗତେ ଘ.୦୩.୪୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Bhubaneswar Airport 7k.m ମୌଜା କୁହା Appartment/ Duplex ପାଖରେ 1500sqft. 14,25,000/- କିଣି ଘର କରନ୍ତୁ। Sasmita-6370476317 D-69188

**Well developed 30'road, ଘରବାରୀ, boundary, ଇଲେକ୍ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner-9437033320.** D-69181

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

**ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK Simplex/ Duplex ଅଛି। 8327785834, 9658122456.** D-69182

Ready to move duplex and 3/2BHK flats available near V-2showroom Patrapada, Bhubaneswar. 9861037729, 9040337729 D-63990

**Plot sale near AIIMS Hospital Bhubaneswar with 30' Road. 9439206202** D-69190

URGENT SALE - 53Crore, Iconic building near Infosys1, Bhubaneswar. 1 Acre land, 63000sqft built-up Whatsapp: 943-751-3333. URGENT SALE. D-18662

**PURCHASE**

Land requires for plotting project in around, Bhubaneswar. 9937816565, 9937568585 D-18649

**GENERAL**

**PURCHASE**

**We buy old gold, land, building. Please contact Hindustan-Jewellers 9437033691** D-68386




**Godown space available near Puri bypass area 18000/-, open space 15000/-. 9938125254** D-18598

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open SPA centre smart therapist full body massage: 7846814019. D-59967

Newly open SPA centre smart therapist full body massage: 7205187702. D-59966

Newly open SPA centre smart therapist full body massage: 8114970372. D-59968

Refreshing your mind & body with best therapy at Lotus Spa. 8018234866 D-69565

Newly open full body massage SPA in Bhubaneswar. Contact: 7205058838. D-69792

Rejuvenate and Ayurvedic full body massage by smart therapist. 9348123330. D-69793

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69788

Swarna Spa gives Durga Puja offer @899 all type massages Ashok Nagar, 9556978408 D-69789

Herbal full body massage by smart / expert therapist. Contact: 8338067247. D-69787

Get refreshment body massage by expert therapist contact for 7205084157. D-69791

**AFFIDAVIT**

By virtue of deed of surname change affidavit I, Krupasindhu Chhatria S/o- Baikuntha Chhatria of Vill- Godipata, Po.- Rupra, PS- Kesinga, Dist.- Kalahandi, have changed my surname from Krupasindhu Harijan S/o- Baikuntha Harijan to Krupasindhu Chhatria, S/o- Baikuntha Chhatria and hence forward shall be known as Krupasindhu Chhatria, S/o- Baikuntha Chhatria in all purpose. D-18663

Affidavit before Executive Magistrate, Dhenkanal, dtd. 13.10.20, my surname has changed from Parida to Dalei. I shall be known as Abanti Dalei W/o- Kshirod Kumar Dalei, Village-Galapada, P.O.-Beruanpal, P.S.-Balimi, Dist.- Dhenkanal for all purposes. D-66886

By virtue of deed of surname change affidavit I, Tuku Kumar S/o- Kshirasindhu Kumar of Vill.- Godipata, Po.- Rupra, PS.- Kesinga, Dist.- Kalahandi, have changed my surname from Tuku Harijan S/o- Kshirasindhu Harijan to Tuku Kumar, S/o- Kshirasindhu Kumar and hence forward shall be known as Tuku Kumar S/o- Kshirasindhu Kumar in all purpose. D-18664

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# 'ମୋ ବିଦ୍ୟୁତ୍' ପୋର୍ଟାଲ ସେବା ଆରମ୍ଭ




'ମୋ ବିଦ୍ୟୁତ' ପୋର୍ଟାଲ ଓ ମୋବାଇଲ ଆପ୍‌କୁ ଶୁଭାରମ୍ଭ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ।

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

- ଖୁବ୍‌ଶୀଘ୍ର ଗୁଗଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ହେବ ମୋବାଇଲ ଆପ୍
- ୮୯ ଲକ୍ଷ ଉପଭୋକ୍ତାଙ୍କୁ ମିଳିବ ଉତ୍ତମ ସେବା: ମୁଖ୍ୟମନ୍ତ୍ରୀ
- ବିଦ୍ୟୁତ୍ ବ୍ୟବସ୍ଥାକୁ ତଦାରଖ କରିବ 'ମୋ ସରକାର'

ରାଜ୍ୟର ବିଦ୍ୟୁତ୍ ସେବା 'ମୋ ସରକାର' ଦ୍ୱାରା ତଦାରଖ କରାଯିବ। ରାଜ୍ୟର ୮୯ ଲକ୍ଷ ଉପଭୋକ୍ତାଙ୍କ ସୁବିଧା ପାଇଁ ପ୍ରସ୍ତୁତ କରାଯାଇଛି 'ମୋ ବିଦ୍ୟୁତ୍' ପୋର୍ଟାଲ ସେବା (www.mobidyut.com) ଓ ମୋବାଇଲ ଆପ୍। ଏହି ଅନ୍‌ଲାଇନ ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନ୍‌ଫରେନ୍ସ ଦ୍ୱାରା ଶୁଭାରମ୍ଭ କରିଛନ୍ତି। ଶକ୍ତି ବିଭାଗ ଦ୍ୱାରା ପ୍ରସ୍ତୁତ ଦ୍ୱୈତଭାଷାର ପୋର୍ଟାଲକୁ ୫-ଟି ବ୍ୟବସ୍ଥା ଦ୍ୱାରା ଲୋକମାନଙ୍କ ପାଇଁ ଉତ୍ସର୍ଗ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଲୋକମାନେ ଉପଯୋଗୀ ଏବଂ ସ୍ୱଚ୍ଛ ଅନ୍‌ଲାଇନ ପୋର୍ଟାଲ ପାଇପାରିବେ। ବିଦ୍ୟୁତ୍ ଏକ ଅତ୍ୟାବଶ୍ୟକ ସେବା। ଆଧୁନିକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏହାର ଗୁରୁତ୍ୱ ରହିଛି। ଏଥିଯୋଗୁ ଏହି ସେବାକୁ ମୋ ସରକାର ଦ୍ୱାରା ତଦାରଖ କରାଯିବ। ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉପଭୋକ୍ତାଙ୍କ ସହ ଯୋଗାଯୋଗ କରି ସେମାନଙ୍କଠାରୁ ମତାମତ ସଂଗ୍ରହ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଆଉ ବିଲ୍ ପଇଠ କରିବା, ନୂତନ ସଂଯୋଗ ଓ ଅଭିଯୋଗ ଶୁଣାଣି ପାଇଁ ଅଫିସକୁ ଦୌଡିବାକୁ ପଡିବ ନାହିଁ। ଏହାର ଫାଇଦା ୮୯ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେମାନଙ୍କର ବିଦ୍ୟୁତ୍‌ଜନିତ ସମସ୍ୟାର ସମାଧାନ ପାଇଁ ଏହାର ଫାଇଦା ନେବାକୁ ମୁଖ୍ୟମନ୍ତ୍ରୀ ଉପଭୋକ୍ତାମାନଙ୍କୁ ଅନୁରୋଧ କରିଛନ୍ତି। ଏହାସହ ଏହି ସୁବିଧା ପାଇଁ ମୋବାଇଲ ଆପ୍ ମଧ୍ୟ ବିକଶିତ କରାଯାଇଛି। ଖୁବ୍‌ଶୀଘ୍ର ଏହା ଗୁଗଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ହେବ। ଲୋକମାନେ ଏହାକୁ ଡାଉନଲୋଡ୍ କରି ସୁବିଧା ନେଇପାରିବେ। ଲୋକମାନଙ୍କୁ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଶକ୍ତି ବିଭାଗ ଆଗେଇ ଆସିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ୱେବ୍‌ପୋର୍ଟାଲ ଜରିଆରେ ଉପଭୋକ୍ତାମାନେ ୫ କିଲୋୱାଟ ପର୍ଯ୍ୟନ୍ତ ଘରୋଇ, ସାଧାରଣ ବ୍ୟବହାର, ଜଳସେଚନ, ପାଣିପମ୍ପ ଏବଂ କୃଷି ପାଇଁ ୪୮ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସଂଯୋଗ ପାଇପାରିବେ। ବିଦ୍ୟୁତ୍ ବିଲ୍ ପୈଠ, ଅଭିଯୋଗ ଶୁଣାଣି ଆଦି କରାଯାଇପାରିବ। ଅନ୍‌ଲାଇନ ବିଦ୍ୟୁତ୍ ବିଲ୍ ପଇଠ କରି ୨ ପ୍ରତିଶତ ରିହାତି ତୁରନ୍ତ ପାଇପାରିବେ। ଟାଟାପାୱାର କମ୍ପାନୀ, ନେସ୍କୋ, ସାଉଥ୍‌କୋ ଏବଂ ୱେସ୍କୋ ପାଇଁ ଗୋଟିଏ ଅନ୍‌ଲାଇନ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ, ୫-ଟି ଅଧୀନରେ ଗ୍ରାହକଙ୍କୁ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଶକ୍ତି ବିଭାଗ ବଦ୍ଧପରିକର। ଶକ୍ତି ସଚିବ ନିକୁଞ୍ଜ ଧଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗ୍ରୀଡ୍‌କୋ ଅଧ୍ୟକ୍ଷ ସୌରଭ ଗର୍ଗ ପୋର୍ଟାଲର ଉପକାରିତା ବିଷୟରେ ସୂଚନା ଦେଇଥିଲେ। ଗ୍ରୀଡ୍‌କୋ ନିର୍ଦ୍ଦେଶକ (ଅର୍ଥ) ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ।

## ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୯।୧୦(ବ୍ୟୁରୋ):** ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ । ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ହେବ। କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୧ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବ। ଏନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ନିଂ ଜାରି କରାଯାଇଛି। ସମୁଦ୍ର ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବ। ଆସନ୍ତା ୨୨ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।

## ଘାଟିରେ ଅଟୋ ଓଲଟି ୨ ମହିଳା ମୃତ



ଦୁର୍ଘଟଣାଗ୍ରସ୍ତ ଅଟୋ।

ଝରିଗାଁ,୧୯।୧୦(ସ୍ୱ.ପ୍ର.)

ଗୋଟିଏ ଅଟୋରେ ସୋମବାର ୨୪ଜଣ ଯାତ୍ରା କରୁଥିବାବେଳେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଘାଟିରେ ତାହା ଓଲଟି ପଡିଥିଲା। ଏଥିରେ ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଝରିଗାଁ ବ୍ଲକ ଇଚ୍ଛାପୁର ଗାଁର ସମ୍ବାରୀ ମାଝି ଓ କମଳା ଜାନି। ଦୁର୍ଘଟଣାରେ ୧୦ଜଣ ଆହତ ହୋଇଛନ୍ତି। ଚନ୍ଦାହାଣ୍ଡି ବ୍ଲକ ଡଙ୍ଗରୀ ଗ୍ରାମରେ ଅନୁଷ୍ଠିତ ଏକ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଇଚ୍ଛାପୁର ଗାଁରୁ ୬ ଶିଶୁଙ୍କ ସମେତ ୨୪ଜଣ ଏକ ଅଟୋ(ଓଡି-୨୪ଇ-୭୨୧୫)ରେ ଯାଉଥିଲେ। ଚନ୍ଦାହାଣ୍ଡି ଘାଟିରେ ଅଟୋଟି ଭାରସାମ୍ୟ ହରାଇ ଓଲଟିପଡିଥିଲା। ଘଟଣାସ୍ଥଳରେ ହିଁ ସମ୍ବାରୀ ଓ କମଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣାରେ ୧୦ଜଣ ଆହତ ହୋଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତଙ୍କୁ ଝରିଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁଇଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଡବ୍ଲ୍ୟୁଏଫ୍‌ପି ସଫଳତା ପଛରେ ଓଡ଼ିଆ ପୁଅ

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

### 'ଏଆଇ' ଟେକ୍ନୋଲୋଜି ଦ୍ୱାରା କ୍ଷୁଧା ବିରୋଧରେ ଲଢ଼େଇ



୨୦୨୦ ମସିହା ଲାଗି ନୋବେଲ ଶାନ୍ତି ପୁରସ୍କାର ପାଇଛି ୱାର୍ଲଡ୍ ଫୁଡ୍ ପ୍ରୋଗ୍ରାମ(ଡବ୍ଲ୍ୟୁଏଫ୍‌ପି)। କ୍ଷୁଧା ବିରୋଧରେ ଲଢ଼େଇ ଓ କ୍ଷୁଧାମୁକ୍ତି ପାଇଁ କାର୍ଯ୍ୟ କରୁଥିବା ଡବ୍ଲ୍ୟୁଏଫ୍‌ପିକୁ ନୋବେଲ ପୁରସ୍କାର ଦୌଡ଼ରେ ସାମିଲ କରିଥିବା କେତେଜଣ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଆ ପୁଅ ପ୍ରଣବ ଖୈତାନ। ଡବ୍ଲ୍ୟୁଏଫ୍‌ପିର ଆଡ୍‌ଭାଇଜରି କାଉନ୍‌ସିଲ୍ ସଦସ୍ୟ ଥିବା ପ୍ରଣବ କାର୍ଯ୍ୟକ୍ରମର ସଫଳତା ପଛରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପ୍ରଣବଙ୍କ ପରିବାର ବର୍ତ୍ତମାନ ରାଉରକେଲାରେ ରହୁଛନ୍ତି। ସେ ୨୦୦୯ରେ ରାଉରକେଲା ଏନ୍‌ଆଇଟିରୁ କମ୍ପ୍ୟୁଟର ସାଇନ୍ସରେ ବିଟେକ୍ ପରେ ଆମେରିକାର ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିରୁ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ଏବେ ସେ ଗୁଗଲ୍‌ରେ ସିନିୟର ଇଞ୍ଜିନିୟରିଂ ଲିଡ୍ ଭାବେ କାର୍ଯ୍ୟ କରୁଥିବାବେଳେ ଡବ୍ଲ୍ୟୁଏଫ୍‌ପିର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଟେକ୍ନୋଲୋଜି ଲିଡର ମଧ୍ୟ ରହିଛନ୍ତି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଲାଭ ଓ ଉପଯୋଗିତା ଯେପରି ସମଗ୍ର ବିଶ୍ୱରେ ପହଞ୍ଚାଇବା ଲକ୍ଷ୍ୟନେଇ ଡବ୍ଲ୍ୟୁଏଫ୍‌ପି ସହ ହାତ ମିଳାଇଥିଲେ ପ୍ରଣବ। ତାଙ୍କ ଉଦ୍ୟମ ଯୋଗୁ ଆଜି ଜାତିସଂଘର ଏହି ବିଶ୍ୱସ୍ତରୀୟ ସଂସ୍ଥା କୋଟି କୋଟି ଲୋକଙ୍କ କ୍ଷୁଧା ଦୂର କରିପାରିଛି। ପ୍ରଣବଙ୍କ ଦ୍ୱାରା ନିର୍ମିତ ସ୍ୱତନ୍ତ୍ର ଏଆଇ ଟେକ୍ନୋଲୋଜି ମାଧ୍ୟମରେ ମାତ୍ର ୨୪ରୁ ୭୨ଘଣ୍ଟା ଭିତରେ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଥିବା ଅଞ୍ଚଳର କ୍ଷୟକ୍ଷତି ଆକଳନ କରିହେଉଛି। କଠିନ ପରିସ୍ଥିତିରେ ସମ୍ପୃକ୍ତ ଅଞ୍ଚଳରେ ଲୋକଙ୍କ ନିକଟରେ ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଯାଇପାରୁଛି। ଏହାଦ୍ୱାରା ଡବ୍ଲ୍ୟୁଏଫ୍‌ପିର ସହଯୋଗର ହାତ ଜରୁରୀ ଲୋକଙ୍କ ନିକଟରେ ପହଞ୍ଚିପାରୁଛି। ତେବେ ନିଜର ଏହି ସଫଳତା ପାଇଁ ଏନ୍‌ଆଇ ରାଉରକେଲା ସହ ସମସ୍ତ ଶିକ୍ଷକ ଏବଂ ପରିବାର ଲୋକଙ୍କୁ ପ୍ରଣବ ଶ୍ରେୟ ଦେଇଛନ୍ତି। ୨୦୩୦ ସୁଦ୍ଧା ବିଶ୍ୱରେ କ୍ଷୁଧା ଦୂର କରିବା, ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଓ ପୋଷଣ ଅଭାବ ଭଳି ସମସ୍ୟାକୁ ଦୂରୀଭୂତ କରିବା ୱାର୍ଲଡ ଫୁଡ୍ ପ୍ରୋଗ୍ରାମର ମୁଖ୍ୟ ଲକ୍ଷ୍ୟ ହୋଇଥିବାବେଳେ ପ୍ରଣବ ଗୁଗଲ ଟିମ୍ ସହ ମିଶି ଏହି ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ପ୍ରଣବଙ୍କ ଏହି ସଫଳତା ପରେ ପରିବାରରେ ଖୁସିର ଲହରି ଖେଳିଯାଇଛି।




## ୫ରୁ ଯୁକ୍ତ୨ ଅସ୍ୱନାଲ ପରୀକ୍ଷା

**ଭୁବନେଶ୍ୱର, ୧୯।୧୦(ବ୍ୟୁରୋ):** ଆସନ୍ତା ନଭେମ୍ବର ୫ରୁ ୭ ତାରିଖ ପର୍ଯ୍ୟନ୍ତ ଯୁକ୍ତ୨ ଅସ୍ୱନାଲ ପରୀକ୍ଷା ଆରମ୍ଭ ହେବ। କଳା, ବିଜ୍ଞାନ, ବାଣିଜ୍ୟ ଧନ୍ଦାମୂଳକ ଶିକ୍ଷାର ଯେଉଁ ବିଷୟଗୁଡ଼ିକର ପରୀକ୍ଷା ହୋଇନି ଓ ଗ୍ରେସ୍ ମାର୍କ ଦିଆଯାଇଛି, ସେସବୁ ବିଷୟରେ ପରୀକ୍ଷା ହେବ ବୋଲି ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ରାଜ୍ୟର ୫୬ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ଏଥିସହ ଜିଲାର ନୋଡାଲ କଲେଜରେ ମଧ୍ୟ ପରୀକ୍ଷା ଦେଇପାରିବେ। ଚଳିତବର୍ଷ ସାଢ଼େ ୩ ଲକ୍ଷ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେଇଥିଲେ। ଗତ ମାର୍ଚ୍ଚ ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ହେବାର ଥିଲେ ମଧ୍ୟ କରୋନା ପାଇଁ ହୋଇପାରି ନ ଥିଲା। ଛାତ୍ରୀଛାତ୍ରଙ୍କୁ ଏସବୁ ବିଷୟରେ ଗ୍ରେସ୍ ମାର୍କ ଦିଆଯାଇଥିଲା। ସ୍ଥିତି ସୁଧୁରିଲେ ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ପରୀକ୍ଷା କରିବା ପାଇଁ ସିଏଚ୍‌ଏସ୍‌ଇ ନିଷ୍ପତ୍ତି ନେଇଛି। ପରୀକ୍ଷା ସମୟରେ କରୋନା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ କୁହାଯାଇଛି।



ଭଗବାନ ସର୍ବଦା ଆମର ପ୍ରାର୍ଥନା ଶୁଣନ୍ତି ଏବଂ ସର୍ବଦା ସବୁ ପ୍ରାର୍ଥନାର ଉତ୍ତର ଦିଅନ୍ତି। କିନ୍ତୁ ତାଙ୍କର ଉତ୍ତର ଶୁଣିବା ପାଇଁ ଓ ବୁଝିବା ପାଇଁ ତୁମ ପକ୍ଷରେ କେତେକ ସର୍ତ୍ତ ପୂରଣ କରିବା ଉଚିତ। -ଶ୍ରୀମା



# ଭୋକର ଭବିଷ୍ୟତ

ନିକଟରେ ପ୍ରକାଶ ପାଇଥିବା ବିଶ୍ୱ କ୍ଷୁଧା ସୂଚକାଙ୍କ (ଜିଏଚ୍‌ଆଇ)ରେ ଭାରତ ୧୦୭ ଦେଶ ମଧ୍ୟରୁ ୯୪ ସ୍ଥାନରେ ରହିଛି। ଗତବର୍ଷ ଏହାର ସ୍ଥାନ ୧୦୨ ଥିଲା। ଏଥର ୮ ପାଦ ଆଗେଇଥିଲେ ମଧ୍ୟ ଭାରତର ସ୍ଥାନ 'ଅତି ଗମ୍ଭୀର' ବର୍ଗରେ ରହିଛି। ଏପରି କି କ୍ଷୁଧା ପୀଡ଼ିତ ଦେଶ ଭାବେ ବିଶ୍ୱରେ ପରିଚିତ ଥିବା ଆଫ୍ରିକା ମହାଦେଶର ସୁଦାନ ସହ ଭାରତର ର୍ୟାଙ୍କ୍ ସମାନ ହୋଇଯାଇଛି। ଆହୁରି ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଯେ, ପଡ଼ୋଶୀ ପାକିସ୍ତାନ, ନେପାଳ, ବାଂଲାଦେଶ, ଶ୍ରୀଲଙ୍କା ଭଳି ରାଷ୍ଟ୍ରଠାରୁ ଭାରତ ପଛେଇ ଯାଇଛି। ପ୍ରତି କଥାରେ ଭାରତୀୟମାନେ ପାକିସ୍ତାନକୁ ସମାଲୋଚନା କରିଥାଆନ୍ତି। ହେଲେ ପାକିସ୍ତାନ ୮୮ତମ ସ୍ଥାନରେ ରହି ଭାରତ ଆଗକୁ ଚାଲିଯାଇଛି।

ଭାରତୀୟ ନେତୃତ୍ୱ ବିଶ୍ୱ ମଞ୍ଚରେ ଅନେକ ପ୍ରକାର ବାହାଦୁରି ମାରିଥାଆନ୍ତି। ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମ ବିଷୟରେ ଢେର ପ୍ରଚାର କରାଯାଉଛି। କିନ୍ତୁ ଏହାର ସୁବିଧା ଅନେକ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରୁନାହିଁ। କେଉଁଠାରେ ଥିଲାବାଲା ଲୋକ ଅଭାବୀଙ୍କ ଖାଦ୍ୟ ଖାଇଦେଉଥିବା ବେଳେ ଆଧାର କାର୍ଡ ଦେଖାଇ ନ ପାରି ଭିନ୍ନକ୍ଷମମାନେ ଯୋଜନାର ସୁବିଧା ପାଇପାରୁ ନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅସଂଖ୍ୟ କୋଟି ଟଙ୍କା ବ୍ୟୟରେ ଆଧାରକାର୍ଡ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଏମାନଙ୍କ ସହ ଗରିବ ଲୋକ ରାଶନ ନ ପାଇ ସେବାରୁ ବଞ୍ଚିତ ହେଉଛନ୍ତି। ଏହା ପଛରେ ବାୟୋମେଟ୍ରିକ୍ ସାମଞ୍ଜସ୍ୟ ଭଳି ଅନେକ କାରଣ ରହିଛି। ଦେଶର କୋଣଅନୁକୋଣରେ ଏଭଳି ବହୁ ଉଦାହରଣ ଦେଖିବାକୁ ମିଳୁଛି। ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ବିଫଳତା କ୍ଷୁଧା ବଢ଼ାଇ ଦେଉଛି। ଏଥିସହିତ ଚଳିତବର୍ଷର କରୋନା ମହାମାରୀ ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି କରିଛି। ଅନ୍ୟପକ୍ଷରେ ଲୋକଙ୍କ ରୋଜଗାର କମିଯିବା ଓ ସେମାନଙ୍କ ହାତରେ ଆବଶ୍ୟକ ଅର୍ଥ ନ ଥିବାରୁ ସେମାନେ ପୁଷ୍ଟିକର ଖାଦ୍ୟ କିଣି ଖାଇପାରୁ ନାହାନ୍ତି। ଭାରତରେ ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି ମହିଳା ଓ ଶିଶୁ। ସେମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ଯଥେଷ୍ଟ ଆବଶ୍ୟକତା ଥିବା ବେଳେ ଯୋଗାଣ ଠିକ୍ ଭାବେ ହୋଇ ନ ପାରିବାରୁ ବିଶେଷକରି ପିଲାମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। ଚଳିତ ମାସ ୧୫ ତାରିଖରେ ମାଲକାନଗିରି ଜିଲା ସଦର ବ୍ଲକ ପଦ୍ମଗିରି ଅଞ୍ଚଳର କାଚେଲି ଗ୍ରାମରେ ବିଷାକ୍ତ ଖାଦ୍ୟ ଖାଇ ୩ ଜଣ ପିଲାଙ୍କ ମୃତ୍ୟୁ ଘଟିବା ସଦ୍ୟ ଉଦାହରଣ। ଏକ ଆକଳନରୁ ଜଣାପଡ଼ିଛି ଯେ, ଗ୍ରାମୀଣ ଭାରତରେ ୪ ଜଣରୁ ୩ ଜଣ ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟ ପାଇ ନ ଥାଆନ୍ତି। ଜିଏଚ୍‌ଆଇ ମଧ୍ୟ ରିପୋର୍ଟ ଦେଇଛି ଯେ, ଭାରତ ଜନସଂଖ୍ୟାର ୧୪ ପ୍ରତିଶତ ଅପପୁଷ୍ଟିର ଶିକାର ହୋଇଛନ୍ତି। ତେଣୁ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ (ଏନ୍‌ଏଫ୍‌ଏସ୍‌ଏ)କୁ କାର୍ଯ୍ୟକାରୀ କରିବା ଲାଗି ଅନେକ କାର୍ଯ୍ୟ କରିବାକୁ ପଡ଼ିବ। ରାଜ୍ୟ ସରକାରଗୁଡ଼ିକ କେଉଁ ଅଞ୍ଚଳର ଲୋକମାନେ ଦାରିଦ୍ର୍ୟ ଦେଇ ଗତି କରୁଛନ୍ତି ତାହାକୁ ଚିହ୍ନଟ କରି ରିପୋର୍ଟ ଦେବା କଥା। କିନ୍ତୁ ତାହାସବୁ ସମ୍ଭବ ହୋଇପାରୁ ନାହିଁ। କିଛିବର୍ଷ ତଳେ ଉପକୂଳ ଓଡ଼ିଶାର ନଗଡ଼ା ଅଞ୍ଚଳରେ ପିଲାଙ୍କ ସମେତ ବୟସ୍କମାନେ କିଭଳି କ୍ଷୁଧା ପୀଡ଼ିତ ହୋଇ ଡହଳବିକଳ ହୋଇଥିଲେ, ତାହାର ଦୃଶ୍ୟ ସମସ୍ତେ ଦେଖିଥିଲେ। ଖୋଳତାଡ଼ କରାଗଲା ପରେ ସେଭଳି ଏକ ଅଞ୍ଚଳ ରହିଥିବା ନେଇ ପ୍ରଶାସନ ଜାଣିପାରି ନ ଥିବା ବିଷୟ ପଦାକୁ ଆସିଥିଲା। ସବୁ ରାଜ୍ୟରେ ଏହିଭଳି ଅଞ୍ଚଳ ଖୋଜିଲେ ଅନେକ ମିଳିବ। ଚନ୍ଦ୍ରଯାନ ପଠାଇ ଜହ୍ନରେ ଜଳ ଖୋଜିବାର ପ୍ରୟାସଠାରୁ ଦେଶ ଭିତରେ ଥିବା ଲୋକଙ୍କୁ ବିଶୁଦ୍ଧ ପାଣିମୁନ୍ଦାଏ ସହ ଖାଦ୍ୟ ଯୋଗାଣ ଠିକ୍ ହୋଇପାରିଲେ କ୍ଷୁଧା ଅନେକାଂଶରେ ଦୂରୀଭୂତ ହୋଇପାରନ୍ତା।

# କମ୍ପାନୀ ଅଧିନିୟମ ୨୦୨୦ରେ ଆବଶ୍ୟକତା



ଡ. ପ୍ରୀତିଶ କୁମାର ସାହୁ

ସ୍ୱାଧୀନତା ପରେ ଭାରତରେ ପ୍ରଥମ କମ୍ପାନୀ ଅଧିନିୟମ (କମ୍ପାନୀ ଆକ୍ଟ) ସଂସଦ ଦ୍ୱାରା ୧୯୫୬ ମସିହାରେ ପାରିତ କରାଯାଇଥିଲା, ଯାହାକି ମୁଖ୍ୟତଃ ଭାଭା କମିଟିର ସୁପାରିସ ଉପରେ ଆଧାରିତ । ଏହି ଅଧିନିୟମ ଦ୍ୱାରା ବିଶେଷ କରି କମ୍ପାନୀର ଗଠନକୁ ପଞ୍ଜୀକୃତ ଓ ପରିଚାଳନା ପାଇଁ ଶକ୍ତି ପ୍ରଦାନ କରିବା ସହିତ କମ୍ପାନୀର ଏବଂ ତା'ର ନିର୍ଦ୍ଦେଶକ ଓ ସଚିବଙ୍କ ଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରିବାର କ୍ଷମତା ପ୍ରଦାନ କରାଯାଇଛି। ଉକ୍ତ କମ୍ପାନୀ ଅଧିନିୟମରେ ସମୟ ସମୟରେ ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ ମଧ୍ୟ କରାଯାଇଥିଲା। ୨୦୦୨ରେ କମ୍ପାନୀ ଆକ୍ଟରେ ଏକ ମୁଖ୍ୟ ସଂଶୋଧନ ଅଣାଯାଇଥିଲା। ପରେ ପୂର୍ବରୁ ଥିବା କମ୍ପାନୀ ଲ ବୋର୍ଡ ପରିବର୍ତ୍ତେ ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ଗଠନ କରାଯାଇଥିଲା(୨୦୧୩)। ପରବର୍ତ୍ତୀ ସମୟରେ କମ୍ପାନୀ ସହିତ ଜଡ଼ିତ ନିୟମକୁ ମଜଭୁତ କରିବା ଉଦ୍ଦେଶ୍ୟ ରଖି ୨୦୧୩ରେ କମ୍ପାନୀ ଅଧିନିୟମରେ ସଂଶୋଧନ ଅଣାଯାଇଥିଲା। ଭାରତୀୟ କମ୍ପାନୀ ଅଧିନିୟମ-୧୯୫୬ରେ ୬୫୮ଟି ଉପବିଭାଗ ଥିବାବେଳେ କମ୍ପାନୀ ଅଧିନିୟମ-୨୦୧୩ରେ ଏହାକୁ କମ୍ କରାଯାଇ ୪୭୦ଟି ଉପବିଭାଗ କରାଯାଇଥିଲା। ପରିବର୍ତ୍ତିତ କମ୍ପାନୀ ଅଧିନିୟମ-୨୦୧୩ରେ ମୁଖ୍ୟତଃ ଅଂଶୀଦାରମାନଙ୍କୁ ଏବଂ କର୍ପୋରେଟ୍ ଶାସନ ନୀତିକୁ ପୂର୍ବ ଅପେକ୍ଷା ଅଧିକ କ୍ଷମତା ଓ ମଜଭୁତ୍ କରାଯାଇଥିଲା

କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦେଶରେ ନିୟମ ଅଧୀନରେ ଚାଳିତ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ଆହୁରି ପ୍ରୋତ୍ସାହନ ଦେବା ଲାଗି ଏବଂ ସେମାନଙ୍କ ଇଜ ଅଫ୍ ଲିଭିଙ୍ଗରେ କୋହଳ ଆଣିବା ପାଇଁ ଏକ କମ୍ପାନୀ ଲ କମିଟି ୧୮ ସେପ୍ଟେମ୍ବର ୨୦୧୯ରେ ଗଠନ କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା ଯେ, ପୂର୍ବରୁ ଥିବା କମ୍ପାନୀ ଆକ୍ଟର ଅପରାଧୀକରଣ ନିୟମକୁ କୋହଳ କରିବା ସହିତ ଆଉକିଛି ନୂଆ ନିୟମରେ ପରିବର୍ତ୍ତନ ଆଣିବା ପାଇଁ ଭାରତ ସରକାରଙ୍କୁ ସୁପାରିସ କରିବା। କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ପ୍ରତିନିଧି ସମେତ ବାଣିଜ୍ୟ ଓ ଉଦ୍ୟୋଗ ସଂଘର ପ୍ରତିନିଧି, ପେସାଗତ ଅନୁଷ୍ଠାନ ଏବଂ ଆଇନଜୀବୀଙ୍କୁ ଏହି କମ୍ପାନୀ ଲ କମିଟିରେ ସ୍ଥାନ ଦିଆଯାଇଥିଲା ଏବଂ ଏହି କମିଟି ୧୪ ନଭେମ୍ବର ୨୦୧୯ରେ ମନ୍ତ୍ରଣାଳୟକୁ ତାଙ୍କର ରିପୋର୍ଟ ଦେଇଥିଲେ। କମିଟିର ରିପୋର୍ଟକୁ ଆଖି ଆଗରେ ରଖି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦ଲକ୍ଷ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ୟାକେଜର ପଞ୍ଚମ ତଥା ଅନ୍ତିମ କିସ୍ତି ଘୋଷଣା କରୁଥିବା ସମୟରେ କହିଥିଲେ ଯେ, ସରକାର କୋଭିଡ୍-୧୯ ପ୍ୟାକେଜ୍ ସହିତ ଦେଶରେ ବ୍ୟବସାୟିକ କାରବାରର ସୁଗମତାକୁ ବଢ଼ାଇବା ଉଦ୍ଦେଶ୍ୟ ରଖି କମ୍ପାନୀ ଅଧିନିୟମ-୨୦୧୩ରେ ପରିବର୍ତ୍ତନ ଆଣିବେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହି ପରିବର୍ତ୍ତନ ପାଇଁ କମ୍ପାନୀ ଅଧିନିୟମ-୨୦୨୦ ବିଲ୍‌ର ଚତୁର୍ଥ ସଂଶୋଧନ ଲୋକ ସଭାରେ ମାର୍ଚ୍ଚ ୧୭, ୨୦୨୦ରେ ଉପସ୍ଥାପନ କରିଥିଲେ। ଏହି ବିଲ୍ ଗତମାସ ସେପ୍ଟେମ୍ବର ୧୯ ତାରିଖରେ ଲୋକ ସଭା ଏବଂ ୨୨ ତାରିଖରେ ରାଜ୍ୟ ସଭାରେ ପାରିତ ହେଲା ପରେ ରାଷ୍ଟ୍ରପତି ସେପ୍ଟେମ୍ବର ୨୮ରେ ଏହାକୁ ଅନୁମୋଦନ କରିଛନ୍ତି। ନୂତନ କମ୍ପାନୀ ଅଧିନିୟମ-୨୦୨୦ ମୁଖ୍ୟତଃ ଦୁଇଟି ଦିଗକୁ ଆଖିଆଗରେ ରଖି କରାଯାଇଛି। ପ୍ରଥମତଃ ଏହି ବିଲ୍‌ରେ ଅପରାଧୀକରଣ ସମ୍ବନ୍ଧୀୟ ଦଣ୍ଡବିଧାନକୁ କମ୍ କରିବା ଏବଂ ଦ୍ୱିତୀୟତଃ ଆହୁରି ଅଧିକ ଇଜ୍ ଅଫ୍ ଲିଭିଙ୍ଗ୍ ଏବଂ ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍‌ରେ କୋହଳ ଆଣି ଏକ ବ୍ୟବସାୟ ସମ୍ବନ୍ଧିତ ଅନୁକୂଳ ବାତାବରଣ ସୃଷ୍ଟି କରିବା। କରୋନା ଭାଇରସ୍ ଦ୍ୱାରା ପ୍ରଭାବିତ କମ୍ପାନୀ ତଥା ବ୍ୟବସାୟକୁ ପ୍ରୋତ୍ସାହନ ଏବଂ ପ୍ରତିକୂଳ ଆର୍ଥିକ ପ୍ରଭାବରୁ ବାହାରକୁ ଆସିବାର ଉଦ୍ଦେଶ୍ୟ ରଖି ସରକାର ମୁଖ୍ୟତଃ ୨୦୧୩ କମ୍ପାନୀ ଅଧିନିୟମ ଅନ୍ତର୍ଗତ 'ଅପରାଧୀକରଣ' ଶ୍ରେଣୀକୁ ଆଜିର ନୂତନ କମ୍ପାନୀ ଅଧିନିୟମ-୨୦୨୦ ମଧ୍ୟରୁ ବାହାର କରିଛନ୍ତି। ଏହା ବଡ଼ ଉଦ୍ୟୋଗପତି ସହିତ ଛୋଟ ଛୋଟ ଉଦ୍ୟୋଗପତିମାନଙ୍କ ଉପରେ ଚାପ ହ୍ରାସ କରିବ ଏବଂ ସେମାନଙ୍କୁ ଏଭଳି ମହାମାରୀ ସମୟରେ ପ୍ରୋତ୍ସାହନ ଯୋଗାଇ ଦେବ ବୋଲି ଅନେକେ ମତବ୍ୟକ୍ତ କରିଛନ୍ତି। ଆଇନ୍ ବିଶ୍ଳେଷକମାନଙ୍କ ଅନୁଯାୟୀ ନୂତନ ନୀତିରେ ଅପରାଧୀକରଣ ପ୍ରାବଧାନ ହଟାଯିବାର ପଦକ୍ଷେପ ସରକାରଙ୍କ ଏକ ବଡ଼ ପ୍ରୟାସ। ଯଦିବା ସରକାର ନୂତନ କମ୍ପାନୀ ଅଧିନିୟମ-୨୦୨୦ ଅନୁଯାୟୀ ଖିଲାପକାରୀମାନଙ୍କୁ ଅପରାଧୀକରଣ ଶ୍ରେଣୀର ଦଣ୍ଡରୁ ବାହାର କରିଛନ୍ତି କିନ୍ତୁ ଧୋକାଦାରି, ମିଥ୍ୟା ପ୍ରବଞ୍ଚନା ତଥା କପଟପୂର୍ଣ୍ଣ ସହିତ ଜଡ଼ିତ ପ୍ରାବଧାନକୁ ନୂତନ ଅଧିନିୟମରେ ପରିବର୍ତ୍ତନ କରାଯାଇନାହିଁ।

କମ୍ପାନୀ ଅଧିନିୟମ-୨୦୧୩ରେ ମୋଟ୍ ୧୩୪ଟି ଦଣ୍ଡନୀୟ ବ୍ୟବସ୍ଥା ଥିବାବେଳେ ୨୦୨୦ କମ୍ପାନୀ ଅଧିନିୟମରେ ତାହା ୧୨୪କୁ ଖସିଆସିଛି। ସେହିପରି ୪୮ଟି ଉପବିଭାଗକୁ ଅପରାଧୀକରଣ ଶ୍ରେଣୀରୁ ବାହାରେ ରଖାଯାଇଥିବାବେଳେ ୨୩ଟି ଦୋଷ ଅପରାଧର ଦଣ୍ଡବିଧାନକୁ ଆଭ୍ୟନ୍ତରୀଣ ପ୍ରକ୍ରିୟା ଦ୍ୱାରା ନିର୍ଦ୍ଧାରଣ କରିବା ପାଇଁ ନୂତନ କମ୍ପାନୀ ଅଧିନିୟମରେ ପ୍ରାବଧାନ ରଖାଯାଇଛି। ଅର୍ଥାତ୍ ଏହି ଅପରାଧ ସମ୍ବନ୍ଧୀୟ ପ୍ରକ୍ରିୟା ଓ ନିଷ୍ପତ୍ତି ଯାହା ପୂର୍ବରୁ ଏନ୍‌ସିଏଲ୍‌ଏଟି ଦ୍ୱାରା କରାଯାଉଥିଲା ତାହା ଅଧିକାଂଶ ମାତ୍ରାରେ କମ୍ପାନୀ ରେଜିଷ୍ଟ୍ରାରଙ୍କ (ରେଜିଷ୍ଟ୍ରାର ଅଫ୍ କମ୍ପାନିଜ୍) ଦ୍ୱାରା କରାଯିବ। ଏଥିପାଇଁ କମ୍ପାନୀ ରେଜିଷ୍ଟ୍ରାରଙ୍କୁ ଏହି ଅପରାଧକୁ ଦଣ୍ଡ ନିର୍ଦ୍ଧାରଣ କରିବା ପାଇଁ ଅଧିକାର ପ୍ରଦାନ କରାଯାଇଛି ଏବଂ କମ୍ପାନୀ ରେଜିଷ୍ଟ୍ରାରଙ୍କ ନିର୍ଣ୍ଣୟକୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ ସାମ୍ନାରେ ଚ୍ୟାଲେଞ୍ଜ ମଧ୍ୟ କରାଯିବାର ପ୍ରାବଧାନ ରଖାଯାଇଛି। ଏହି ପ୍ରାବଧାନ ଏନ୍‌ସିଏଲ୍‌ଏଟିର ଚାପ କମ୍ କରିବା ସହିତ କମ୍ପାନୀ ସମ୍ବନ୍ଧୀୟ ଅନ୍ୟ ଉଚ୍ଚ ପ୍ରାଥମିକତା କାର୍ଯ୍ୟ ଓ ଦେବାଳିଆ ହେଉଥିବା କେସ୍ ସବୁ ଦେଖିପାରିବ। ଏହା ସହିତ ମଧ୍ୟ ଆହୁରି ଅନେକ ପଦକ୍ଷେପ ଯଥା ସିଏସ୍‌ଆର୍ (କର୍ପୋରେଟର ସାମାଜିକ ଦାୟିତ୍ୱ) ରିପୋର୍ଟିଂରେ ଖିଲାପି, ବୋର୍ଡ଼ର ରିପୋର୍ଟରେ ଅପର୍ଯ୍ୟାପ୍ତତା, କମ୍ପାନୀର ବାର୍ଷିକ ବୈଠକ ଆୟୋଜନ କରିବାରେ ବିଳମ୍ବ ସହିତ ଅନେକ ପ୍ରକ୍ରିୟାତ୍ମକ ଅନିୟମିତତା ପ୍ରଭୃତିକୁ ନୂଆ ନୀତିରେ ଅପରାଧର ଶ୍ରେଣୀରୁ ବାହାରେ ରଖାଯାଇଛି। କମ୍ପାନୀ ଉପରେ ନିୟମ ଉଲ୍ଲଂଘନ ସମ୍ବନ୍ଧୀୟ ଦଣ୍ଡ ପ୍ରାବଧାନରେ କମ୍ କରିବା ସହିତ କିଛି ଶ୍ରେଣୀର କମ୍ପାନୀକୁ ବିଦେଶରେ ସିଧାସଳଖ ତାଲିକାଭୁକ୍ତ କରିବାର ଅନୁମତି ମଧ୍ୟ ଦିଆଯାଇଛି।

ବାଣିଜ୍ୟିକ ପରିବେଶକୁ ଦୃଢ଼ କରିବା ସହିତ ବୈଦେଶିକ ପୁଞ୍ଜିକୁ ଆକୃଷ୍ଟ କରିବା ପାଇଁ ସରକାର ନିରନ୍ତର ପ୍ରୟାସ କରୁଛନ୍ତି, ଯାହାର ପରିଣାମ ସ୍ୱରୂପ ଆଜି ଭାରତର ସ୍ଥାନ ବିଶ୍ୱ ବ୍ୟାଙ୍କ୍ ଦ୍ୱାରା ନିର୍ଦ୍ଧାରିତ ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍, ବିଶ୍ୱ ଆର୍ଥିକ ଫୋରମ୍ ଦ୍ୱାରା ନିର୍ଦ୍ଧାରିତ ଗ୍ଲୋବାଲ୍ କମ୍ପିଟିଭ୍‌ନେସ୍ ଇଣ୍ଡେକ୍ସ ଏବଂ ଗ୍ଲୋବାଲ୍ ଇନୋଭେଶନ୍ ଇଣ୍ଡେକ୍ସରେ ଉପରକୁ ଆସିଛି। ଏହି ପରିପ୍ରେକ୍ଷୀରେ ୨୦୨୦ କମ୍ପାନୀ ଅଧିନିୟମରେ ସରଳତା ଏବଂ ଅନିୟମିତତା ସମ୍ବନ୍ଧୀୟ ଦଣ୍ଡରେ ହ୍ରାସ ମଧ୍ୟ ଆହୁରି ଇଜ୍ ଅଫ୍ ଲିଭିଙ୍ଗ୍ ଏବଂ କମ୍ପାନୀମାନଙ୍କୁ ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍‌ରେ ସହାୟକ ହେବ। ବର୍ତ୍ତମାନ ମହାମାରୀ ସମୟରେ ଅର୍ଥନୀତିର ବେଗକୁ ବଢ଼ାଇବାକୁ ହେଲେ ଏହି ପଦକ୍ଷେପ ଆଗାମୀ ଦିନରେ ନିବେଶ ବଢ଼ିବା ସହିତ ଉତ୍ପାଦନ ଏବଂ ନିଯୁକ୍ତିରେ ମଧ୍ୟ ସହାୟକ ହେବ ବୋଲି ବିଶ୍ୱାସ। କିନ୍ତୁ ଯେତେବେଳେ ସାରା ବିଶ୍ୱରେ ବ୍ୟବସାୟ, ବାଣିଜ୍ୟ ଏବଂ ନିବେଶ ଧିମାଗତିରେ ଚାଲୁଛି, ଏହି ନୂତନ କମ୍ପାନୀ ଆକ୍ଟ କେତେଦୂର ସହାୟକ ହେବ ତାହାର ପରିଣାମ ଆଗାମୀ ଦିନରେ ହିଁ ଜଣାପଡ଼ିବ।

ପ୍ରାଧ୍ୟାପକ, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି, ଭୁବନେଶ୍ୱର, ମୋ-୭୩୮୧୭୩୩୧୮୭

# କେବଳ ବାହୁସ୍ଫୋଟ

ଆଜି ଭାରତୀୟମାନେ ଭୋକରେ ମରୁଥିବା ଖବର ପୃଥିବୀସାରା ବ୍ୟାପିଛି। କିନ୍ତୁ ଭାରତୀୟ ନେତୃତ୍ୱ ଦେଶକୁ ସୁପରପାୱାର ବୋଲି ଦର୍ଶାଇବାରେ ମସ୍‌ଗୁଲ। ଏକ ସମୟରେ କୁହାଗଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱସାରା ଭ୍ରମଣ କରି ବନ୍ଧୁ ଗୋଟାଉଛନ୍ତି। ସ୍ୱାଧୀନତାର ଦୀର୍ଘ ବର୍ଷ ଯାଏ ଯେଉଁ ସମ୍ମାନ ଭାରତକୁ ମିଳିପାରି ନ ଥିଲା ତାହା ମୋଦିଙ୍କ କୂଟନୀତି ଯୋଗୁ ସମ୍ଭବ ହେଲା ବୋଲି ପ୍ରଚାର କରାଯାଉଛି। କିନ୍ତୁ ବାସ୍ତବ ସ୍ଥିତି ଅଲଗା ଛବି ଆଙ୍କୁଛି। ଓଡ଼ିଆରେ କୁହାଯାଏ 'ଘରେ ଯାହାର ହାଣ୍ଡି ଚିତ୍‌ପଟାଙ୍ଗ୍ ମାରିଛି, ସିଏ ବା ବାହାରେ କି ବାହୁସ୍ଫୋଟ ମାରୁଛି'। ଏସବୁ ରାଜନୈତିକ କାରଣ ଯୋଗୁ ହୋଇଚାଲିଛି। କେବଳ ଭାରତ ନୁହେଁ, ଆଜି ସମଗ୍ର ବିଶ୍ୱର ବିଭିନ୍ନ ପ୍ରାନ୍ତରେ ରାଜନୈତିକ ନେତୃତ୍ୱ ସ୍ଥିତି ବିଗାଡ଼ି ଚାଲିଛନ୍ତି। ପଡ଼ୋଶୀ ପାକିସ୍ତାନରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁ ସରକାରକୁ କ୍ଷମତାଚ୍ୟୁତ କରିବା ସକାଶେ ୧୧ ବିରୋଧୀ ଦଳ ଏକଜୁଟ ହୋଇ ପାକିସ୍ତାନ ଡେମୋକ୍ରାଟିକ୍ ମୁଭ୍‌ମେଣ୍ଟ (ପିଡିଏମ୍) ଗଠନ କରିଛନ୍ତି। ନେତୃତ୍ୱ ବିରୋଧରେ ଉଠିଥିବା ମେଳିକୁ ଦମନ କରିବା ପାଇଁ ଇମ୍ରାନ୍ ସାମରିକ ବାହିନୀକୁ ବ୍ୟବହାର କରିଥିବାରୁ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ ତାହାକୁ ସମାଲୋଚନା କରିଛନ୍ତି। ଅଗକୁ ସ୍ଥିତି ଭୟଙ୍କର ହେବାର ଏହା ସଙ୍କେତ ଦେଲାଣି। ସେହିପରି ବିବାଦୀୟ ଅଞ୍ଚଳ 'ନାଗୋର୍ନୋ କାରାବାଖ'କୁ କରାୟତ୍ତ କରିବା ଲାଗି ଦୁଇ ଦେଶ ଆର୍ମେନିଆ-ଆଜରବୈଜାନ୍ ମଧ୍ୟରେ ଯୁଦ୍ଧ ଲାଗି ରହିଛି। ଇତିମଧ୍ୟରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ସୂଚନା ଦିଆଯାଇପାରେ ଯେ, 'ନାଗୋର୍ନୋ କାରାବାଖ' ହେଉଛି ଆର୍ମେନିଆ ଓ ଆଜରବୈଜାନ ସୀମାନ୍ତରେ ୪,୪୦୦ ବର୍ଗ କିଲୋମିଟର ବ୍ୟାପୀ ଅଞ୍ଚଳ, ଯାହାକୁ ହାତେଇବା ପାଇଁ ଲଢ଼େଇ ଚାଲିଛି।

ଅନୁରୂପ ଭାବେ ଆଫ୍ରିକା ମହାଦେଶର ନାଇଜେରିଆର ସର୍ବାଧିକ ଜନବହୁଳ ସହର ଲାଗୋସରେ ସ୍ଥାନୀୟ ଅଧିବାସୀଙ୍କ ଉପରେ ପୋଲିସର ଅତ୍ୟାଚାର ବିରୋଧରେ ଦେଶବ୍ୟାପୀ ଚାଲିଥିବା ଆନ୍ଦୋଳନରେ ମହିଳାମାନେ ଯୋଗଦେବା ଦେଖିବାକୁ ମିଳିଛି। ସେହିଭଳି ପଶ୍ଚିମ ଆଫ୍ରିକାର ଗ୍ୟୁନିଆରେ ରାଷ୍ଟ୍ରପତି ଆଲ୍‌ଫା କୋଣ୍ଡେ ଏକ ଦଶନ୍ଧି କ୍ଷମତାରେ ରହିବା ପରେ ଏବେ ପୁଣି କାର୍ଯ୍ୟକାଳ ବଢ଼ାଇବାକୁ ଇଚ୍ଛା କରିବାରୁ ତାହାକୁ ଦେଶବ୍ୟାପୀ ବିରୋଧ କରାଯାଇଛି। ଗ୍ୟୁନିଆ ଭୋଟର ନିର୍ବାଚନ ଲାଗି ଅଡ଼ି ବସିଛନ୍ତି। ଏପଟେ ଏସିଆ ମହାଦେଶରେ ଚାଇନା ତା'ର ବିସ୍ତାରବାଦୀ ଚିନ୍ତାଧାରକୁ ବ୍ୟାପକ କରିଚାଲିଥିବାରୁ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ସମାଲୋଚନା କରାଯାଉଛି। ଦକ୍ଷିଣ ଚାଇନା ସାଗରକୁ କବ୍‌ଜା କରିବାରୁ ଚାଇନାକୁ ଜାପାନ ସହ ସାଗର ତଟବର୍ତ୍ତୀ ଦେଶଗୁଡ଼ିକ ବିରୋଧ କରୁଛନ୍ତି। ନିକଟରେ କିର୍ଗିଜ୍‌ସ୍ତାନର ନାଗରିକ ସରକାର ବିରୋଧୀ ପାଲଟିଯାଇ ଏକଚ୍ଛତ୍ରବାଦୀ ଶାସକ ସୁରନ୍‌ବାୟ ଜିନ୍‌ବେକୋଭଙ୍କୁ ରୁଷିଆର ଭିତିରି ସମର୍ଥନ ସତ୍ତ୍ୱେ ଗାଦିଚ୍ୟୁତ କରିଛନ୍ତି। ଏହିଭଳି କ୍ଷମତାଲୋଭୀ ବ୍ୟକ୍ତିବିଶେଷ ବିଶ୍ୱବ୍ୟାପୀ ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରିବା ପୃଥିବୀ ପାଇଁ ବିପଜ୍ଜନକ।

# ଶିଶୁ ଓ ସାଇବର ଅପରାଧ



ଘାସିରାମ ପଣ୍ଡା

ଇଣ୍ଟରନେଟ ବ୍ୟବହାର ବର୍ତ୍ତମାନର ଏକ ଆବଶ୍ୟକତା ହୋଇଗଲାଣି। ସବୁ ବର୍ଗର ଲୋକେ ଭିନ୍ନ ଭିନ୍ନ କାରଣ ପାଇଁ ଏହାକୁ ବ୍ୟବହାର କରୁଛନ୍ତି। ପିଲାମାନେ ମଧ୍ୟ ଏଥିରୁ ବାଦ୍ ଯାଇ ନାହାନ୍ତି। ଅନ୍‌ଲାଇନରେ ପାଠ ପଢ଼ିବା ସମେତ ଖେଳିବା, ବନ୍ଧୁମାନଙ୍କ ସହ ବାର୍ତ୍ତା ବିନିମୟ କରିବା, ବିଭିନ୍ନ ରୁଚି ଅନୁଯାୟୀ ଦଳ ଗଠନ କରିବା, ଟିକ୍‌ଟକ ଭିଡିଓ କରିବା ଭଳି ଅନେକ କାମରେ ସେମାନେ ଉସ୍ତାଦ ହେଲେଣି। ଏବେ ତାଲାବନ୍ଦ କାରଣରୁ ଯେଉଁମାନଙ୍କର ଅନ୍‌ଲାଇନ ଯୋଗେ ପାଠପଢ଼ା ହେଉଛି ସେମାନଙ୍କର ସ୍ମାର୍ଟ ଫୋନ ବା ଲାପଟପ, କମ୍ପ୍ୟୁଟର ସହିତ ଅଧିକ ସମୟ ବିତେଇବାର ସୁଯୋଗ ସୃଷ୍ଟି ହୋଇଛି। ଇଣ୍ଟରନେଟ ଯେତିକି ସୁବିଧା କରିଛି, ଅନେକ ପିଲାଙ୍କୁ ସେତିକି ଅସୁବିଧାରେ ବି ପକାଉଛି। ପାଠ ସହିତ ଫେସବୁକ, ୟୁଟ୍ୟୁବ ଭଳି ଇଣ୍ଟରନେଟଭିତ୍ତିକ ପ୍ଲାଟଫର୍ମ ସହିତ ଯୋଡି ହୋଇ ମଜା ଉଠାଉଛନ୍ତି। ଏ ସବୁର ବ୍ୟବହାର ସମୟରେ ସବୁ ବେଳେ ଅଭିଭାବକ ପାଖରେ ରହି ପାରୁ ନାହାନ୍ତି। ଏଣୁ ସ୍ୱାଧୀନ ଓ ଏକାନ୍ତ ଭାବେ ଇଣ୍ଟରନେଟର ବ୍ୟବହାର କରିବାର ସୁଯୋଗ ମିଳି ଯାଉଛି। ଗୋଟିଏ କ୍ଲିକ୍‌ରେ ସାରା ଦୁନିଆ ଖେଦି ଯିବାର ମାଦକତା କୈଶୋର ମନରେ ଆଲୋଡନ ସୃଷ୍ଟି କରୁଛି। ଏହି ବୟସରେ ମନ ଓ ଦେହର ପରିବର୍ତ୍ତନ ଯୋଗୁ ଯେଉଁ ଚିନ୍ତନ ଆସେ, ସେମାନେ ନିଜ ଆୟତ୍ତରେ ଥିବା ଇଣ୍ଟରନେଟ ଯୋଗେ ତା'ର ପ୍ରୟୋଗ କରୁଛନ୍ତି।

କିଛିଦିନ ତଳେ ମୋ ନିକଟକୁ ଏକ ଅଜଣା ନମ୍ବରରୁ ହ୍ୱାଟ୍‌ସ ଆପ୍‌ରେ ବାର୍ତ୍ତାଟେ ପହଞ୍ଚିଲା। ଲେଖାଥିଲା କ'ଣ କରୁଛ ? ଭାବିଲି କେହି ଚିହ୍ନା ହୋଇଥିବେ ବୋଧେ। ମୁଁ ଉତ୍ତର ଦେଲି। ପ୍ରତ୍ୟୁତ୍ତର ଆସିଲା ତୁମ ଫଟୋଟେ ପଠାଅ। ପରେ ପରେ ସେପରି ଆହୁରି କିଛି ଅବାଞ୍ଛିତ ବାର୍ତ୍ତା ମତେ ଆଶ୍ଚର୍ଯ୍ୟ କଲା, ମନରେ ଶଙ୍କା ବି ହେଲା। ହେଲେ ଉତ୍ସୁକତା ବଶତଃ ମୁଁ କଥାବାର୍ତ୍ତାକୁ ଆଗକୁ ବଢେଇଲି। ଫଳାଫଳରେ ଏଇଆ ଜାଣିପାରିଲି ଯେ, ବାର୍ତ୍ତା ପ୍ରେରକ ଜଣେ ୧୪ ବର୍ଷର ବାଳକ ଥିଲେ। ମୁଁ ତାଙ୍କ ପାଇଁ ଅଜଣା ଥିଲେ ବି ସେ ମୋର ପରିଚିତ ପରିବାରରୁ ବୋଲି ଜାଣିପାରିଲି। ପରେ ତାଙ୍କ ଅଭିଭାବକଙ୍କୁ ଏ ବିଷୟରେ ଅବଗତ କରେଇ ପିଲା ସହିତ ଉପଯୁକ୍ତ ଢଙ୍ଗରେ କଥା ହୋଇ ବୁଝେଇବାକୁ କହିଲି। ପିଲା ଇଣ୍ଟରନେଟ ବ୍ୟବହାର କଲା ବେଳେ ମଝିରେ ମଝିରେ ତଦାରଖ କରିବାକୁ ପରାମର୍ଶ ଦେଲି। ଏଭଳି ସ୍ଥିତିରେ କୌଣସି ଅଣସମ୍ବେଦନଶୀଳ ଅପରିଚିତ ଲୋକ ହାବୁଡରେ ପିଲାଟି ପଡିଥିଲେ ପରିସ୍ଥିତି କ'ଣ ହୋଇଥାନ୍ତା, ସେକଥା କିଏ କହିବ ?

ଇଣ୍ଟରନେଟର ମାୟାଜାଲରେ ପଡି ପିଲାମାନେ ନିଜେ ଆପରାଧିକ କାର୍ଯ୍ୟକଳାପରେ ଜଡିତ ହେଉଛନ୍ତି ବା ଅପରାଧୀର ଶିକାର ହେଉଛନ୍ତି। ଲଜ୍ଜା ଓ ସଂକୋଚ କାରଣରୁ କାହାକୁ କହି ନ ପାରି ଘଟଣାକୁ ଚପେଇ ରଖୁଛନ୍ତି। ପରେ ଏହା ମାନସିକ ଅବସାଦ ଓ ଅପମୃତ୍ୟୁର କାରଣ ସାଜୁଛି। ବ୍ଲୁହ୍ୱେଲସ୍ ଭଳି ଖେଳ ଯୋଗୁ ହାତ କାଟିଦେବା, ଆତ୍ମହତ୍ୟା କରିବା, ସାମାଜିକ ଗଣମାଧ୍ୟମ ଯୋଗେ ସମ୍ପର୍କ ହେଲା ପରେ ପ୍ରେମର ଦ୍ୱାହି ଓ ବିବାହର ପ୍ରତିଶ୍ରୁତି ଦେଇ ଯୌନ ଶୋଷିତ ହେବା ଭଳି ଅନେକ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଉଛି। କମ୍ ବୟସରେ ଫେସବୁକ ଆକାଉଣ୍ଟ ଖୋଲିଥିବା ଅନେକ ପିଲା ଭବିଷ୍ୟତର ପରିଣାମ ସମ୍ପର୍କରେ ଅଜ୍ଞ ହୋଇ ମାନହାନି, ଆପରାଧିକ ଓ ନିଷିଦ୍ଧ ବିଷୟ ମଧ୍ୟ ପୋଷ୍ଟ କରି ଦେଉଛନ୍ତି। ଏହା ସେମାନଙ୍କୁ ଆଇନର ଜଟିଳତାରେ ଛନ୍ଦି ଦେଉଛି। କ୍ଷଣିକ ଉତ୍ତେଜନା ଜୀବନକୁ ଅମା ଅନ୍ଧକାରମୟ କରି ଦେଉଛି। ପ୍ରତ୍ୟେକ ଇଣ୍ଟରନେଟ ପ୍ଲାଟଫର୍ମରେ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ବ୍ୟବସ୍ଥା ଥାଏ। ଏ ବିଷୟରେ ସଚେତନ ନ ଥିବା କିଶୋର କିଶୋରୀମାନେ ତଥ୍ୟର ଚୋରି ଓ ତା'ର ଅପବ୍ୟବହାରର ଶିକାର ହୁଅନ୍ତି। ପରବର୍ତ୍ତୀ ସମୟରେ ଏହିସବୁ ବ୍ୟକ୍ତିଗତ ତଥ୍ୟ ଆଉ କେହି ଅସାଧୁ ବ୍ୟକ୍ତି ସର୍ବସାଧାରଣରେ ପ୍ରକାଶ କରିଦେବାର ଧମକ ଦେଇ ସେମାନଙ୍କୁ ହଇରାଣ ଓ ଶୋଷଣ କରନ୍ତି। କିଶୋରୀମାନେ ଏଭଳି ପରିସ୍ଥିତିର ବିଶେଷ ସମ୍ମୁଖୀନ ହୁଅନ୍ତି।

୨୦୧୨ରେ ମାଇକ୍ରୋସଫ୍ଟ କରିଥିବା ଏକ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ ଭାରତରେ ୫୩ଭାଗ ଶିଶୁ ଅନ୍‌ଲାଇନ ବ୍ୟବହାର ସମୟରେ ଧମକର ଶିକାର ହୁଅନ୍ତି। ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋର ସଦ୍ୟ ପ୍ରକାଶିତ କିଛି ତଥ୍ୟ ମଧ୍ୟ ଚିନ୍ତା ଉଦ୍ରେକ କରୁଛି। ୨୦୧୮ ତୁଳନାରେ ୨୦୧୯ରେ ଆମ ରାଜ୍ୟରେ ସାଇବର ଅପରାଧ ୭୬ ଶତକଡା ବଢ଼ିଛି। ମୋଟ ୧୪୮୫ଟି ଏପରି ଘଟଣାରୁ ୩୯୭ଟି ଅନ୍‌ଲାଇନରେ ଯୌନ ଅପରାଧର ମାମଲା ରହିଛି। ଏହା ସହିତ ଶିଶୁମାନଙ୍କୁ ଯୌନ ନିର୍ଯାତନା ନିଷେଧ (ପୋକ୍ସୋ) ଆଇନ ଅଧୀନରେ ଶିଶୁମାନଙ୍କୁ ଅଶ୍ଳୀଳ ସାହିତ୍ୟ, ଚିତ୍ର ବା ଚଳଚ୍ଚିତ୍ରରେ ବ୍ୟବହାର କରିବା ବା ସେପରି ବସ୍ତୁକୁ ସାଇତି ରଖିବା ଅପରାଧରେ ୫୪୨ଟି ଘଟଣା ଦାଏର ହୋଇଛି। ଏହା ଦେଶରେ ସବୁଠାରୁ ଅଧିକ ଓ ଏହା ତଳକୁ ରାଜସ୍ଥାନରେ ମାତ୍ର ୧୫୭ଟି ଘଟଣାରେ ପୋଲିସ କେସ୍ ହୋଇଛି। ଏହିପରି ଅପରାଧର ନିୟନ୍ତ୍ରଣ ପାଇଁ ଇନ୍‌ଫରମେଶନ ଟେକ୍‌ନୋଲୋଜି ଆଇନ, ଭାରତୀୟ ଦଣ୍ଡ ସଂହିତା ଓ ଶିଶୁମାନଙ୍କୁ ଯୌନ ନିର୍ଯାତନା ନିଷେଧ (ପୋକ୍ସୋ) ଆଇନରେ ବିଶେଷ ପ୍ରାବଧାନ ରହିଛି। ହୁଏତ ଲୋକେ ଧୀରେ ଧୀରେ ଏ ସମ୍ପର୍କରେ ଅବଗତ ହେଲେଣି। ଏଣୁ ଘଟଣା ପୋଲିସ ପାଖକୁ ଆସୁଛି। କିନ୍ତୁ ଦାଏର ଘଟଣାକୁ ନେଇ ବିଭାଗୀୟ ସମ୍ବେଦନଶୀଳତା ଓ ଦୃଢ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି।

ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ୨୦୧୯ରେ ଦାଏର ହୋଇଥିବା ସାଇବର ଅପରାଧ ମଧ୍ୟରୁ ଗୋଟିଏ ଘଟଣାର ବି ବିଚାର ଓ ଦଣ୍ଡବିଧାନ ହୋଇପାରି ନାହିଁ। ଏହା ବ୍ୟତୀତ ଅଶ୍ଳୀଳ ୱେବ୍‌ସାଇଟର ନିୟନ୍ତ୍ରଣ, ଅନ୍‌ଲାଇନରେ ଦିଆଯାଉଥିବା ବ୍ୟକ୍ତିଗତ ତଥ୍ୟର ଗୋପନୀୟତା ପ୍ରଭୃତି ପାଇଁ ନୀତି ପ୍ରଣୟନ, କାର୍ଯ୍ୟାନ୍ୱୟନକାରୀ ଅଧିକାରୀଙ୍କ ଦକ୍ଷତାବୃଦ୍ଧି ଓ ଏଭଳି ଘଟଣାର ପରିଚାଳନା ତଥା ଅନୁସନ୍ଧାନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ଲାଗି ମଧ୍ୟ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ପରିଲକ୍ଷିତ ହୁଏ। ପିଲା ଏବଂ ଅଭିଭାବକଙ୍କ ଭିତରେ ସାଇବର ଅପରାଧ ଜନିତ ସୂଚନା ଓ ସଚେତନତା ବଢ଼ିଲେ ଅଭିଭାବକମାନେ ନିୟମିତ ତଦାରଖ କରିପାରିବା ସହ ପିଲାମାନେ ମଧ୍ୟ ଏ ନେଇ ସେମାନଙ୍କୁ ନିଃସଂକୋଚରେ କହିପାରିବେ।

ସୁବର୍ଣ୍ଣପୁର, ମୋ-୯୪୩୮୩୪୧୭୯୪

## ଏଇ ଭାରତରେ

ଗୋଟିଏ ପଟେ ଦାୟିତ୍ୱ ଅନ୍ୟ ପଟେ କୋଚିଂ କ୍ଲାସ,ଚିକିତ୍ସା ଓ ଜୈବିକ କୃଷି ପ୍ରଶିକ୍ଷଣ ବ୍ୟବସ୍ଥା କରୁଛନ୍ତି ୨୦୧୬ ବ୍ୟାଚ୍ ଆଇପିଏସ୍ ଅଫିସର ଡ. ପ୍ରୀତିପଲ୍ କୌର ବାତ୍ରା। ହରିୟାଣା ଯମୁନା ନଗର ବାସିନ୍ଦା ଡେଣ୍ଟିଷ୍ଟ ଡ.କୌର ୟୁପିଏସ୍‌ସିରେ କୃତକାର୍ଯ୍ୟ ହୋଇ ପ୍ରଥମେ ନାଗାଲାଣ୍ଡ ଟୁଏନ୍‌ସାଙ୍ଗ ଜିଲାରେ ନିଯୁକ୍ତି ପାଇ ଏସ୍‌ଡିପିଓ ଅଫିସର ଭାବେ ଦାୟିତ୍ୱ ତୁଲାଇବା ପରେ ଏବେ ନୋକଲକ ଜିଲାର ଏସ୍‌ପି ରହିଛନ୍ତି। ୟୁପିଏସ୍‌ସି ଏବଂ ରାଜ୍ୟ ସରକାର ଚାକିରି ଆଶାୟୀମାନଙ୍କ ପାଇଁ କୋଚିଂ କ୍ଲାସ୍‌ର ଆୟୋଜନ କରୁଛନ୍ତି। ଡ୍ରଗ ଆଡିକ୍ଟମାନଙ୍କୁ ଚିକିତ୍ସା କରି ସମାଜର ମୁଖ୍ୟ ସ୍ରୋତକୁ ଫେରାଉଛନ୍ତି। ଆଦିବାସୀ ପିଲାମାନଙ୍କ ପାଇଁ ମଧ୍ୟ କୋଚିଂକ୍ଲାସ୍ ଆରମ୍ଭ କରିଛନ୍ତି। ଏସ୍‌ପି ଅଫିସ କ୍ୟାମ୍ପସରେ ଥିବା କନ୍‌ଫରେନ୍ସ ହଲ୍‌ରେ ସେ କ୍ଲାସ ନେଉଛନ୍ତି ଏବଂ ଆବଶ୍ୟକ ବହି ଓ ଅନ୍ୟ ପାଠ୍ୟ ଉପକରଣ ନିଜ ହାତରୁ ଖର୍ଚ୍ଚ କରି କିଣୁଛନ୍ତି। ପିଲା ତଥା ଚାକିରି ଆଶାୟୀମାନଙ୍କୁ ଏସବୁ ସୁବିଧା ମାଗଣାରେ ଉପଲବ୍ଧ ହେଉଛି। ଜିଲାର କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ସେ କୃଷକମାନଙ୍କୁ ଜୈବିକ କୃଷି ସମ୍ବନ୍ଧରେ ପ୍ରଶିକ୍ଷଣଦେବା ସହ ଆଣ୍ଟି ନାର୍କୋଟିକ୍ସ ଅଭିଯାନ ଚଳାଇଛନ୍ତି। ମାସ୍କ ପିପିଇ କିଟ ତିଆରି କରୁଥିବା ଏକ ମହିଳା ସଂଗଠନକୁ ତାଙ୍କର ମାସକର ଦରମା ଦେଇ ସେମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି। ଏଚ୍‌ଆଇଭି- ଏଡ୍‌ସ ଆକ୍ରାନ୍ତଙ୍କ ପିଲା ଯେଉଁମାନେ ଅନାଥ ହୋଇଯାଇଛନ୍ତି ସେମାନଙ୍କ ଯତ୍ନ ମଧ୍ୟ ନେଉଛନ୍ତି ଡ. କୌର।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅକ୍ଟୋବର ୧୯୯୫

- ଚୀନର ଗୁଆଙ୍ଗକ୍ସି ପ୍ରଦେଶରେ ଘୂର୍ଣ୍ଣିଝଡ଼ ଆସିବା ଫଳରେ ୬୧ ଜଣଙ୍କ ପ୍ରାଣହାନି।
- ଓଡ଼ିଶାର ଡି. ମନୋଜ କୁମାର ନାଇଡୁ ଜାତୀୟ କଳାଶ୍ରୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।

## sudoku / ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | 3 | 6 | | | B | | | | | | | | |
| | 5 | 9 | | | | A | | | | | D | | | |
| 8 | | | | | B | 7 | | 6 | | | 9 | | | C |
| | | 2 | | 9 | 7 | | | | E | C | | | | 3 |
| | | 6 | 0 | | C | | | 3 | | | 7 | A | D | |
| | | 7 | 8 | | 5 | | | | | 6 | | | 0 | |
| 0 | | | | E | | | 9 | | | 4 | 2 | | | |
| | | | 7 | | 0 | | C | | B | A | 5 | | | 9 |
| | 2 | | 4 | | | | | | | | 0 | | 1 | 5 |
| | | | | A | | | | | | 8 | | D | | |
| 5 | | | 1 | | 3 | | | E | 0 | B | | | | |
| D | | | | B | 6 | | 5 | | 7 | | | | | |
| | | A | C | D | | | | | | | | | E | 4 |
| | 6 | | | | | | | 2 | | 9 | | | B | A |
| | E | 4 | A | | | 6 | | 7 | | | 3 | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 1 | 8 | B | 9 | D | 3 | 5 | 7 | 2 | 6 | A | 4 | 0 | C |
| 5 | 7 | A | 3 | 8 | 4 | 2 | 9 | 0 | E | B | C | D | 6 | 1 |
| 3 | 4 | 6 | A | 0 | C | B | E | 1 | 8 | 9 | D | 5 | 7 | 2 |
| 9 | C | 2 | 1 | 7 | E | 6 | D | A | 4 | 0 | 5 | 3 | B | 8 |
| B | 0 | D | 6 | 2 | 5 | 4 | 8 | C | 7 | 1 | 3 | 9 | A | E |
| 2 | 5 | C | E | 3 | 9 | 7 | 4 | D | B | 8 | 0 | A | 1 | 6 |
| D | 3 | 1 | 0 | A | 7 | 8 | 6 | 2 | 9 | 5 | E | C | 4 | B |
| 6 | 8 | 0 | 5 | 4 | 1 | A | B | E | 3 | C | 7 | 2 | 9 | D |
| 7 | B | 9 | 2 | 6 | 8 | C | 1 | 3 | D | A | 4 | 0 | E | 5 |
| 4 | A | E | D | C | B | 9 | 0 | 5 | 1 | 2 | 6 | 8 | 3 | 7 |
| A | E | 7 | 8 | 5 | 0 | D | 3 | 6 | C | 4 | 1 | B | 2 | 9 |
| C | D | B | 9 | 1 | 6 | 0 | 7 | 4 | 5 | 3 | 2 | E | 8 | A |
| 8 | 6 | 5 | 4 | D | A | E | 2 | B | 0 | 7 | 9 | 1 | C | 3 |
| 1 | 2 | 4 | 7 | B | 3 | 5 | C | 9 | A | E | 8 | 6 | D | 0 |
| 0 | 9 | 3 | C | E | 2 | 1 | A | 8 | 6 | D | B | 7 | 5 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜନଗହଳିଠୁ ଘୁଞ୍ଚାଯାଉ ଗ୍ୟାସ ଫିଲିଙ୍ଗ ଡିପୋ

ମହାଶୟ,

ସହରର ଗୁରୁତ୍ୱପୂର୍ଣ୍ଣ ବ୍ୟସ୍ତବହୁଳ ଜନ ଗହଳି ରାସ୍ତାପାର୍ଶ୍ୱରେ ପେଟ୍ରୋଲ ପମ୍ପ ଏବଂ ଗ୍ୟାସ ଫିଲିଙ୍ଗ ଡିପୋ ଖୋଲିବାର ଅନୁମତି ପ୍ରଦାନ କରିବା କେତେଦୂର ଆଇନସମ୍ମତ। ଭୁବନେଶ୍ୱର କେନ୍ଦ୍ରସ୍ଥଳରେ ରାଜଭବନ ନିକଟସ୍ଥ ଅଏଲ ପେଟ୍ରୋଲ ପମ୍ପରେ ଘଟିଥିବା ଭୟାନକ ବିସ୍ଫୋରଣ ଏକ ନୀତିଶିକ୍ଷା ପ୍ରଦାନ କରିଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ସରକାରଙ୍କ ସଚେତନାତ୍ମକ ଦୂରଦୃଷ୍ଟିର ଅଭାବ ହିଁ ପ୍ରତ୍ୟହ କିଛି ନା କିଛି ଅଘଟଣ ଘଟି ଧନ, ଜନଜୀବନକୁ ବିପନ୍ନ କରିବା ସତ୍ତ୍ୱେ ସରକାର ନ ଚେତିବା ଏବଂ ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ। ପେଟ୍ରୋଲ ଡିଜେଲ କିମ୍ବା ଗ୍ୟାସ ବିକ୍ରିରୁ ମିଳୁଥିବା ରାଜସ୍ୱ ମୃତାହତମାନଙ୍କୁ ଜୀବନ୍ୟାସ ଦେଇପାରିବ ନାହିଁ। ବିସ୍ଫୋରଣଜନିତ ଧନଜୀବନ ହାନିର କ୍ଷୟକ୍ଷତିକୁ ଆକଳନ କରି କ୍ଷତିପୂରଣ ଦେବା କିମ୍ବା ସହାୟତା ରାଶି ଯୋଗାଇଦେବା, ଆହତଜନଙ୍କୁ ମାଗଣା ଚିକିତ୍ସା ଦେବାର ସରକାରୀ ଘୋଷଣା ଓ ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଆଦି ତା'ର ଠିକ୍ ପ୍ରତିକାର ନୁହେଁ। ପ୍ରକୃତ ପ୍ରତିକାର ହେବ ଯଦି ଧନ, ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ସଂସ୍ଥାକୁ ଜନଗହଳି ସ୍ଥାନଠାରୁ ଦୂରରେ ଖୋଲିବାର ଅନୁମତି ପ୍ରଦାନ। ସୁରକ୍ଷା ସରକାରୀ ନୀତିନିୟମକୁ ଉଲ୍ଲଂଘନ କିମ୍ବା ଅଣଦେଖା କରିବାର ନଜରକୁ ଆସିଲେ ପେଟ୍ରୋଲ ଓ ଗ୍ୟାସ ଡିପୋ ସଂସ୍ଥାର ଲାଇସେନ୍ସ ରଦ୍ଦ ହେବା ସହ, କଠୋର ଦଣ୍ଡବିଧାନ ବ୍ୟବସ୍ଥା ରହିଲେ ଆକସ୍ମିକ ଅଘଟଣକୁ ନିଶ୍ଚିତରୂପେ ନିୟନ୍ତ୍ରିତ କରାଯାଇପାରିବ ବୋଲି କୁହାଯାଇପାରେ।

ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ବାରତା ପୂରେ ତା'ର
ରଚଇ କି ହାହାକାର
କାତର ନିଃଶ୍ୱାସ ସମ
ଲାଗେ କି ନୟନେ
ଯେ ବାରତା ପଠାଏଁ
ପବନେ ? -(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ମାଲାବାର ସମରାଭ୍ୟାସରେ ଯୋଗ ଦେଇପାରେ ଅଷ୍ଟ୍ରେଲିଆ**

ଚାଇନା ସହ ଭାରତର ସୀମା ବିବାଦ ଲାଗି ରହିଥିବାବେଳେ ଆସନ୍ତା ନଭେମ୍ବରରେ ହେବାକୁ ଥିବା ନୌସମରାଭ୍ୟାସରେ ଅଷ୍ଟ୍ରେଲିଆକୁ ଏଥିରେ ସାମିଲ କରିବା ଲାଗି ଭାରତ ପ୍ରୟାସ କରିଛି। ଏନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆମନ୍ତ୍ରଣ କରାଯାଇଥିବାବେଳେ ଅଷ୍ଟ୍ରେଲିଆ ସାମିଲ ହେବ ବୋଲି ଜଣାପଡ଼ିଛି। ଏହି ମାଲାବାର ମେଗା ଡ୍ରିଲରେ ଆମେରିକା, ଜାପାନ ବି ଅଂଶଗ୍ରହଣ କରୁଛନ୍ତି। ୨୦୦୭ରେ ଅଷ୍ଟ୍ରେଲିଆ ସାମିଲ ଥିଲା।

# ପାକିସ୍ତାନରେ ତେଜିଲା ଆନ୍ଦୋଳନ

- ଇମ୍ରାନ ସରକାର ପତନ ଲାଗି କାଉଣ୍ଟଡାଉନ୍ ଆରମ୍ଭ
- ଏକାଠି ହେଲେ ୧୧ ବିରୋଧୀ ଦଳ
- ଶରିଫ୍‌ଙ୍କ ଜ୍ୱାଇଁଙ୍କୁ ଗିରଫ କରାଗଲା

**କରାଚୀ, ୧୯।୧୦**



ପାକିସ୍ତାନରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କ ସରକାର ଲାଗି ସମସ୍ୟା ବଢ଼ିବାରେ ଲାଗିଛି। ଇମ୍ରାନ୍‌ଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଏକଜୁଟ ହେବାରେ ଲାଗିଛନ୍ତି। ଏକଛତ୍ରବାଦୀ ଶାସକଙ୍କଠାରୁ ବି ଇମ୍ରାନ ସରକାର ଦୁର୍ବଳ ବୋଲି ଅଭିଯୋଗ ଉଠିଛି। ଏଥିଲାଗି ଦେଶରେ ବିଭିନ୍ନ ସ୍ଥାନରେ ବିରୋଧୀଙ୍କ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ୧୧ ବିରୋଧୀ ଦଳ ଏକାଠି ହୋଇ ପାକିସ୍ତାନ ଡେମୋକ୍ରାଟିକ୍ ମୁଭ୍‌ମେଣ୍ଟ (ପିଡିଏମ୍) ଗଠନ କରିଛନ୍ତି। ୩ ପର୍ଯ୍ୟାୟରେ ଇମ୍ରାନଙ୍କ ହଟାଇବା ଲାଗି ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଇମ୍ରାନ ସରକାର ନ ହଟିବା ପର୍ଯ୍ୟନ୍ତ ଦେଶବ୍ୟାପୀ ରାଲି, ବୈଠକ ଓ ବିକ୍ଷୋଭ କରାଯିବ। ପିପିପି ମୁଖ୍ୟ ବିଲାୱଲ ଭୁଟ୍ଟୋ, ପିଏମ୍ଏଲ୍-ଏନ୍) ଉପାଧ୍ୟକ୍ଷ ମରୟାମ୍ ନୱାଜ୍ ଶରିଫ ପ୍ରମୁଖ ପାକ୍ ସରକାରଙ୍କ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଛନ୍ତି। ବିରୋଧୀଙ୍କ ପ୍ରଦର୍ଶନରେ ବ୍ୟତିବ୍ୟସ୍ତ ହୋଇ ଇମ୍ରାନ୍‌ଙ୍କ ନିର୍ଦ୍ଦେଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କ ଜ୍ୱାଇଁ ସଫଦର ଅୱାନଙ୍କୁ ଗିରଫ କରାଯାଇଛି। ଏକ ହୋଟେଲରୁ ତାଙ୍କୁ ପୋଲିସ ଗିରଫ କରିଛନ୍ତି। ଏସମ୍ପର୍କରେ ନୱାଜଙ୍କ ଝିଅ ତଥା ପାକିସ୍ତାନ ମୁସଲିମ୍ ଲିଗ୍‌ର ଉପାଧ୍ୟକ୍ଷା ମରୟାମ୍ ନୱାଜ ଶରିଫ୍ ସୋମବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ସେମାନେ ହୋଟେଲରେ ଥିବା ସମୟରେ ପୋଲିସ କବାଟ ଭାଙ୍ଗି ଜୋର୍ ଜବରଦସ୍ତ ରୁମ୍‌ରେ ପଶି ସଫଦରଙ୍କୁ ଗିରଫ କରିଥିବା ମରୟାମ୍ କହିଛନ୍ତି। ପାକ୍ ସରକାରକୁ ହଟାଇବା ଲାଗି ଅଭିଯାନ ଜୋର୍‌ଦାର କରାଯାଇଥିବାବେଳେ ଏହାକୁ ନେଇ ଇମ୍ରାନ୍‌ଙ୍କ ଚିନ୍ତା ବଢ଼ିବାରେ ଲାଗିଛି।



**କରୋନାକୁ ଫୁଃ** ନୂଆଦିଲ୍ଲୀର ଚାନ୍ଦିନୀ ଚୌକ ବଜାରରେ ପାର୍ବଣ ଲାଗି ଲୋକଙ୍କ ଭିଡ଼।

## ସିଏଏ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ: ନଡ୍ଡା

**ନୂଆଦିଲ୍ଲୀ, ୧୯।୧୦**

ନାଗରିକତ୍ୱ ସଂଶୋଧନ ଅଧିନିୟମ(ସିଏଏ) ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ। କୋଭିଡ୍ ମହାମାରୀ ଯୋଗୁ ଏହା ବିଳମ୍ବ ହୋଇଯାଇଛି ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସୋମବାର ପଶ୍ଚିମବଙ୍ଗର ସିଲିଗୁଡ଼ିରେ ଆୟୋଜିତ ଏକ ରାଲିରେ କହିଛନ୍ତି। ସେ କହିଛନ୍ତି ଯେ, ଭାଜପା ସିଏଏ ଲାଗୁ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ସମସ୍ତେ ଏହାର ଲାଭ ପାଇବେ।

୨୦୨୧ରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହାପୂର୍ବରୁ ଦଳର ସାଂଗଠନିକ ସ୍ଥିତି ସମୀକ୍ଷା ପାଇଁ ନଡ୍ଡା ସିଲିଗୁଡ଼ି ଗସ୍ତ କରିଛନ୍ତି। ଏହି ଅବସରରେ ସେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରିଛନ୍ତି। ଟିଏମ୍‌ସି ସରକାର ବିଭାଜନ କରି ଶାସନ କରିବାରେ ଆଗ୍ରହୀ। ଟିଏମ୍‌ସି ତୁଳନାରେ ଭାଜପା ସମସ୍ତଙ୍କ ବିକାଶ ପାଇଁ କାମ କରୁଛି ବୋଲି ନଡ୍ଡା କହିଛନ୍ତି।

ସୂଚନାଥାଉ କି, ଗତବର୍ଷ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ ମଧ୍ୟରେ ସଂସଦରେ ସିଏଏ ପାରିତ ହୋଇଥିଲା। ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶରେ ଧର୍ମ ଆଧାରରେ ନିର୍ଯାତନା ପାଇ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଭାରତରେ ଆଶ୍ରୟ ନେଇଥିବା ହିନ୍ଦୁ, ଖ୍ରୀଷ୍ଟିଆନ, ଶିଖ୍, ବୌଦ୍ଧ, ଜୈନ ଏବଂ ପାର୍ସୀଙ୍କୁ ଏହି ଆଇନ ନାଗରିକତ୍ୱ ପ୍ରଦାନ କରିବ। ଏ କ୍ଷେତ୍ରରେ ମୁସଲମାନମାନଙ୍କୁ ବଞ୍ଚିତ କରାଯାଇଥିବାରୁ ଆଇନକୁ ପ୍ରବଳ ବିରୋଧ ହୋଇଆସୁଛି। ଅନ୍ୟପକ୍ଷରେ ସଂସଦରେ ସିଏଏ ପାସ୍ ହେବା ଏବଂ ବିଜ୍ଞପ୍ତି ପ୍ରକାଶ ପାଇବା ସତ୍ତ୍ୱେ ନିୟମ ଅଭାବରୁ ଏହି ଆଇନର କାର୍ଯ୍ୟକାରିତା ଅଟକିଯାଇଛି। ସିଏଏ ସମ୍ପର୍କିତ ନିୟମଗୁଡ଼ିକ ପ୍ରସ୍ତୁତ କରିବାରେ ଆହୁରି ୩ ମାସ ସମୟ ଆବଶ୍ୟକ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗତ ଅଗଷ୍ଟରେ ସଂସଦୀୟ ସ୍ଥାୟୀ କମିଟିକୁ କହିଥିଲା।

## ବନ୍ଧୁକ ଦେଖାଇ ଦଳିତ ଯୁବତୀଙ୍କୁ ଗଣବଳାତ୍କାର

**ୟୁପିରେ ଥମୁନି ଗଣବଳାତ୍କାର**

**କାନପୁର, ୧୯।୧୦**

ଉତ୍ତରପ୍ରଦେଶ (ୟୁପି)ରେ ଗଣବଳାତ୍କାର ଘଟଣା ଥମିବାର ନାଁ ନେଉନାହିଁ। ହାଥରସ, ବାରବାଙ୍କି, ବଲିଆରେ ଗଣବଳାତ୍କାର ଘଟଣାକୁ ନେଇ ସମାଲୋଚନାର ସ୍ୱର ଲମ୍ବି ଚାଲିଥିବାବେଳେ ଏବେ କାନପୁର ନେହାଟ୍‌ରେ ଜଣେ ଦଳିତ ଯୁବତୀ (୨୨)ଙ୍କୁ ବନ୍ଧୁକ ଦେଖାଇ ୨ ଯୁବକ ଗଣବଳାତ୍କାର କରିଥିବା ଜଣାପଡ଼ିଛି।

ଘଟଣାଟି ଏକ ସପ୍ତାହ ତଳର ହୋଇଥିବାବେଳେ ପୋଲିସକୁ ପୀଡ଼ିତା ପରିବାର ପକ୍ଷରୁ ଗତ ରବିବାର ଖବର ଦିଆଯାଇଥିଲା। କାନପୁର ଦେହେଟ୍ ଏସ୍‌ପି କେଶବ କୁମାରଙ୍କ କହିବାନୁଯାୟୀ ଯୁବତୀ ଜଣକ ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ଦ୍ୱୟ ତାଙ୍କ ଘରେ ପଶି ବନ୍ଧୁକ ଦେଖାଇ ବଳାତ୍କାର କରିଥିଲେ। କାହାକୁ ଏ ବିଷୟରେ କହିଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ପୋଲିସ ଏ ନେଇ ତଦନ୍ତକୁ ଜୋର୍‌ଦାର କରିଛି। ୩ଟି ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ତଲାସି କରାଯାଉଥିବା ଏସ୍‌ପି କହିଛନ୍ତି।

## ପୋଲିସ ନିଷ୍ଠୁରତା ବିରୋଧରେ ମହିଳାଙ୍କ ବିକ୍ଷୋଭ




**ଲାଗୋସ୍, ୧୯।୧୦:** ନାଇଜେରିଆର ଲାଗୋସ୍‌ଠାରେ ପୋଲିସ ନିଷ୍ଠୁରତା ବିରୋଧରେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିଛନ୍ତି। ସହସ୍ରାଧିକ ମହିଳା ଦେଶର ବିଭିନ୍ନ ସହରରେ ଏଭଳି ବିକ୍ଷୋଭ ଲାଗି ସଙ୍ଗଠିତ ହୋଇଛନ୍ତି। ଅକ୍ଟୋବର ୮ରୁ ସେମାନେ ଫେଡେରାଲ ସ୍ପେଶାଲ ଆଣ୍ଟି ରବ୍‌ରି ସ୍କ୍ୱାଡ୍ ବଦନାମ ପୋଲିସ ଗୋଷ୍ଠୀ ବିରୋଧରେ ସ୍ୱର ଉଠାଇ ଆସୁଛନ୍ତି। ପୋଲିସ ସେମାନଙ୍କୁ ବଳାତ୍କାରକରିବା, ନିର୍ଯାତନା ଦେବା, ବିଭିନ୍ନ ମାମଲାର ଫସାଇ ମାରିଦେବା ଭଳି କାମ କରିଆସୁଥିବାରୁ ଏଭଳି ଅସନ୍ତୋଷ ବଢ଼ିବାରେ ଲାଗିଛି। ଗିରଫ ବିକ୍ଷୋଭକାରୀଙ୍କୁ ଛାଡ଼ିବା, ମୃତ ବ୍ୟକ୍ତିଙ୍କ ପରିବାରକୁ ନ୍ୟାୟ ସହ କ୍ଷତିପୂରଣ ଦେବା, ଲିଙ୍ଗଗତ ସମାନତା ଯୋଗାଇବା, ପୋଲିସର ଏଭଳି କାର୍ଯ୍ୟ ନେଇ ନିରପେକ୍ଷ ତଦନ୍ତ କରାଯିବା ଲାଗି ବିକ୍ଷୋଭକାରୀ ମହିଳାମାନେ ଦାବି କରିଛନ୍ତି।

## ଫାରୁକ୍ ଅବ୍‌ଦୁଲ୍ଲାଙ୍କୁ ଇଡିର ଜେରା

**୯୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ମାମଲା**

**ନୂଆଦିଲ୍ଲୀ, ୧୯।୧୦**



ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ଉପରେ ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଛାଟ ଲାଗିଛି। ରାଜ୍ୟର କ୍ରିକେଟ ଆସୋସିଏଶନ୍‌ରେ ଘଟିଥିବା ୯୪.୦୬ କୋଟି ଟଙ୍କାର ଦୁର୍ନୀତି ନେଇ ଇଡି ପକ୍ଷରୁ ଫାରୁକ୍‌ଙ୍କୁ ସୋମବାର ପଚରାଉଚରା କରାଯାଉଛି। ଫାରୁକ୍ ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏଶନର ଅଧ୍ୟକ୍ଷ ଥିବାବେଳେ ଏହି ଅର୍ଥ ହେର୍‌ଫେର କରାଯାଇଥିଲା। ଇଡ଼ି ଟିମ୍ ତାଙ୍କୁ ଶ୍ରୀନଗରରେ ପଚରାଉଚରା କରିଛନ୍ତି। ଏଥିରେ ୫୦ ଜଣଙ୍କ ସମ୍ପୃକ୍ତି ଥିବା ନେଇ ଏକ ତାଲିକା ଇଡ଼ି ପକ୍ଷରୁ ପ୍ରସ୍ତୁତ କରାଯାଇଛି। ୨୦୧୨ରେ ଏହି ଘଟଣାର ପର୍ଦ୍ଦାଫାଶ ହେବା ପରେ ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏଶନ୍‌ର ତତ୍କାଳୀନ କୋଷାଧ୍ୟକ୍ଷ ମଞ୍ଜୁର ୱଜିର, ପୂର୍ବତନ ମହାସଚିବ ମହମ୍ମଦ ସଲିମ ଖାଁ ଏବଂ ପୂର୍ବତନ କୋଷାଧ୍ୟକ୍ଷ ଅହସାନ୍ ମିର୍ଜାଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ୨୦୦୨ ଏପ୍ରିଲ୍‌ରୁ ୨୦୧୧ ଡିସେମ୍ବର ମଧ୍ୟରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଟଙ୍କା ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏଶନକୁ ଟ୍ରାନ୍ସଫର କରାଯାଇଥିଲା। ଜମ୍ମୁ-କଶ୍ମୀର ହାଇକୋର୍ଟ ପକ୍ଷରୁ ପୋଲିସର ତଦନ୍ତରେ ବିଳମ୍ବ ଏବଂ ବିଶ୍ୱସନୀୟତାର ଅଭାବ ଯୋଗୁ ୨୦୧୭ ମାର୍ଚ୍ଚ ୯ରେ ଏହି ମାମଲାର ତଦନ୍ତ ଭାର ସିବିଆଇକୁ ପ୍ରଦାନ କରାଯାଇଥିଲା। ଏବେ ପୁଣି ଏହି ଜାଲରେ ଫାରୁକ୍ ଫସିଯାଇଛନ୍ତି। ତେବେ ଏନେଇ ତାଙ୍କ ପୁଅ ତଥା ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା କହିଛନ୍ତି, କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କରିଛନ୍ତି। ଗୁପ୍‌କାର ଘୋଷଣାନାମା ବିରୋଧରେ ମେଣ୍ଟ କରାଯିବା ପରେ ଜାଣିଶୁଣି ହଇରାଣ କରିବା ଉଦ୍ଦେଶ୍ୟରେ ଏଭଳିକରାଯାଉଥିବା ସେ ପ୍ରକାଶ କରିଛନ୍ତି।

# ଫୁର୍‌ସତ୍

## ବେଙ୍ଗ ପାଇଁ ସୁଡ଼ଙ୍ଗ

ବେଙ୍ଗକୁ ନେଇ ଜର୍ମାନୀବାସୀଙ୍କ ମଧ୍ୟରେ ରହିଛି ନିଆରା ଆକର୍ଷଣ। ଏହି ସରୀସୃପ 'ଜିକା' ଭାଇରସ୍ ଭଳି ଅନେକ ମାରାତ୍ମକ ରୋଗ ସୃଷ୍ଟିକାରୀ କୀଟପତଙ୍ଗଠାରୁ ରକ୍ଷା କରୁଥିବା ବିଶ୍ୱାସ ରହିଛି। ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ପଡ଼ିଥିବାବେଳେ ଏହି ଧାରଣା ଆହୁରି ଦୃଢ଼ୀଭୂତ ହୋଇଛି। କେବଳ ଏତିକି ନୁହେଁ, ବେଙ୍ଗ ସୁରକ୍ଷା ଲାଗି ଏଠାରେ ସ୍ୱତନ୍ତ୍ର ସଡ଼କ ଏବଂ ସୁଡ଼ଙ୍ଗ ନିର୍ମାଣ କରାଯାଇଛି।



ଜର୍ମାନୀର ପୂର୍ବତନ ରାଜଧାନୀ ବନ୍ ସହରର ବ୍ୟସ୍ତବହୁଳ ସଡ଼କରେ ଏକ ଅଜବ ଅଭିଯାନ ଆରମ୍ଭ ହୋଇଛି। ରାସ୍ତାରେ ବିପଦସଙ୍କୁଳ ଭାବେ ଚାଲୁଥିବା ବେଙ୍ଗକୁ ଉଦ୍ଧାର କରି ସୁରକ୍ଷିତ ଭାବେ ଜଙ୍ଗଲରେ ଛଡ଼ାଯାଉଛି। ଏହି ଶୀତଳ ରକ୍ତଯୁକ୍ତ ସରୀସୃପ ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବାକୁ ଶୀତନିଦ୍ରାରେ ରହିଥାନ୍ତି। ଫଳରେ ଶୀତ ଆରମ୍ଭରେ ସେମାନେ ଜୀବନ ବଞ୍ଚାଇବାକୁ ପ୍ରବାସରେ ବାହାରିଥାନ୍ତି। ହେଲେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ନୂଆ ଠିକଣାରେ ପହଞ୍ଚି ପାରନ୍ତି ନାହିଁ। ବ୍ୟସ୍ତବହୁଳ ସଡ଼କ ସେମାନଙ୍କ ପାଇଁ ପାଲଟିଯାଏ ମୃତ୍ୟୁର ଯନ୍ତା। ତେଣୁ ଉପକାରୀ ବେଙ୍ଗକୁ ସୁରକ୍ଷା ଦେବାକୁ ଜର୍ମାନୀରେ ଆରମ୍ଭ ହୋଇଛି ଅଭିଯାନ।

ଏ ସମ୍ପର୍କରେ ବନ୍ୟଜୀବ ସଂରକ୍ଷଣ ସହିତ ଜଡ଼ିତ ସଂସ୍ଥାର ଡାଇରେକ୍ଟର ମୋନିକା ହେଚେଲ କୁହନ୍ତି, ବହୁ ସଂଖ୍ୟାରେ ବେଙ୍ଗ ଗାଡ଼ି ଚକତଳେ ପଡ଼ି ପ୍ରାଣ ହରାଉଛନ୍ତି। ସେମାନଙ୍କୁ ରାସ୍ତା ପାର କରାଇବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ। ଏହି କାର୍ଯ୍ୟରେ ସ୍ୱେଚ୍ଛାକୃତ ଭାବେ ଅନେକ ସଂସ୍ଥା ଏବଂ ଶତାଧିକ ସ୍ୱେଚ୍ଛାସେବୀ ଯୋଡ଼ି ହୋଇଛନ୍ତି। ଗାଡ଼ିଚାଳକ ମଧ୍ୟ ଏଥିପ୍ରତି ସଚେତନ ହେଲେଣି। ରାସ୍ତାରେ ବେଙ୍ଗ ଏକତ୍ରିତ ହେବାର ଦେଖିଲେ ଯାନବାହନ ଅଟକିଯାଉଛି। ହେଲେ ସବୁ ସମୟରେ ଯାନବାହନ ଅଟକିବା ସମ୍ଭବପର ନୁହେଁ। ଏହା ଟ୍ରାଫିକ ସମସ୍ୟା ବଢ଼ାଇବା ଆଶଙ୍କା ରହିଛି। ତେଣୁ ଏବେ ଏହାର ବିକଳ୍ପ ବିଷୟରେ ଭାବିବାର ସମୟ ଆସିଛି। ବେଙ୍ଗ ଯାତାୟାତ କରିବା ଲାଗି ଅଧିକାରୁ ଅଧିକ ଭୂତଳ ରାସ୍ତା ଏବଂ ସୁଡ଼ଙ୍ଗ ନିର୍ମାଣ କରିବା ଦିଗରେ ଗୁରୁତ୍ୱ ଦିଆଯିବା ଜରୁରୀ ହୋଇପଡ଼ିଛି। ତେବେ ସବୁ ପୁରୁଣା ରାସ୍ତାରେ ଭୂତଳ ସୁଡ଼ଙ୍ଗ କରିବା ଅସମ୍ଭବ। ନୂଆ ରାସ୍ତା ନିର୍ମାଣ ବେଳେ ଏଥିପ୍ରତି ଧ୍ୟାନ ଦିଆଗଲେ ଏହା ବେଙ୍ଗ ଜୀବନ ବଞ୍ଚାଇ ଦିଆଯାଇପାରିବ। ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ଜର୍ମାନୀ ସରକାରଙ୍କ ମିଳିତ ସହଯୋଗରେ ବେଙ୍ଗଙ୍କ ସୁରକ୍ଷା ଲାଗି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ବେଙ୍ଗକୁ ଧରିବା ଲାଗି ରାସ୍ତାରେ ଏକ ପ୍ରକାର ସ୍ୱତନ୍ତ୍ର ଯନ୍ତା ବସାଯାଉଛି। ସ୍ୱେଚ୍ଛାସେବୀମାନେ ପ୍ରତିଦିନ ଏହାକୁ ଯାଞ୍ଚ କରିଥାନ୍ତି ଏବଂ ଏଥିରେ ପଡ଼ିଥିବା ବେଙ୍ଗଙ୍କୁ ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡ଼ିଦେଇଥାନ୍ତି।

ବେଙ୍ଗମାନେ ବହୁ କ୍ଷତିକାରକ କୀଟପତଙ୍ଗକୁ ଆହାର ଭାବେ ଗ୍ରହଣ କରିଥାନ୍ତି। ପରୋକ୍ଷରେ ଏହା ମାନବ ସମାଜର ହିତ କରିଥାଏ। ସେହିପରି ପାଣିରେ ଥିବା ବହୁ କ୍ଷତିକାରକ ଶୈବାଳ ଖାଇଥାନ୍ତି। ଏହାଦ୍ୱାରା ଜଳ ସ୍ୱଚ୍ଛ ରହିଥାଏ। ତେଣୁ ବେଙ୍ଗ ପାଇଁ ଜର୍ମାନୀବାସୀ ମନରେ ଭଲ ଧାରଣା ସୃଷ୍ଟି ହୋଇଛି। କେବଳ ବନ୍ ସହର ନୁହେଁ ଜର୍ମାନୀର ଅନ୍ୟ କେତେକ ସ୍ଥାନରେ ମଧ୍ୟ ବେଙ୍ଗ ସୁରକ୍ଷା ଅଭିଯାନ ଜୋର ଧରିଛି। ସିଣ୍ଡେଲଫିନ୍‌ଜେନ ଏବଂ ବବଲିନଜେନରେ ବେଙ୍ଗଙ୍କ ଜୀବନ ବଞ୍ଚାଇବାକୁ ସ୍ୱତନ୍ତ୍ର ଟ୍ରାଫିକ୍ ନିୟମ ପ୍ରଚଳନ କରାଯାଇଛି। ଏଥିସହ ଜଙ୍ଗଲିଆ ଅଞ୍ଚଳ ଦେଇ ଯାଇଥିବା ରାସ୍ତାରେ ଦ୍ରୁତଗତିରେ ଗାଡ଼ି ଚାଳନା ଉପରେ କଟକଣା ଜାରି କରାଯାଇଛି।

## ଶିକ୍ଷକ ସାଜିଛନ୍ତି କନ୍‌ଷ୍ଟେବଲ



**ନୂଆଦିଲ୍ଲୀ:** କରୋନା ପରିସ୍ଥିତିରେ ଅନ୍‌ଲାଇନ ପାଠପଢ଼ା ଚାଲିଛି। ତେବେ ଅନେକ ଛାତ୍ରୀଛାତ୍ରଙ୍କ ପରିବାର ଆଣ୍ଡ୍ରଏଡ୍ ମୋବାଇଲ କିଣିବା ପାଇଁ ଅକ୍ଷମ। ତେଣୁ ସେମାନଙ୍କ ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ସାଙ୍ଗସାଥୀ ହୋଇ ଖେଳିବା ସହ ଦୁଷ୍ଟାମି କରୁଛନ୍ତି। ଏଭଳି ଶିକ୍ଷାରୁ ବଞ୍ଚିତ ପିଲାଙ୍କୁ ପାଠ ମନସ୍କ କରିବା ଲକ୍ଷ୍ୟନେଇ ଦିଲ୍ଲୀର ଜଣେ ପୋଲିସ କର୍ମଚାରୀ ଆଗକୁ ଆସିଛନ୍ତି।

ଦିଲ୍ଲୀ ପୋଲିସରେ କାର୍ଯ୍ୟରତ କନ୍‌ଷ୍ଟେବଲ ଥାନ୍ ସିଂ ପିଲାମାନଙ୍କୁ ମନ୍ଦିର ପରିସରରେ ସାମାଜିକ ଦୂରତା ଏବଂ ସାନିଟାଇଜର ଏବଂ ମାସ୍କର ସୁବିଧା କରି ଅଫ୍‌ଲାଇନରେ ପାଠ ପଢ଼ାଉଛନ୍ତି। ଲାଲ୍‌ଦୁର୍ଗ ପାର୍କିଂ ନିକଟ ସାଇ ମନ୍ଦିର ପରିସରରେ ଶିକ୍ଷାଦାନ ଚାଲିଛି। ଶ୍ରମିକ ଶ୍ରେଣୀର ଲୋକଙ୍କ ପିଲାମାନେ ଏଠାରେ ଆସି ପାଠ ପଢୁଛନ୍ତି। ଏ ନେଇ ଥାନ୍ ସିଂ କୁହନ୍ତି, କରୋନା ପରିସ୍ଥିତି ପୂର୍ବରୁ ମଧ୍ୟ ସେ ଗରିବ ପିଲାଙ୍କୁ ପଢ଼ାଉଥିଲେ। ହେଲେ କରୋନା ସ୍ଥିତି ଜଟିଳ ହେବାପରେ ସେ ଶିକ୍ଷାଦାନ ବନ୍ଦ କରିଥିଲେ। ଏବେ ପିଲାମାନେ ଅନ୍‌ଲାଇନ ଶିକ୍ଷାରୁ ବଞ୍ଚିତ ହେଉଥିବା ଜାଣି ପୁଣି ପାଠପଢ଼ା ଆରମ୍ଭ କରିଥିବା ସେ କହିଛନ୍ତି। ଥାନ୍ ପିଲାଙ୍କୁ କରୋନାଠାରୁ ସୁରକ୍ଷିତ ରହିବା ନିମନ୍ତେ ଆବଶ୍ୟକ ସଚେତନ ମଧ୍ୟ କରୁଥିବା ଜଣାପଡ଼ିଛି।

## ପାଣିରେ ଚାଲୁଛି ଟ୍ୟାକ୍ସି

**ଥିରୁଭାନନ୍ତପୁରମ୍:** ପାଣି ଉପରେ ଯେଉଁଠି ଦିନେ ଡଙ୍ଗା କି ବୋଟ୍ ଚାଲୁଥିଲା ସେଠାରେ ଏବେ ଚାଲୁଛି ଟ୍ୟାକ୍ସି। ଏକଥା ଶୁଣି ଯେ କେହି ବି ପ୍ରଥମେ ଆଶ୍ଚର୍ଯ୍ୟ ହୋଇଯିବ। କିନ୍ତୁ ପ୍ରଥମ ଥର ପାଇଁ ଏଭଳି ବ୍ୟବସ୍ଥା କରିଛି କେରଳ ପର୍ଯ୍ୟଟନ ବିଭାଗ। ବିଭିନ୍ନ ପର୍ଯ୍ୟଟନ ସ୍ଥାନରେ ଏଣିକି ୱାଟର ଟ୍ୟାକ୍ସିର ବି ମଜାନେଇପାରିବେ ପର୍ଯ୍ୟଟକ।

କରୋନା ପାଇଁ ଏବେ ସବୁ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପ ବିପର୍ଯ୍ୟୟର ସାମ୍ନା କରିଥିବାବେଳେ କେରଳ ଏ କ୍ଷେତ୍ରରେ ନୂଆ ପଦକ୍ଷେପ ନେଇଛି। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଥମ ଥର ଲାଗି ୱାଟର ଟ୍ୟାକ୍ସି ତିଆରି କରିଛି। ଅର୍ଥାତ୍ ପାଣି ଉପରେ ଚାଲୁଛି ଟ୍ୟାକ୍ସି। ହଁ ବୋଟ୍ ଭଳି ଏହି ଟ୍ୟାକ୍ସି ବି ପାଣି ଉପରେ ଖୁବ୍ ଜୋର୍‌ରେ ଯାଇପାରୁଛି। ଅବଶ୍ୟ ବୋଟ୍ ଭଳି ଏହି ଟ୍ୟାକ୍ସି ବି ଡିଜେଲରେ ଚାଲୁଛି ଏବଂ ଏଥିରେ ଥରକେ ୧୦ଜଣ ବସିବାର ସୁବିଧା ରହିଛି। ଏହା ଘଣ୍ଟାପ୍ରତି ସର୍ବାଧିକ ୩୦ କିଲୋମିଟର ବେଗରେ ଚାଲିପାରିବ ଏବଂ ଏଥିରେ ଦୁଇଜଣ କ୍ରିୟୁ ମେମ୍ବର ରହିପାରିବେ। ଏଭଳି ଏକ ଟ୍ୟାକ୍ସି ଲଞ୍ଚ କରିବା ନେଇ ପୂର୍ବରୁ କେରଳ ପର୍ଯ୍ୟଟନ ବିଭାଗ ପ୍ରତିଶ୍ରୁତି ଦେଇଥିଲା। କରୋନା ପାଇଁ ବିଳମ୍ବରେ ଏବେ ଏହି ଟ୍ୟାକ୍ସି ଲଞ୍ଚ କରାଯାଇଛି। ଏଭଳି ଟ୍ୟାକ୍ସି ଡିଜାଇନ୍ କରିଛି ନବ୍‌ଗତି ମେରାଇନ୍ ଡିଜାଇନ୍ ଆଣ୍ଡ କନ୍‌ଷ୍ଟ୍ରକଶନ୍‌ସ ପ୍ରାଇଭେଟ୍ ଲିମିଟେଡ୍। କମ୍ପାନୀର ସିଇଓଙ୍କ କହିବା ଅନୁସାରେ ଏହା ଏକ ହାଇବ୍ରିଡ୍ ସୋଲାର୍ ପାୱାର ବୋଟ୍ ଭଳି। ତେଣୁ ଏଥିରେ ମଧ୍ୟ ପର୍ଯ୍ୟଟକମାନେ ବେଶ୍ ମଜା ନେଇପାରିବେ।



## ୫ ମିନିଟ୍‌ରେ ୧.୬ କି.ମି. ଦୌଡ଼ିଲେ ଗର୍ଭବତୀ



**ନୂଆଦିଲ୍ଲୀ:** କିଛି ଲୋକ ନିଜ ଦୃଢ଼ ମନୋବଳକୁ ଦେଖାଇବା ପାଇଁ ଯେକୌଣସି ଚ୍ୟାଲେଞ୍ଜକୁ ଗ୍ରହଣ କରିଥାନ୍ତି। ଠିକ୍ ଯେମିତି ମାକେନା ନାମକ ଜଣେ ମହିଳା। ୯ ମାସର ଗର୍ଭବତୀ ଥାଇ ବି ସେ ମାତ୍ର ୫ ମିନିଟ୍‌ରେ ଦେଢ଼ କିଲୋମିଟରରୁ ଅଧିକ ବାଟ ଦୌଡ଼ି ରେକର୍ଡ କରିପାରିଛନ୍ତି। ସୋସିଆଲ ମିଡିଆରେ ଏବେ ଏହି ଖବର ସମସ୍ତଙ୍କ ପାଇଁ ଚର୍ଚ୍ଚାର କାରଣ ପାଲଟିଛି।

ପ୍ରକୃତ କଥା ହେଉଛି ମାକେନାଙ୍କୁ ତାଙ୍କ ସ୍ୱାମୀ ମାଇକେଲ୍ ମାଇଲର୍ ଚ୍ୟାଲେଞ୍ଜ କରିଥିଲେ କି ୯ମାସର ଗର୍ଭ ଥିବା ସମୟରେ ସେ ଯଦି ୧.୬ କିଲୋମିଟର ରାସ୍ତାକୁ ୮ ମିନିଟ୍‌ରେ ଦୌଡ଼ିପାରନ୍ତି ତେବେ ସେ ତାଙ୍କୁ ୧୦୦ଡଲାର ପୁରସ୍କାର ଦେବେ। ତେବେ ମାଇକେଲ୍ ଏକଥା ତାଙ୍କ ପତ୍ନୀଙ୍କୁ ସେତେବେଳେ କହିଥିଲେ, ଯେତେବେଳେ ମାକେନା ଦୁଇ ମାସର ଗର୍ଭବତୀ ଥିଲେ। ମାକେନା ସେତେବେଳେ ପତିଙ୍କ ଚ୍ୟାଲେଞ୍ଜକୁ ଗ୍ରହଣ କରିଥିଲେ, ଆଉ ଠିକ୍ ୭ମାସ ପରେ ସେ ତାଙ୍କ ଚ୍ୟାଲେଞ୍ଜକୁ ପୂରା ବି କରିଛନ୍ତି, ତା' ପୁଣି ସ୍ୱାମୀଙ୍କ କହିବା ଅନୁସାରେ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ। ମାକେନାଙ୍କର ଏଭଳି ରେକର୍ଡ ସମ୍ପର୍କରେ ୧ ମିନିଟର ଏକ ଭିଡିଓ ୟୁଟ୍ୟୁବରେ ଶେୟାର କରିଛନ୍ତି ତାଙ୍କ ସ୍ୱାମୀ ମାଇକେଲ୍। ଭିଡିଓରେ କ୍ୟାପଶନ୍ ଦେଇ ସେ କହିଛନ୍ତି କି ତାଙ୍କ ପତ୍ନୀ ପ୍ରକୃତରେ ୧୦୦ ଡଲାର ପୁରସ୍କାର ପାଇବାକୁ ଯୋଗ୍ୟ। କାରଣ ୯ମାସର ଗର୍ଭବତୀ ଥିବା ସମୟରେ ମାକେନା ଏତେ ଜୋରରେ ଦୌଡ଼ିପାରିବେ ବୋଲି ସେ ଆଦୌ ବିଶ୍ୱାସ କରିପାରି ନ ଥିଲେ। ତେବେ ଏହି ଭିଜୁଆଲଟିକୁ ସୋସିଆଲ ମିଡିଆରେ ଦେଖି ଏବେ ମଧ୍ୟ ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଭିଜୁଆଲକୁ ଦେଖିବା ପରେ କିଛି ଲୋକ ମାକେନାଙ୍କୁ ନାରୀଶକ୍ତି ବୋଲି ସମ୍ବୋଧନ କରିଛନ୍ତି ତ କିଛି ଲୋକ ତାଙ୍କ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ରହିଛି ବୋଲି କହିଛନ୍ତି। ତେବେ ସେ ଯାହା ହେଉ ମାକେନା ଦୌଡ଼ିବା ପରେ ବି ସୁସ୍ଥ ଅଛନ୍ତି ବୋଲି ଡାକ୍ତରଙ୍କ ପାଖରେ ପରୀକ୍ଷା କରିବା ପରେ ଜଣାଇଛନ୍ତି।

## ଦିନକରେ ୫୫ ପଜିଟିଭ୍

ଢେଙ୍କାନାଳ ଅଫିସ: ଢେଙ୍କାନାଳ ଜିଲାରୁ ସୋମବାର ୫୫ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଚିକିତ୍ସା ପରେ ୩୦ଜଣ ସୁସ୍ଥ ହୋଇ ଫେରିଛନ୍ତି। ଏବେ ସୁଦ୍ଧା ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୬୮୩ ହୋଇଥିବାବେଳେ ୪୨୬୫ ଜଣ ସୁସ୍ଥ ହୋଇ ସାରିଲେଣି। ନୂଆ ସଂକ୍ରମିତଙ୍କ ମଧ୍ୟରେ ପରଜଙ୍ଗ ବ୍ଲକର ୨୭, କାମାକ୍ଷାନଗର ବ୍ଲକ ଏବଂ ଏନ୍‌ଏସିର ୧୫, ଓଡ଼ାପଡ଼ା ବ୍ଲକର ୨, ସଦର ବ୍ଲକର ୨, ଭୁବନ ବ୍ଲକର ୨, ଢେଙ୍କାନାଳ ପୌରାଞ୍ଚଳରୁ ୩, ଗଁଦିଆ ବ୍ଲକର ଜଣେ ଅଛନ୍ତି।

**ସଂକ୍ଷେପରେ**

### ୪ ଶିକାରୀ ଗିରଫ

ବଇଣ୍ଡା,୧୯।୧୦(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ହାତୀଧରା ସଂରକ୍ଷିତ ଜଙ୍ଗଲରେ ରବିବାର ରାତିରେ ବନ ବିଭାଗ ଚଢ଼ାଉ କରି ୨୦ କେଜି ଶମ୍ବର ମାଂସ ଓ ୨ଟି ବନ୍ଧୁକ ଜବତ କରିବା ସହ ୪ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଠାକୁରଗଡ଼ ଥାନା ରାଇଡ଼ା ଗ୍ରାମର ନାରାୟଣ ଭୋଇ, ବିଦ୍ୟାଧର ଭୋଇ, ଦୈତାରୀ ଭୋଇ, ବରହ୍ମ ଗ୍ରାମର ଭିକାରୀ ଭୋଇ। ଏମାନଙ୍କ ସହ ଥିବା ଆଉ ୪ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହି ୮ଜଣ ଶିକାରୀ ସାତକୋଶିଆ ବାଘମୁଣ୍ଡା ଜଙ୍ଗଲରୁ ଏକ ଶମ୍ବର ମାରି ମାଂସ ବିକ୍ରି କରୁଥିବା ଖବର ମିଳିବା ପରେ ରେଞ୍ଜର ରାହାସ ସାହୁ, ଫରେଷ୍ଟର ସୁବ୍ରତ ଶତପଥୀ, କିଶୋରଚନ୍ଦ୍ର ପ୍ରଧାନ, ସନ୍ତୋଷ ନାୟକ, ଗାର୍ଡ ତପସ୍ୱିନୀ ସାହୁ, ତ୍ରିନାଥ ନାୟକ ପ୍ରମୁଖ ଚଢ଼ାଉ କରିଥିଲେ।

### ହିଙ୍ଗୁଳା ପୀଠରେ ନବରାତ୍ର ପୂଜା ଆରମ୍ଭ

ଅନୁଗୋଳ ଅଫିସ, ୧୯।୧୦: ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ ହୋଇଛି। କରୋନା ମହାମାରୀ ପାଇଁ ଚଳିତବର୍ଷ ବିନା ଶ୍ରଦ୍ଧାଳୁରେ ଏବଂ ସରକାର ଓ ପ୍ରଶାସନର ସମସ୍ତ ନୀତିନିୟମ ମାନି ପୂଜାର୍ଚ୍ଚନା କରାଯାଉଥିବା ପୂଜକ କିଶୋର ଚନ୍ଦ୍ର ଦେହୁରୀ କହିଛନ୍ତି। ଦଶ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ପୂଜାର ପ୍ରଥମ ଦିବସରେ ଶୈଳପୁତ୍ରୀ ପୂଜନ, ଦ୍ୱିତୀୟ ଦିବସରେ ବ୍ରହ୍ମଚାରିଣୀ, ତୃତୀୟ ଦିବସରେ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିବସରେ କୃଷ୍ମାଣ୍ଡେି, ପଞ୍ଚମ ଦିବସରେ ସ୍କନ୍ଦମାତା, ଷଷ୍ଠ ଦିବସରେ କାତ୍ୟାୟନୀ, ସପ୍ତମ ଦିବସରେ କାଳରାତ୍ରୀ, ଅଷ୍ଟମ ଦିବସରେ ମହାଗୌରୀ, ନବମ ଦିବସରେ ସିଦ୍ଧିଦାତ୍ରୀ ଓ ଦଶମ ଦିବସରେ ଅପରାଜିତା ପୂଜନ ଆଦି ବିଧିବିଧାନ ଅନୁଯାୟୀ ପାଳନ କରାଯିବ ବୋଲି ମନ୍ଦିର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ନିଖୋଜ ଯୁବତୀ ମଧ୍ୟପ୍ରଦେଶରୁ ଉଦ୍ଧାର

କଣିହାଁ,୧୯।୧୦(ଡି.ଏନ.ଏ.): କଣିହାଁ ବ୍ଲକ କୁଲୁମା ପଞ୍ଚାୟତରୁ ଗତ ୩ ତାରିଖରୁ ନିଖୋଜ ହୋଇଯାଇଥିବା ଜଣେ ଯୁବତୀଙ୍କୁ ରେଙ୍ଗାଳି ପୋଲିସ ମଧ୍ୟପ୍ରଦେଶରୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଯୁବତୀ ଜଣକ ନିଖୋଜ ହେବା ନେଇ ଗତ ୧୫ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ବେଳେ ମଧ୍ୟପ୍ରଦେଶ ପୋଲିସ ସେଠାରେ ଜଣେ ଯୁବତୀଙ୍କୁ ଅଟକ ରଖାଯାଇଥିବା ଜଣାଇଥିଲା। ଏହାପରେ ରେଙ୍ଗାଳି ପୋଲିସ ମଧ୍ୟପ୍ରଦେଶ କଲେରୀ ଥାନାରୁ ଅଟକ ଯୁବତୀଙ୍କୁ ଆଣି ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ପରିବାର ଆର୍ଥିକ ଅନଟନରେ ଥିବାରୁ କାହାକୁ ନ ଜଣାଇ ଜଣେ ବନ୍ଧୁଙ୍କ ସହ ସେ ଚାକିରି ଆଶାରେ ମଧ୍ୟପ୍ରଦେଶ ଚାଲିଯାଇଥିଲେ। ସେଠାରେ କାମ ନ ମିଳିବାରୁ ଘରକୁ ଫେରିବାକୁ ସେ ପୋଲିସର ସହାୟତା ଲୋଡ଼ିଥିଲେ। ଫଳରେ ମଧ୍ୟପ୍ରଦେଶ ପୋଲିସ ଏ ନେଇ ରେଙ୍ଗାଳି ଥାନାକୁ ଅବଗତ କରିଥିଲେ ବୋଲି ଯୁବତୀ ଜଣକ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ଦେଇଥିବା ପୋଲିସ ସୂଚନା ଦେଇଛି।

### ୧୦୦ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୧୯।୧୦: ଅନୁଗୋଳ ଜିଲାରୁ ସୋମବାର ୧୦୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୭,୫୬୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ଦିନକରେ ୨୦୪ ରୋଗୀ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୧୦ ଛୁଇଁଛି। ଜିଲାପାଳ ସ୍ୱାଇଁ କହିଛନ୍ତି, ସଂକ୍ରମିତଙ୍କ ମୃତ୍ୟୁ ହେଲେ ଏହାର ଅଡିଟ୍ କରାଯାଉଛି। କରୋନାରେ ମୃତ୍ୟୁ ହୋଇଥିବା ନେଇ ଭୁବନେଶ୍ୱରରୁ ରିପୋର୍ଟ ଆସିବା ପରେ ଜିଲା ପ୍ରଶାସନ ପକ୍ଷରୁ ସର୍ବସାଧାରଣଙ୍କୁ ସୂଚନା ଦିଆଯାଉଛି।

### କଡ଼ାକଡ଼ି ଯାଞ୍ଚ ନିର୍ଦ୍ଦେଶ

ଅନୁଗୋଳ ଅଫିସ, ୧୯।୧୦: ଅନୁଗୋଳ ଜିଲାରେ କରୋନା ସ୍ଥିତି ସମୀକ୍ଷା ବେଳେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯାଞ୍ଚ କଡ଼ାକଡ଼ି ଉପରେ ଗୁରୁତ୍ୱ ଦେଇଛନ୍ତି। ପାର୍ବଣ ସମୟ ହୋଇଥିବାରୁ ଦେବାଳୟ ସମ୍ମୁଖ ଜନସମାଗମ ଉପରେ ନଜର ରଖିବା ଓ ମୋବାଇଲ ଟିମ୍ ଧରି ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କରୋନା ମୁକାବିଲାରେ ନିୟୋଜିତ କର୍ମଚାରୀମାନେ ପୂଜା ଛୁଟିରେ ପର୍ଯ୍ୟାୟକ୍ରମେ ଟିମ୍ ଗଠନ କରି ଦାୟିତ୍ୱ ନିର୍ବାହ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

# ପ୍ରଶାସନ ପାଣ୍ଠି ଦେଲେ ସମାଧାନ

ଅନୁଗୋଳ ଅଫିସ, ୧୯।୧୦



ଅନୁଗୋଳ ସହରର ଏକ ରାସ୍ତା ଉପରେ ଗୋରୁପଲ ଶୋଇଛନ୍ତି।

- ସହରରେ ବଢୁଛି ବୁଲା ଗୋରୁଙ୍କ ସଂଖ୍ୟା
- ଦୈନିକ ଘଟୁଛି ଏକାଧିକ ଦୁର୍ଘଟଣା
- କାଞ୍ଜିଆହୁଦା ପାଇଁ ଅର୍ଥକୁ ଅପେକ୍ଷା କରିଛି ପୌରପାଳିକା

ଅନୁଗୋଳ ସହରରେ ବୁଲା ଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସକାଳୁ ରାତିଯାଏ ଏମାନେ ବିଭିନ୍ନ ରାସ୍ତାକୁ କବ୍‌ଜା କରି ରଖୁଥିବାରୁ ଦୈନିକ ଏକାଧିକ ଦୁର୍ଘଟଣା ଘଟୁଛି। ସହରର ରାସ୍ତା ମଧ୍ୟ ଅପରିଷ୍କାର ହେଉଛି। ଏ ନେଇ ପୌରପାଳିକା ନିକଟରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ତେବେ କାଞ୍ଜିଆହୁଦା ନିର୍ମାଣ ପାଇଁ ଜିଲା ପ୍ରଶାସନ ପାଣ୍ଠି ଯୋଗାଇ ଦେଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ପୌର କର୍ତ୍ତୃପକ୍ଷ କହିଛନ୍ତି।

ସହରର ଗଳିକନ୍ଦି ଠାରୁ ଆରମ୍ଭ କରି ଜାତୀୟ ରାଜପଥ ଯାଏ ସବୁଆଡ଼େ ପଲ ପଲ ଗୋରୁ ବୁଲୁଛନ୍ତି। ଗାନ୍ଧୀମାର୍ଗ, ସର୍କିଟ ହାଉସ ରାସ୍ତା, ଅମଲାପଡ଼ା, ଶିମିଳିପଡ଼ା, ତାମ୍ରିତ କଲୋନୀ, ମିଶ୍ରପଡ଼ା, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ହେମସୁରପଡ଼ା ଆଦି ରାସ୍ତାରେ ଏମାନଙ୍କ ସଂଖ୍ୟା ଅଧିକ। ସେହିପରି ୫୫ନଂ. ଜାତୀୟ ରାଜପଥ ଉପରେ ରାତିରେ ଗୋରୁପଲ ଶୋଇ ରହୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଫଳରେ ଲୋକଙ୍କ ସହ ଗୋରୁମାନେ ମଧ୍ୟ କ୍ଷତାକ୍ତ ହେଉଛନ୍ତି। ଖୋଦ୍ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ପ୍ରାୟତଃ ଦୁର୍ଘଟଣାରେ ଗୋରୁମାନେ ଆହତ ହୋଇ ରାସ୍ତା ଉପରେ ପଡ଼ି ରହୁଥିବା ଦେଖାଯାଉଛି। ସରକାରୀ କଲୋନୀ ସମ୍ମୁଖ ରାସ୍ତାରେ ଏପରି ଦୃଶ୍ୟ ନିତିଦିନିଆ ହୋଇଗଲାଣି। ସହରରେ ବୁଲୁଥିବା ଏହି ଗୋରୁପଲଙ୍କ ମଧ୍ୟରୁ ଅନେକଙ୍କର ମାଲିକ ଅଛନ୍ତି। କିନ୍ତୁ ଗୁହାଳ ନ କରି ସେମାନେ ଗୋରୁ ପାଳୁଥିବାରୁ ଏପରି ଅବସ୍ଥା ସୃଷ୍ଟି ହେଉଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ବିଭିନ୍ନ ସମୟରେ ସାମାଜିକ କର୍ମୀ ଓ ସହରବାସୀ ପୌରପାଳିକା ନିକଟରେ ଅଭିଯୋଗ କରୁଛନ୍ତି। କିନ୍ତୁ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହି ପୌର ପ୍ରଶାସନ ସମୟ ଗଡ଼ାଇ ଚାଲିଛି। ବାସ୍ତବରେ ଭିତ୍ତିଭୂମି ଓ କର୍ମଚାରୀଙ୍କ ଅଭାବ କାରଣରୁ ଏପରି ସମସ୍ୟାର ସମାଧାନ ହୋଇପାରୁ ନ ଥିବା ବେଳେ କାଞ୍ଜିଆହୁଦା ମଧ୍ୟ ନିର୍ମାଣ କରାଯାଇପାରୁ ନାହିଁ। ଜିଲା ପ୍ରଶାସନ ଏ ନେଇ ପାଣ୍ଠି ଯୋଗାଇ ଦେଲେ କାଞ୍ଜିଆହୁଦା କରାଯାଇପାରିବ ବୋଲି ପୌର କର୍ତ୍ତୃପକ୍ଷ କହିଛନ୍ତି। ଅପରପକ୍ଷରେ ପୌରପରିଷଦର ଏପରି ଅବହେଳାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲାର ବିକାଶ ପାଇଁ ଅର୍ଥର ଅଭାବ ନାହିଁ ବୋଲି କୁହାଯାଉଥିବାବେଳେ କାଞ୍ଜିଆହୁଦାଟିଏ ନିର୍ମାଣ କରାଯାଇ ନ ପାରିବା କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି। ତୁରନ୍ତ ପୌରପାଳିକା ଏ ଦିଗରେ ଦୃଷ୍ଟି ଦେଇ ଗୋରୁ ମାଲିକମାନଙ୍କ ଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରୁ ବୋଲି ସହରବାସୀ ମତ ଦେଇଛନ୍ତି।

**କଡ଼ା ଆଭିମୁଖ୍ୟ ଆବଶ୍ୟକ**



"ବୁଲା ଗୋରୁଙ୍କ ପାଇଁ ସହରରେ ଦୈନିକ ଏକାଧିକ ଦୁର୍ଘଟଣା ଘଟୁଛି। କିନ୍ତୁ ଏ ନେଇ ପ୍ରଶାସନର ନିଘା ନାହିଁ। କାଞ୍ଜିଆହୁଦା ନିର୍ମାଣ ସହ ବୁଲା ଗୋରୁଙ୍କ ମାଲିକମାନଙ୍କ ଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇ ପାରିଲେ ସେମାନଙ୍କ ଚେତା ଉଦୟ ହୁଅନ୍ତା।

-ରୁକେଶ ରୋସନ ଦାସ, ଅନୁଗୋଳବାସୀ

**ମାଲିକମାନଙ୍କୁ ପ୍ରଥମେ ଚିହ୍ନଟ କରାଯାଉ**



"ସହରରେ ଦେଖା ଦେଇଥିବା ଏହି ସମସ୍ୟା ପାଇଁ ଗୋରୁ ମାଲିକମାନେ ଦାୟୀ। ସେମାନଙ୍କୁ ପ୍ରଥମେ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ଏ ଦିଗରେ ପ୍ରଶାସନ କଠୋର ହେଲେ ଯାଇ ମାଲିକମାନେ ସେମାନଙ୍କ ଗୋରୁଙ୍କୁ ରାସ୍ତା ଉପରକୁ ଛାଡ଼ିବେ ନାହିଁ।

-ବିଶ୍ୱଜିତ୍ ବିଶ୍ୱାଳ, ଅନୁଗୋଳ ବାସିନ୍ଦା

**ଗୋରୁଙ୍କୁ ଧରି ରେଡିୟମ ଟ୍ୟାଗ୍ ଲଗାଯାଉ**



"ସହର ଉପକଣ୍ଠରେ ଏକମାତ୍ର ଘରୋଇ ଗୋଶାଳା ରହିଛି। ସେଠାରେ ଯେତିକି ଗୋରୁ ରହିଛନ୍ତି ସେମାନଙ୍କ ପାଇଁ ଜାଗା ନିଅଣ୍ଟ ପଡ଼ୁଛି। ତେଣୁ ପୌର ପରିଷଦ କାଞ୍ଜିଆହୁଦା ନିର୍ମାଣ ସହ ବୁଲା ଗୋରୁଙ୍କୁ ଧରି ରେଡିୟମ ଟ୍ୟାଗ୍ ଲଗାଇଲେ ମାଲିକମାନଙ୍କ ଠାରୁ ଜରିମାନା ଆଦାୟ ସହଜ ହୋଇପାରିବ।

-ପ୍ରତାପ ମହାପାତ୍ର, ଅନୁଗୋଳବାସୀ

**ଗୋଶାଳା ପଠାଇବା ବ୍ୟବସ୍ଥା ହେଉଛି**



"ବୁଲା ଗୋରୁଙ୍କୁ ସହର ଉପକଣ୍ଠ ଗୋ ଶାଳାକୁ ପଠାଯିବାର ବ୍ୟବସ୍ଥା ହେଉଛି। ତେବେ ଅର୍ଥାଭାବରୁ କାଞ୍ଜିଆହୁଦା ନିର୍ମାଣ କରାଯାଇ ପାରୁନାହିଁ। ଏ ନେଇ ଜିଲା ପ୍ରଶାସନ ସହ ଆଲୋଚନା କରାଯାଉଛି। ଅର୍ଥ ମଞ୍ଜୁର ହେଲେ କୌଣସି ଏକ ସ୍ଥାନରେ କାଞ୍ଜିଆହୁଦା ନିର୍ମାଣ କରାଯିବ।

-ବିନୋଦ ଚନ୍ଦ୍ର ପଣ୍ଡା
ପୌରନିର୍ବାହୀ ଅଧିକାରୀ, ଅନୁଗୋଳ

## ଷ୍ଟ୍ରେଚରରେ ନାଳ ପାର ହେଲେ ମା', ନବଜାତକ

କାମାକ୍ଷାନଗର, ୧୯।୧୦(ଡି.ଏନ.ଏ.)

**ଉପାନ୍ତ ଏଲୁକରେ ଜନନୀ ଯନ୍ତ୍ରଣା**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାନ୍ତୋଲ ପଞ୍ଚାୟତର ଉପାନ୍ତ ଏଲୁକରେ ପୁଣି ଜନନୀ ଯନ୍ତ୍ରଣାର ଚିତ୍ର ସାମ୍ନାକୁ ଆସିଛି। ଉଛୁଳା ପିଛୁଳି ନାଳ ଆମ୍ବୁଲାନ୍ସ ରାସ୍ତା ଅବରୋଧ କରିଥିବାବେଳେ ଷ୍ଟ୍ରେଚରରେ ଏକ କିଲୋମିଟର ବୁହାହୋଇ ଆସିଛନ୍ତି ମା' ଏବଂ ସଦ୍ୟଜାତ ଶିଶୁ। ଏହି ଘଟଣା ଶିଳ୍ପ ସମୃଦ୍ଧ ଜିଲାରେ ସ୍ୱାସ୍ଥ୍ୟସେବାର ବାସ୍ତବତାକୁ ପଦାକୁ ଆଣିଛି। ଅନ୍ୟପଟେ ଏଲୁକ ବିକାଶକୁ ନେଇ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି କେତେ ସତ ତାହାକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ।

ସୂଚନାଯୋଗ୍ୟ, ଗ୍ରାମର ନିରଞ୍ଜନ ଦେହୁରୀଙ୍କ ସ୍ତ୍ରୀ ଉପାସୀଙ୍କ ସୋମବାର ସକାଳ ପ୍ରାୟ ୮ଟାରେ ପ୍ରସବ ବେଦନା ଆରମ୍ଭ ହୋଇଥିଲା। ଘର ଲୋକେ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ତେବେ ପାଣିଭର୍ତ୍ତି ପିଛୁଳି ନାଳ ପାର ହୋଇ ଗ୍ରାମକୁ ଆମ୍ବୁଲାନ୍ସ ଆସିବା ଅସମ୍ଭବ ଥିଲା। ତେଣୁ ନାଳ ସେପଟେ ଆମ୍ବୁଲାନ୍ସ ଅଟକି ରହିଥିଲା। ଇତିମଧ୍ୟରେ ଉପାସୀ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ମହିଳା ଏବଂ ନବଜାତକଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନଜରରେ ରଖି ଆଶାଦିଦିଙ୍କ ସହାୟତାରେ ପରିବାର ଲୋକେ ଉଭୟଙ୍କୁ ଷ୍ଟ୍ରେଚରରେ ଏକ କି.ମି. ବୋହି ଆଣିଥିଲେ। ନାଳ ପାର ହେବା ପରେ ଆମ୍ବୁଲାନ୍ସରେ ଦୁହିଁଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସାଧିକାରୀ ରତ୍ନାକର ସାମଲ କୁହନ୍ତି, ଏଲୁକ ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି। ଚିକିତ୍ସା ପରେ ମା' ଶିଶୁ ଘରକୁ ଫେରିଯାଇଥିବା ସେ ସୂଚନା ଦେଇଛନ୍ତି।

## ଆର୍‌ଟିପିସିଆର୍ ପରୀକ୍ଷାଗାର ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୧୯।୧୦


ପରୀକ୍ଷାଗାରକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ଆର୍‌ଟିପିସିଆର୍ ପରୀକ୍ଷାଗାର କାର୍ଯ୍ୟକ୍ଷମ ହୋଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ଅନୁଗୋଳରେ କେବଳ ରାପିଡ୍ ଆଣ୍ଟିଜେନ୍ ଓ ଟ୍ରୁନାଟ୍‌ରେ କୋଭିଡ୍ ପରୀକ୍ଷା କରାଯାଉଥିଲା। ଆର୍‌ଟିପିସିଆର୍ ନମୁନା କଟକ ଓ ଭୁବନେଶ୍ୱର ପଠାଯାଉଥିଲା। କିନ୍ତୁ ସୋମବାର ଠାରୁ ଆର୍‌ଟିପିସିଆର୍ ଟେଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟରେ କରାଯାଉଥିବାରୁ ତୁରନ୍ତ ରିପୋର୍ଟ ପ୍ରଦାନ କରାଯାଇପାରିବ। ଅତି କମ୍‌ରେ ଦିନକୁ ୮୫ରୁ ୯୦ଟି ସ୍ୱାବ୍ ଏଠାରେ ପରୀକ୍ଷା କରାଯିବ। କୋଭିଡ୍ ପରବର୍ତ୍ତୀ ସମୟରେ ମଧ୍ୟ ଏହି ପରୀକ୍ଷାଗାରରେ ଅନ୍ୟ ରୋଗର ପରୀକ୍ଷା କରାଯାଇପାରିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଭୟ କୁମାର ଦାଶ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ କୁମାର ନାୟକଙ୍କ ସମେତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ୨ ଭାଇ ଗୁରୁତର

କାମାକ୍ଷାନଗର, ୧୯।୧୦(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାମ ପଞ୍ଚାୟତ ଜୁଆଙ୍ଗ ସାହିର ୨ ଭାଇ ଜଳଧର ପଧାନ ଏବଂ ପ୍ରଦୀପ ପଧାନ ସୋମବାର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଧାନ ଫସଲ ଜଗିବାକୁ ଯାଇଥିବାବେଳେ ଏହି ଘଟଣା ଘଟିଛି। ଏଥିରେ ଜଳଧରଙ୍କ ଜଙ୍ଘ ଭାଙ୍ଗିଯାଇଥିବାବେଳେ ପ୍ରଦୀପଙ୍କ ଆଭ୍ୟନ୍ତରୀଣ ଅଙ୍ଗରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିଲରେ ଫସଲ ଜଗିଥିବାବେଳେ ହଠାତ୍ ୭ ହାତୀ ପଶି ଆସିଥିଲେ। ଫଳରେ ଦୁଇଭାଇ ସେମାନଙ୍କ ହାବୁଡ଼ରେ ପଡ଼ିଯାଇଥିଲେ।

**ଫଟୋରେ ଖବର**


ଅନୁଗୋଳ ଦଶହରା ପଡ଼ିଆରେ ମା'ଙ୍କ ମୂର୍ତ୍ତିରେ ଶେଷସ୍ପର୍ଶ ଦେଉଛନ୍ତି ଜଣେ ଶିଳ୍ପୀ। (ଫଟୋ- ବୁବୁ)

# ଆବାସ ପାଇଁ ରାସ୍ତା ବାଧକ

ଭାପୁର, ୧୯।୧୦(ଡି.ଏନ.ଏ.)


ଗାଁକୁ ରାସ୍ତା ନାହିଁ।

- ରାଜସ୍ୱ ଗ୍ରାମ ଖଇରାସାହିକୁ ଛୁଇଁନି ବିକାଶ
- ସଡ଼କ ନ ଥିବାରୁ ନିର୍ମାଣ ସାମଗ୍ରୀ ଆସିପାରୁନି
- କାର୍ଯ୍ୟାଦେଶ ଥାଇ ହୋଇପାରୁନି ଘର ତିଆରି

ଆବାସ ଯୋଜନାରେ ଘର ତୋଳାହେବ। ଏଥିପାଇଁ ମିଳିଛି କାର୍ଯ୍ୟାଦେଶ। ଟଙ୍କା ବି ମଞ୍ଜୁର ହୋଇସାରିଲାଣି। ହେଲେ ହିତାଧିକାରୀ ଅସହାୟ। ଇଚ୍ଛାଥିଲେ ବି ସେମାନେ ନିଜର ଘର ଖଣ୍ଡିକ ତିଆରି କରିପାରିବେନି। କାରଣ ବାସଗୃହ ନିର୍ମାଣ ଲାଗି ଆବଶ୍ୟକ ସାମଗ୍ରୀ ପହଞ୍ଚିବାକୁ ଗାଁକୁ ରାସ୍ତା ନାହିଁ। ତେଣୁ ଅନୁମତିପତ୍ର ଧରି ନିଜ ଭାଗ୍ୟକୁ ନିନ୍ଦୁଛନ୍ତି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୋଉମ ପଞ୍ଚାୟତ ଖଇରାସାହି ବାସିନ୍ଦା।

ପୁରୁଣା କଟକ-ସମ୍ବଲପୁର ରାସ୍ତାଠାରୁ ମାତ୍ର ୩ କିଲୋମିଟର ଦୂର ଏବଂ କୋଉମ ପଞ୍ଚାୟତର ୫ନଂ. ୱାର୍ଡ ଅଧୀନ ଖଇରାସାହିକୁ ମିଳିଛି ରାଜସ୍ୱ ଗ୍ରାମର ମାନ୍ୟତା। ହେଲେ ସବୁଦିନିଆ ରାସ୍ତା ଅପେକ୍ଷାରେ ବର୍ଷବର୍ଷ ବିତିଗଲାଣି। ଲୋକଙ୍କ ଗମନାଗମନର ମୁଖ୍ୟ ରାସ୍ତାରେ ପ୍ରଶାସନ ପକ୍ଷରୁ ଆଜିଯାଏ ଗାଣ୍ଡୁଆଏ ମାଟି ପଡ଼ି ନ ଥିବା ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି। ଫଳରେ ଗ୍ରାମରେ ରହୁଥିବା ୨୦ ଦଳିତ ପରିବାରର ୮୦ ଜଣଙ୍କ ନିକଟରେ ଶିକ୍ଷା, ସ୍ୱାସ୍ଥ୍ୟ ସମେତ ଅନ୍ୟ ମୌଳିକ ଆବଶ୍ୟକତା ଅପହଞ୍ଚ ହୋଇରହିଛି। ବର୍ଷାଦିନେ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼େ। ଗାଁରେ ୪ ଚକିଆ ଗାଡ଼ି ଗଡ଼ିବା କେହି ଦେଖିନାହାନ୍ତି। ଗୁରୁତର ରୋଗୀ, ଗର୍ଭବତୀ ଖଟିଆରେ ବୁହା ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ପାନୀୟ ଜଳ ପାଇଁ ଥିବା ଏକମାତ୍ର ନଳକୂପ ଖରାଦିନେ ଅଚଳ ହୋଇପଡୁଛି। ଗ୍ରାମବାସୀ ନିଜ ଖର୍ଚ୍ଚରେ ଏହାକୁ ସଜାଡୁଛନ୍ତି। ସବୁଠାରୁ ବଡ଼କଥା ୫ନଂ. ୱାର୍ଡ ଖଇରାସାହି ଏବଂ ରଥିଆପାଳ ଗ୍ରାମକୁ ନେଇ ଗଠିତ। ୮ କିଲୋମିଟର ଦୂରରେ ଅବସ୍ଥିତ ରଥିଆପାଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବାବେଳେ ସବୁଥିରୁ ବଞ୍ଚିତ ହୋଇରହିଛି ଖଇରାସାହି। ସେହିପରି ରାସ୍ତା ନ ଥିବାରୁ ନିର୍ମାଣ ସାମଗ୍ରୀ ପହଞ୍ଚି ପାରୁନାହିଁ। ତେଣୁ ଆବାସ ଯୋଜନାରେ ଘର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ, ଯାହାକୁ ନେଇ ଅଞ୍ଚଳବାସୀ କ୍ଷୋଭ ବ୍ୟକ୍ତ କରିଛନ୍ତି।

ଏ ସଂକ୍ରାନ୍ତରେ ସରପଞ୍ଚ ଚିନ୍ମୟୀ ବିଶ୍ୱାଳ କୁହନ୍ତି, ଗ୍ରାମର ୧୦ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଛି। କାର୍ଯ୍ୟାଦେଶ ମଧ୍ୟ ପ୍ରଦାନ କରାଯାଇଛି। ହେଲେ ଗାଁକୁ ରାସ୍ତା ନ ଥିବାରୁ ଭାରିଯାନ ଚଳାଚଳ କରିପାରୁନାହିଁ। ନିର୍ମାଣ ସାମଗ୍ରୀ ଯାଇପାରୁ ନ ଥିବାରୁ ଘର କାମ ଆରମ୍ଭ ହୋଇପାରୁନାହିଁ। ଏ ଦିଗରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ୱାର୍ଡସଭ୍ୟ ଗଭି ନାଏକ କହିଛନ୍ତି, ପ୍ରତି ପଞ୍ଚାୟତ ସଭାରେ ସମସ୍ୟା ବିଷୟରେ ଦୃଷ୍ଟି ଆକର୍ଷଣ କରାଯାଉଛି। ହେଲେ କେହି ନଜର ଦେଉନାହାନ୍ତି। ବିଡିଓ ଦାଶରଥି ଜେନା କୁହନ୍ତି, ସମସ୍ୟା ସମ୍ପର୍କରେ ଅବଗତ ନାହାନ୍ତି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଅନୁଦାନ ଆସିଛି। ତୁରନ୍ତ ତଦନ୍ତ କରାଇ ପଦକ୍ଷେପ ନିଆଯିବ। ପର୍ଯ୍ୟାୟକ୍ରମେ ରାସ୍ତା ସହିତ ଅନ୍ୟ ସମସ୍ୟାର ସମାଧାନ କରିବା ଲାଗି ଦୃଷ୍ଟି ଦିଆଯିବ।

**ଝିଅ ବାହା ଦେବାକୁ ଅମଙ୍ଗ ହେଉଛନ୍ତି**



"ଗାଁକୁ ରାସ୍ତା ନିର୍ମାଣ ସ୍ୱପ୍ନ ହୋଇଛି। ଭଲ ରାସ୍ତା ନ ଥିବାରୁ ଏଠାରେ ଝିଅକୁ ବାହାଦେବାକୁ ଅନ୍ୟ ଅଞ୍ଚଳବାସୀ ରାଜି ହେଉନାହାନ୍ତି। ସରକାର ଖାଲି ତଦନ୍ତ କରୁଛନ୍ତି। କାମର ନାଁ ଗନ୍ଧ କିଛି ନାହିଁ।

-କୀର୍ତ୍ତନ ନାଏକ, ଗ୍ରାମବାସୀ

**ରୋଗୀଙ୍କୁ ଖଟିଆ ଭରସା**



"ଦୀର୍ଘବର୍ଷ ହେଲା ମାଟିକାଦୁଅ ରାସ୍ତାରେ ଯିବା ଆସିବା କରୁଛୁ। ରୋଗୀ, ଗର୍ଭବତୀଙ୍କୁ ଖଟିଆ ଭରସା। ନଦୀ ପାର ହେବାକୁ ସେମାନଙ୍କୁ ବୋହି ନେବାକୁ ପଡୁଛି। ବର୍ଷାଦିନେ ଜେଲ ଭଳି ଅନୁଭବ ହେଉଛି।

-ଆଶା ନାଏକ, ଗ୍ରାମବାସୀ

**ଇଚ୍ଛା ଥାଇ ବି ପାଠ ପଢ଼ିପାରୁନୁ**



"ବର୍ଷା ଦିନେ ରାସ୍ତା ଅତି କଦର୍ଯ୍ୟ ହୋଇପଡୁଛି। ସ୍କୁଲ ଯିବା ମୁସ୍କିଲ ହୋଇପଡୁଛି। ଇଚ୍ଛା ଥିଲେ ବି ବିଦ୍ୟାଳୟକୁ ଯାଇ ହେଉନି। ଏଥିଲାଗି ଗ୍ରାମର ୬-୭ଜଣ ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇପଡ଼ିଛି।

-ଚନ୍ଦନ ନାଏକ, ଛାତ୍ର

## ଶୀଘ୍ର ବୋନସ ଦାବି କଲେ ରେଳ କର୍ମଚାରୀ

ଅନୁଗୋଳ ଅଫିସ, ୧୯।୧୦

ଶୀଘ୍ର ବୋନସ ପ୍ରଦାନ ଦାବିରେ ଅନୁଗୋଳ ରେଳ ଚାଳକ ନିୟନ୍ତ୍ରଣ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର କର୍ମଚାରୀମାନେ ପ୍ଲା କାର୍ଡ ଦେଖାଇ ବିକ୍ଷୋଭ କରିଥିଲେ। କର୍ମଚାରୀମାନେ କହିଛନ୍ତି ଯେ, ପ୍ରତିବର୍ଷ ପାର୍ବଣ ପୂର୍ବରୁ ବୋନସ୍ ଦିଆଯାଇଥାଏ। କିନ୍ତୁ ଚଳିତବର୍ଷ ରେଳବାଇ ପକ୍ଷରୁ କର୍ମଚାରୀମାନଙ୍କୁ ଏଥିରୁ ବଞ୍ଚିତ ରଖିବାକୁ ଚକ୍ରାନ୍ତ କରାଯାଉଛି। ଲକ୍‌ଡାଉନ୍ ଘୋଷଣା ବେଳେ ରେଳ କର୍ମଚାରୀମାନେ ପ୍ରବାସୀଙ୍କୁ ଗାଁକୁ ଆଣିବାରେ ସହଯୋଗ କରିଥିଲେ। ଏହି ସେବା ପାଇଁ ବହୁ କର୍ମଚାରୀ ସଂକ୍ରମିତ ହୋଇଥିଲେ। ଯାତ୍ରୀ ପରିବହନ ସ୍ୱାଭାବିକ ହୋଇ ନ ଥିଲେ ମଧ୍ୟ ମାଲ ପରିବହନରୁ ରେଳବାଇ ବେଶ୍ ଲାଭବାନ୍ ହୋଇଛି। କିନ୍ତୁ କର୍ମଚାରୀଙ୍କୁ ବୋନସ୍ ଦେବାକୁ କୁଣ୍ଠାବୋଧ କରାଯାଉଛି। ତେଣୁ ଶୀଘ୍ର ବୋନସ ପ୍ରଦାନ ସହ ମହଙ୍ଗା ଭତ୍ତା, ରାତ୍ରିକାଳୀନ ଭତ୍ତା, ଘରୋଇକରଣ ବନ୍ଦ କରିବା, ବିଶ୍ରାମ ଗୃହରେ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦାନ ଆଦି ଦାବି ନେଇ କର୍ମଚାରୀମାନେ ଧାରଣା ସହ ବିକ୍ଷୋଭ କରିଥିଲେ। ଦାବି ପୂରଣ ନ ହେଲେ ଆସନ୍ତା ୩୧ ତାରିଖରେ ସଂଘ ପକ୍ଷରୁ ସର୍ବଭାରତୀୟ ସ୍ତରରେ କଳା ଦିବସ ପାଳନ ସହ ବିକ୍ଷୋଭ କରାଯିବ ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି।

## ୫ଜି ପାଇଁ ଆବଶ୍ୟକ ୨.୩ ଲକ୍ଷ କୋଟି

ସାରା ଦେଶରରେ ୫ଜି ଟେକ୍ନୋଲୋଜି କାର୍ଯ୍ୟକାରୀ କରାଇବା ଲାଗି ୨.୩ ଲକ୍ଷ କୋଟି ଟଙ୍କାର ଆବଶ୍ୟକତା ରହିଛି। ମୋତିଲାଲ ଓସୱାଲ ଫାଇନାନ୍ସିଆଲ ସର୍ଭିସେସ ପକ୍ଷରୁ ସଦ୍ୟତମ ମୂଲ୍ୟକୁ ଆଧାର କରି ଏଭଳି ଆକଳନ କରାଯାଇଛି।

**ସଂକ୍ଷେପରେ**

### ବ୍ୟାଙ୍କକୁ ଅର୍ଥ ଯୋଗାଣ ଜରୁରୀ: ବିରଳ ଆଚାର୍ଯ୍ୟ

**ନୂଆଦିଲ୍ଲୀ,୧୯।୧୦:** ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିରେ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ପୁଞ୍ଜି ଯୋଗାଣ କରିବା ଜରୁରୀ ବୋଲି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ବିରଳ ଆଚାର୍ଯ୍ୟ କହିଛନ୍ତି। ସେ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ଏଭଳି କାର୍ଯ୍ୟରୁ ସରକାର ନିବୃତ ନ ହେବା ଆବଶ୍ୟକ। କାରଣ ସ୍ଥିତି ଯାହା ରହିଛି ବ୍ୟାଙ୍କଗୁଡିକରେ ଏନ୍‌ପିଏ ବଢୁଛି। ଏଭଳି ସ୍ଥିତିରେ ବ୍ୟାଙ୍କ ପୁଞ୍ଜି ଆବଶ୍ୟକ କରିବା ସ୍ୱାଭାବିକ। ଏହି ପ୍ରସଙ୍ଗକୁ ସରକାର ଅଣଦେଖା କରିପାରିବେ ନାହିଁ। କେବଳ ମୋରାଟୋରିୟମ କିମ୍ବା ସୁଧ ଛାଡ଼ ଉପରେ ଫୋକସ ନ କରି ସରକାର ଅନ୍ୟ ଦିଗ ଉପରେ ମଧ ଧାନ ଦେବାର ଆବଶ୍ୟକତା ରହିଛି। ଏହି ପ୍ରସଙ୍ଗକୁ ସେ ପୂର୍ବରୁ ମଧ ଉଠାଇ ସାରିଛନ୍ତି। ସେ ପୂର୍ବରୁ କହିଥିଲେ ଯେ,ବ୍ୟାଙ୍କଗୁଡିକ ଉପରେ ମୋଟ ଏନ୍‌ପିଏ ପ୍ରାୟ ୧୨ ଲକ୍ଷ କୋଟି ଟଙ୍କା ରହିଛି। ଏଥିଯୋଗୁ ବ୍ୟାଙ୍କ ସମସ୍ୟାରେ ରହିଛନ୍ତି। ମାର୍ଚ୍ଚ ଯାଏ ଏନ୍‌ପିଏ ପରିମାଣ ଆହୁରି ବଢିବ ବୋଲି ସେ ମତ ବ୍ୟକ୍ତ କରିଛନ୍ତି।

### ସରକାରୀ କର୍ମଚାରୀଙ୍କୁ ମାରୁତିର ପାର୍ବଣ ଅଫର

**ନୂଆଦିଲ୍ଲୀ,୧୯।୧୦:** ଦେଶର ପ୍ରମୁଖ କାର ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ (ଏମ୍‌ଏସ୍‌ଆଇ) ପକ୍ଷରୁ ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ପାର୍ବଣ ଅଫର ପ୍ରଦାନ କରାଯାଉଛି। ଏହି ଅଫର ଜରିଆରେ ଗ୍ରାହକ (ସରକାରୀ କର୍ମଚାରୀ) ପ୍ରାୟ ୧୧ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ସୁବିଧା ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ମାରୁତିର ବିଭିନ୍ନ ମଡେଲ ଉପରେ ଏହି ଅଫର ମିଳିବ ବୋଲି କମ୍ପାନୀ ରବିବାର ସେ ସମ୍ପର୍କରେ ସବିଶେଷ ସୂଚନା ବିଷୟରେ ଘୋଷଣା କରିଛି। ଏହାଦ୍ୱାରା ଘରୋଇ ଚାହିଦା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଘରୋଇ କ୍ଷେତ୍ରରେ ଚାହିଦା ବୃଦ୍ଧି ନିମନ୍ତେ ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୭୩ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଆଣିଥିଲେ।

# ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ହାସଲ କଷ୍ଟସାଧ

**ନୂଆଦିଲ୍ଲୀ,୧୯।୧୦**

କରୋନା ଯୋଗୁ ବଜାରର ସ୍ଥିତି ବର୍ତ୍ତମାନ ଭଲ ନାହିଁ। ଏଭଳି ସ୍ଥିତିରେ ମଧ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ଅଂଶଧନ ବିକ୍ରିରୁ ସରକାର ୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିପାରନ୍ତି। ଏହି ଅର୍ଥ ଆଦାୟ କରିବାକୁ ସରକାର ସକ୍ଷମ ହେଲେ ମଧ ପୁଞ୍ଜି ପ୍ରତ୍ୟାହାର ବା ବିନିବେଶ ଲକ୍ଷ୍ୟ ହାସଲ କରିବା କଷ୍ଟସାଧ ହେବ ବୋଲି କୁହାଯାଉଛି। ଏହି ବାବଦକୁ ୨.୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବା ଲାଗି ସରକାର ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଜଣେ ସରକାରୀ ଅଧିକାରୀ କହିଛନ୍ତି, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତ ପେଟ୍ରୋଲିୟମ, କଣ୍ଟେନର କର୍ପୋରେଶନ ଏବଂ ଆଇଡିବିଆଇ ବ୍ୟାଙ୍କର ଅଂଶଧନ ବିକ୍ରି କରିବା ପରେ ମଧ ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟଠାରୁ ବହୁ ପଛରେ ରହିପାରନ୍ତି। କରୋନା ଯୋଗୁ ସରକାରଙ୍କ ଖର୍ଚ୍ଚ ବଢିବା କାରଣରୁ ଚଳିତ ଆର୍ଥିକ ବର୍ଷରେ ୧୨ ଲକ୍ଷ କୋଟି ଟଙ୍କା ଋଣ କରିବାକୁ ପଡିବ। ଏହି ଋଣ ସୀମାରେ ସରକାର କୌଣସି ପରିବର୍ତ୍ତନ କରିବେ ନାହିଁ ବୋଲି କହିଛନ୍ତି। ଅପରପକ୍ଷରେ ଭାରତୀୟ ଜୀବନବୀମା ନିଗମରେ ୧୦% ଅଂଶଧନ ବିକ୍ରି ଦ୍ୱାରା ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବା ଲାଗି ସରକାର ଲକ୍ଷ୍ୟ ରଖିଥିଲେ। ଏହି ଯୋଜନା ସଫଳ ହୋଇଥିଲେ ସରକାର ୨.୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ସକ୍ଷମ ହୋଇଥାନ୍ତେ। ଅଧିକାରୀ ଜଣକ କହିଛନ୍ତି, ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ହାସଲ ଅତ୍ୟନ୍ତ କଷ୍ଟସାଧ ହେବ। ଏୟାର ଇଣ୍ଡିଆ ବର୍ତ୍ତମାନ ସୁଦ୍ଧା ଘରୋଇକରଣ ହୋଇପାରିନାହିଁ। ଚଳିତ ଆର୍ଥିକ ବର୍ଷର ୬ ମାସ ପୂରଣ ହୋଇ ସାରିଛି। ବର୍ତ୍ତମାନ ସୁଦ୍ଧା ମଧ ସରକାର ବିପିସିଏଲ୍ ଅଂଶଧନ ବିକ୍ରି କରିବାକୁ ସରକାର ସକ୍ଷମ ହୋଇପାରି ନାହାନ୍ତି। ଏହି କମ୍ପାନୀରେ ସରକାରଙ୍କ ୫୨.୯୮% ଅଂଶଧନ ରହିଛି। ସରକାର କନ୍‌କର କମ୍ପାନୀରେ ୩୦.୮% ଅଂଶଧନ ବିକ୍ରି କରିବା ଲାଗି ଶୀଘ୍ର ଆଇପିଓ ଆଣିବେ ବୋଲି ଶୁଣାଯାଉଛି। ଏହି ପ୍ରକ୍ରିୟାକୁ ଆଗାମୀ ୩୧ ମାର୍ଚ୍ଚ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାକୁ ଯୋଜନା ରଖାଯାଇଛି। ଏହାଦ୍ୱାରା ସରକାରଙ୍କୁ ପ୍ରାୟ ୭ ହଜାର କୋଟି ଟଙ୍କା ମିଳିପାରେ। ଆର୍ଥିକ ବର୍ଷ ୨୦୧୮-୧୯ ସରକାର ପୁଞ୍ଜି ପ୍ରତ୍ୟାହାରରୁ ଏକ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିଲେ। ଏହାବାଦ ଆଇଆର୍‌ସିଟିସିରେ ୧୫% ଅଂଶଧନ ବିକ୍ରି କରିବା ଲାଗି ମଧ ଯୋଜନା ରଖାଯାଇଛି। ସେହିଭଳି ଏୟାର ଇଣ୍ଡିଆ ଘରୋଇକରଣ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।



### ଆର୍ ଆଣ୍ଡ ଡି ଖର୍ଚ୍ଚରେ ଭାରତ ପଛୁଆ

**ନୂଆଦିଲ୍ଲୀ,୧୯।୧୦:** ଗବେଷଣା ଏବଂ ଉନ୍ନତୀକରଣ(ଆର୍ ଆଣ୍ଡ ଡି)ରେ ଭାରତ ଅନ୍ୟ ଦେଶଗୁଡ଼ିକ ତୁଳନାରେ ବହୁ ପଛରେ ରହିଛି। ଶେୟାର ବଜାରରେ ସୂଚୀଭୁକ୍ତ ଦେଶର କମ୍ପାନୀଗୁଡିକ ଆର୍ ଆଣ୍ଡ ଡିରେ ସେମାନଙ୍କ ମୋଟ ରାଜସ୍ୱର ୦.୯% ଖର୍ଚ୍ଚ କରୁଛନ୍ତି। ଏହି କ୍ଷେତ୍ର ଖର୍ଚ୍ଚରେ ଫାର୍ମା ଏବଂ ଅଟୋ ସେକ୍ଟର କମ୍ପାନୀଗୁଡିକ ଆଗରେ ରହିଛନ୍ତି। ଏଭଳି ସ୍ଥିତିରେ ସିମେଣ୍ଟ ଏବଂ ଶକ୍ତି ଭଳି କ୍ଷେତ୍ର ଏହି ଖର୍ଚ୍ଚରେ ପଛୁଆ ବୋଲି ଜଣାପଡିଛି। ଗବେଷଣା ଏବଂ ଉନ୍ନତୀକରଣରେ ଖର୍ଚ୍ଚ ନ କରିବା ଯୋଗୁ ଏହା ଦେଶର ଜିଡିପି ଅଭିବୃଦ୍ଧି କ୍ଷେତ୍ରରେ ଗଭୀର ପ୍ରଭାବ ପକାଇଥାଏ ବୋଲି ଆଇସିଆଇସିଆଇ ସିକ୍ୟୁରିଟି ପକ୍ଷରୁ ଏ ନେଇ ଏକ ରିପୋର୍ଟରେ ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ, ଦେଶର ୪୦୯ ସୂଚୀଭୁକ୍ତ କମ୍ପାନୀ ୨୦୨୦ରେ ସେମାନଙ୍କ ମୋଟ ରାଜସ୍ୱର ମାତ୍ର ୦.୯% ଖର୍ଚ୍ଚ କରିଛନ୍ତି। ରିପୋର୍ଟ ମୁତାବକ ବିକଶିତ ଦେଶଗୁଡିକ ଗବେଷଣା ଏବଂ ଉନ୍ନତୀକରଣ କ୍ଷେତ୍ରରେ ଅଧିକ ଖର୍ଚ୍ଚ କରିଥାନ୍ତି। ଏହି କ୍ଷେତ୍ରରେ ଖର୍ଚ୍ଚ ଜିଡିପି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ତଥା ରୋଜଗାର ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଇସ୍ରାଏଲ ଆର୍ ଆଣ୍ଡ ଡିରେ ଏହାର ମୋଟ ଜିଡିପିର ୪.୩% ଖର୍ଚ୍ଚ କରୁଥିବା ବେଳେ ଜାପାନ ୩.୪%, ଜର୍ମାନୀ ୨.୯%, ଆମେରିକା ୨.୭%, ଫ୍ରାନ୍ସ ୨.୩%, ଚାଇନା ୨.୦%, ୟୁକେ ୧.୭%, ବ୍ରାଜିଲ ୧.୨%, ରୁଷ ୧.୧% ଏବଂ ଭାରତ ୦.୭% ଖର୍ଚ୍ଚ କରୁଛି।

## ତନିଷ୍କ ପକ୍ଷରୁ ସ୍ୱତନ୍ତ୍ର ହୀରା ପ୍ରଦର୍ଶନୀ




**ଭୁବନେଶ୍ୱର,୧୯।୧୦**

ଦେଶର ପ୍ରମୁଖ ଅଳଙ୍କାର ବ୍ରାଣ୍ଡ ତନିଷ୍କ ପକ୍ଷରୁ ପ୍ରଥମ ଥର ପାଇଁ ଏହାର ଭୁବନେଶ୍ୱର ଷ୍ଟୋରରେ ହୀରା ଅଳଙ୍କାରର ସ୍ୱତନ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଘୋଷଣା କରିଛି। ଏହି କାର୍ଯ୍ୟକ୍ରମ ୧୫ ଅକ୍ଟୋବରରୁ ୨୫ ଅକ୍ଟୋବର ପର୍ଯ୍ୟନ୍ତ ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ତନିଷ୍କ ଶୋ'ରୁମ୍ ପରିସରରେ ପ୍ରତିଦିନ ସକାଳ ୧୦ ଘଟିକାରୁ ସନ୍ଧ୍ୟା ୮ଘଟିକା ପର୍ଯ୍ୟନ୍ତ ଜାରି ରହିବ। କମ୍ପାନୀର ଅଭିଜ୍ଞ କାରିଗରମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ମଡେଲ ଓ ଡିଜାଇନ ସମେତ ସୂକ୍ଷ୍ମ କାରିଗରିର ବିଭିନ୍ନ ଉତ୍ପାଦ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ସାମିଲ କରାଯିବ। ଏହି ଅବସରରେ ତନିଷ୍କ ପକ୍ଷରୁ ଆକର୍ଷଣୀୟ ଅଫର ମଧ ପ୍ରଦାନ କରାଯାଉଛି। ଗ୍ରାହକ ସୁନାଗହଣାର ଗଢା ମଜୁରି ଏବଂ ହୀରା ଗହଣାର ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପାଇପାରିବେ ବୋଲି ତନିଷ୍କ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ପାର୍ବଣକୁ ଆହୁରି ମନୋରମ କରିବା ପାଇଁ ଗ୍ରାହକମାନଙ୍କ ପାଇଁ ଏହି ବିଶେଷ ଅଫର ବେଶ ସହାୟକ ହେବ। ଏହି ଅଫର କେବଳ ସୀମିତ ସମୟ ପାଇଁ ଉପଲବ୍ଧ। ଏଥିରେ ତନିଷ୍କର ହୀରା ଉତ୍ପାଦ ଯଥା- ଏକତ୍ୱମ, ଆରମ୍ଭ, ବିରାସତ,ଅହଲ୍ୟା ଓ ରିଭା ଭଳି ଅନେକ ହୀରା ସମ୍ଭାରର ପ୍ରଦର୍ଶନ ଓ ବିକ୍ରୟ ପାଇଁ ମଧ ଉପଲବ୍ଧ ହେବ। ଏହି ସମସ୍ତ ବର୍ଗର ହୀରାର ଦର ପ୍ରାୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରହିଛି ବୋଲି ତନିଷ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ପୁଞ୍ଜି ଖର୍ଚ୍ଚ ପାଇଁ ରାଷ୍ଟ୍ରାୟତ୍ତ ସଂସ୍ଥାଙ୍କୁ ସୀତାରାମନଙ୍କ ପରାମର୍ଶ

**ନୂଆଦିଲ୍ଲୀ,୧୯।୧୦**

ଦେଶର ୧୪ ପ୍ରମୁଖ ରାଷ୍ଟ୍ରାୟତ୍ତ କମ୍ପାନୀ ଚଳିତ ଆର୍ଥିକ ବର୍ଷରେ ୧.୫ ଲକ୍ଷ କୋଟି ଟଙ୍କା ପୁଞ୍ଜି ଖର୍ଚ୍ଚ କରିବା ଯୋଜନା ରଖିଛନ୍ତି। ଏହି ଅର୍ଥ ମଧ୍ୟରୁ ପ୍ରାୟ ୭୫% ଅର୍ଥ ଡିସେମ୍ବର ସୁଦ୍ଧା ଖର୍ଚ୍ଚ କରିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କମ୍ପାନୀଗୁଡିକୁ କହିଛନ୍ତି। କମ୍ପାନୀଗୁଡିକ ଅଧିକାରୀଙ୍କ ସହ ଏ ନେଇ ଏକ ସମୀକ୍ଷା କରିଥିବା ଜଣାପଡିଛି। କରୋନା ପ୍ରଭାବିତ ଅର୍ଥ ବ୍ୟବସ୍ଥାରେ ଚାପକୁ କମାଇବା ଲାଗି ପୁଞ୍ଜି ଖର୍ଚ୍ଚର ଆବଶ୍ୟକତା ରହିଥିବା ସରକାର ଉପଲବ୍ଧି କରିଛନ୍ତି। ଉଭୟ କ୍ୟାପିଟାଲ ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡିକରେ ଏଭଳି ନିବେଶ କରିବାକୁ କମ୍ପାନୀଗୁଡିକୁ କୁହାଯାଇଛି। ଏହି ବୈଠକରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ସହ ୧୪ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଅର୍ଥନୈତିକ କାର୍ଯ୍ୟକଳାପକୁ ବଢାଇବା ଦିଗରେ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ଜାରି ହେଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ପ୍ରଥମ ୬ ମାସରେ କମ୍ପାନୀଗୁଡିକ ୩୨% ପୁଞ୍ଜି ଖର୍ଚ୍ଚ କରିଛନ୍ତି।

## ଶେୟାର ବାଏବ୍ୟାକ୍ ଆଣିପାରନ୍ତି ୮ ରାଷ୍ଟ୍ରାୟତ୍ତ କମ୍ପାନୀ

**ନୂଆଦିଲ୍ଲୀ,୧୯।୧୦**

ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୮ଟି ରାଷ୍ଟ୍ରାୟତ୍ତ କମ୍ପାନୀ ଶେୟାର ବାଏବ୍ୟାକ୍ ଆଣିପାରନ୍ତି। ୨ ବରିଷ୍ଠ ସରକାରୀ ଅଧିକାରୀ ଏ ସମ୍ପର୍କରେ ରଏଟର୍ସକୁ ସୂଚନା ଦେଇଛନ୍ତି। ଏ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରିବା ଲାଗି ସରକାର କମ୍ପାନୀଗୁଡିକୁ କହିଥିବା ଜଣାପଡିଛି। ଶେୟାର ବାଏବ୍ୟାକ୍ ଆଣିବା ଲାଗି ୨୦୨୧ ମାର୍ଚ୍ଚ ୨୧କୁ ଶେଷସୀମା ଧାର୍ଯ୍ୟ କରାଯାଇଛି। ସୂଚନା ମୁତାବକ, କୋଲ୍ ଇଣ୍ଡିଆ, ଏନ୍‌ଟିପିସି, ଏନ୍‌ଏମ୍‌ଡିସି, ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍ ଭଳି କମ୍ପାନୀ ସାମିଲ ରହିଛି। ଶେୟାର ବାଏବ୍ୟାକ୍ ଆଗାମୀ ରଣନୀତିର ମହତ୍ତ୍ୱପୂର୍ଣ୍ଣ ଟୁଲ୍ ବୋଲି ଅନ୍ୟ ଜଣେ ଅଧିକାରୀ ମତବ୍ୟକ୍ତ କରିଛନ୍ତି। ଏହାଦ୍ୱାରା ମାର୍କେଟ ପ୍ରାଇସ ଉନ୍ନତ କରିବା ଦିଗରେ ସହାୟକ ହେବ। ଜଣେ ବଜାର ବିଶେଷଜ୍ଞଙ୍କ କହିବା ମୁତାବକ, ଶେୟାର ବାଏବ୍ୟାକ୍ କମ୍ପାନୀ ଏବଂ ନିବେଶକଙ୍କ ଲାଗି ଲାଭକାରୀ ହେବ। ନିବେଶକଙ୍କ ଲାଗି ଶେୟାର ମୂଲ୍ୟ ଉନ୍ନତ ହେବା ଜରୁରୀ। ଅପରପକ୍ଷରେ କମ୍ପାନୀ ଶେୟାର ବାଏବ୍ୟାକ୍ ଦ୍ୱାରା ନିଜର ଅଂଶଧନ ବଢ଼ାଇବାରେ ସହାୟକ ହୋଇଥାଏ।

### ଋଣ ଶୁଝିବାକୁ ଡିଏଚ୍‌ଏଫ୍‌ଏଲ୍ ପ୍ରମୋଟରଙ୍କ ପ୍ରସ୍ତାବ

**ନୂଆଦିଲ୍ଲୀ,୧୯।୧୦:** ଦିୱାନ ହାଉସିଂ ଫାଇନାନ୍ସ ଲିମିଟେଡ୍(ଡିଏଚ୍‌ଏଫ୍‌ଏଲ୍) ବର୍ତ୍ତମାନ ଦେବାଳିଆ କାର୍ଯ୍ୟାନୁଷ୍ଠାନର ସାମ୍ନା କରୁଛି। କମ୍ପାନୀ ଉପରେ ରହିଥିବା ଋଣ ଶୁଝିବା ଲାଗି ପ୍ରମୋଟର କପିଲ ୱାଧୱାନ ସୋମବାର ଏକ ପ୍ରସ୍ତାବ ଦେଇଥିବା ଜଣାପଡିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିଯୁକ୍ତ ଆଡମିନିଷ୍ଟ୍ରେଟର ଆର୍.ସୁବ୍ରମଣ୍ୟକୁମାରଙ୍କୁ ଏ ସମ୍ପର୍କରେ ଏକ ଚିଠି ଲେଖିଛନ୍ତି। ପରିବାରର ସମ୍ପତ୍ତି ବିକି ଋଣ ପଇଠ କରିବା ଲାଗି ସେ ଚିଠିରେ କହିଛନ୍ତି। ତାଙ୍କ ପରିବାରର ସମ୍ପତ୍ତି ମୂଲ୍ୟ ପ୍ରାୟ ୪୩ ହଜାର କୋଟି ଟଙ୍କା ରହିଛି। ସମ୍ପତ୍ତିର ଠିକ୍ ମୂଲ୍ୟାଙ୍କନ କରିବା ଉପରେ ସେ ମତ ରଖିଛନ୍ତି। ସେହିଭଳି ସମ୍ପତ୍ତିର ଭୁଲ୍ ମୂଲ୍ୟାଙ୍କନ କରିବାକୁ ପ୍ରୟାସ କରା ନ ଯାଉ ବୋଲି ସେ ନିବେଦନ କରିଛନ୍ତି।

**ରାଜ୍ୟ**

# ଦିନକ ପାଇଁ ହେଲେ ଖବରକାଗଜ ବିତରକ



ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସାଇକେଲରେ ଖବରକାଗଜ ବିତରଣ କରୁଛନ୍ତି।

**ବାଲେଶ୍ୱର ଅଫିସ, ୧୯।୧୦**

**ପ୍ରତିଶ୍ରୁତି ରଖିଲେ ମନ୍ତ୍ରୀ**

ବାଲେଶ୍ୱର ସହରର ଖବରକାଗଜ ବିତରକଙ୍କ ପ୍ରତିଶ୍ରୁତି ରକ୍ଷା କରିଛନ୍ତି ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ। ସୋମବାର ପୂର୍ବାହ୍ନରେ ସେ ସାଇକେଲରେ ଘରକୁ ଘର ବୁଲି ଖବରକାଗଜ ବିତରଣ କରିଥିଲେ।

ଗତ ରବିବାର ପାଣିଟାଙ୍କିସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପ ପରିସରରେ ଖବରକାଗଜ ବିତରକ ମଜଦୁର ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ, ପାନୀୟଜଳ, ଆଇନ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ଖବରକାଗଜ ବିତରକ ବନ୍ଧୁ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ୩୦ହଜାର ଘର ସହିତ ଦୀର୍ଘଦିନ ଧରି ପରିଚିତ ରହିଛନ୍ତି। ବିତରକ ବନ୍ଧୁଙ୍କର ଯେଉଁ ଅସୁବିଧା ରହିଛି ନିର୍ବାଚନ ପରେ ତାହା ସୁଧାରିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପର୍ଯ୍ୟଟନ ମନ୍ତ୍ରୀ ପାଣିଗ୍ରାହୀ ଉତ୍ସବରେ ଯୋଗଦେଇ ବିତରକଙ୍କର ପ୍ରକୃତ ଦୁଃଖକୁ ଅନୁଭବ କରି ଗୋଟିଏ ଦିନ ସେମାନଙ୍କ ସହ ମିଶି ସାଇକେଲରେ ବୁଲି ଖବରକାଗଜ ବାଣ୍ଟିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୋମବାର ସକାଳ ସାଢ଼େ ୬ଟାରେ କଚେରୀ ପରିସରରେ ଥିବା ସାମ୍ବାଦିକ ପ୍ରକୋଷ୍ଠରେ ମନ୍ତ୍ରୀ ପାଣିଗ୍ରାହୀ ପହଞ୍ଚିଥିଲେ। ସେଠାରେ ଥିବା ଖବରକାଗଜ ବିତରକଙ୍କ ସହ ସାଇକେଲ ଯୋଗେ ରାଣୀପାଟଣା ଅଞ୍ଚଳର ୨୦ରୁ ଉର୍ଦ୍ଧ୍ୱ ଘରେ ଖବରକାଗଜ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଖବରକାଗଜ ବିତରକ ମଜଦୁର ସଂଘର ସଭାପତି ସ୍ୱାଇଁ, ସମ୍ପାଦକ ଅନିରୁଦ୍ଧ ଲେଙ୍କା, ଉପସଭାପତି ଅଭୟ ପ୍ରଧାନ, କୋଷାଧକ୍ଷ ଯୋଗେନ୍ଦ୍ର ତପସ୍ୱୀ, ରତିକାନ୍ତ ରାଉତ, କରୁଣାକର ରାଉତ, ବାପି ଲେଙ୍କା ଓ ହରିହର ସେନ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ କ୍ୱାର୍ଟର୍ସରୁ ମିଳିଲା ବୃଦ୍ଧ ଦମ୍ପତିଙ୍କ ମୃତଦେହ

**ବଲାଙ୍ଗୀର ଅଫିସ, ୧୯।୧୦**

ବଲାଙ୍ଗୀର ସହର ଚନ୍ଦ୍ରଶେଖରନଗରସ୍ଥିତ ଭାରତୀୟ ଜୀବନ ବୀମା କାର୍ଯ୍ୟାଳୟ ନିକଟସ୍ଥ ଏକ ପରିତ୍ୟକ୍ତ ସରକାରୀ କ୍ୱାର୍ଟର୍ସରୁ ସୋମବାର ଏକ ବୃଦ୍ଧ ଦମ୍ପତିଙ୍କ ମୃତଦେହ ମିଳିଛି। ମୃତକ ହେଲେ ବୃନ୍ଦାବନ ସାହୁ (୮୨) ଓ ତାଙ୍କ ସ୍ତ୍ରୀ ନିରାଶ ସାହୁ (୮୦)। ଖବର ପାଇ ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧୦/୨୦) ରୁଜୁ ହୋଇଛି। ବଲାଙ୍ଗୀର ସଦର ବ୍ଲକ୍ କୁଡାସିଂହା ମୂଳ ନିବାସୀ ଏହି ବୃଦ୍ଧ ଦମ୍ପତିଙ୍କ ପିଲାପିଲି ନାହାନ୍ତି। ପ୍ରାୟ ୨ ବର୍ଷ ହେଲା ଉଭୟ କୁଡାସିଂହାରୁ ଆସି ବଲାଙ୍ଗୀରର ଏହି ସରକାରୀ ଭଙ୍ଗା କ୍ୱାର୍ଟର୍ସରେ ରହୁଥିଲେ। ଭକ୍ଷାବୃତ୍ତି କରି ସ୍ୱାମୀ ସ୍ତ୍ରୀ ଚଳୁଥିଲେ। ତେବେ ଏହି ଦମ୍ପତିଙ୍କୁ ଦେଖାଶୁଣା କରୁଥିବା ତାଙ୍କର ଜଣେ ଦୂରସମ୍ପର୍କୀୟ ଭାଣିଜୀ ସୋମବାର ସକାଳେ ସେମାନଙ୍କୁ ପାଖକୁ ଆସିଥିବାବେଳେ ଏହି ଘଟଣା ଜଣା ପଡ଼ିଥିଲା। ଶୋଇବା ଅବସ୍ଥାରେ ବୃନ୍ଦାବନଙ୍କ ମୃତ୍ୟୁ ଘଟିଥିବାବେଳେ ଝରକା ପାଖରେ ସ୍ତ୍ରୀଙ୍କ ମୃତଦେହ ପଡିଥିଲା। ନିରାଶଙ୍କ ବେକରେ କିନ୍ତୁ ଏକ ରଶି ଲାଗିଥିଲା। ଏଣୁ ଏହି ଦମ୍ପତ୍ତିଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଟାଉନ୍ ଥାନା ଆଇଆଇସି ସଂଗ୍ରାମ ପଟ୍ଟନାୟକଙ୍କୁ ପଚରାଯିବାରୁ ଏହି ବୃଦ୍ଧଦମ୍ପତି ରୋଗଗ୍ରସ୍ତ ଥିଲେ। ଏଣୁ ରୋଗରେ ସେମାନଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି କହିଛନ୍ତି।

## ନବନିଯୁକ୍ତ ଜିଲା ସଭାପତିଙ୍କ ବୈଠକରେ ଯୋଗଦେବେ ଚେଲ୍ଲାକୁମାର

**ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ରବିବାର ଦଳର ୩୩ ସାଙ୍ଗଠନିକ ଜିଲା ଲାଗି ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏହି ତାଲିକାରେ ୧୬ଜଣ ନୁଆ ମୁହଁଙ୍କୁ ସଭାପତି ଜିୟା ସଭାପତି ଦାୟିତ୍ୱ ମିଳିଥିଲା ବେଳେ ତାଲିକାରେ ୩ ବିଧାୟକଙ୍କୁ ସ୍ଥାନ ମିଳିଛି। ଅନ୍ୟପଟେଏହି ନବନିଯୁକ୍ତ ଜିଲା ସଭାପତିମାନଙ୍କୁ ନେଇ ୨୧ତାରିଖରେ ପ୍ରଦେଶ କଂଗ୍ରେସ କମିଟି(ପିସିସି)ପକ୍ଷରୁ ପ୍ରଥମ ବୈଠକ ଅନୁଷ୍ଠିତ ହେବ। ପୂର୍ବାହ୍ନ୧୧ଟା ୩୦ମିନିଟ ସମୟରେ ପ୍ରଦେଶ କଂଗ୍ରେସ ରାଜ୍ୟ ପ୍ରଭାରୀ ଏ ଚେଲ୍ଲା କୁମାର ଏହି ବୈଠକ ନେବେ ବୋଲି ଜଣାପଡିଛି। ଚେଲ୍ଲା କୁମାର ମଙ୍ଗଳବାର ଠାରୁ ୬ ଦିନିଆ ଓଡିଶା ଗସ୍ତରେ ଦ୍ୱିତୀୟ ଥର ଲାଗି ଆସୁଛନ୍ତି। ଏହି ଅବସରରେ ସେ ଜିଲା ସଭାପତିମାନଙ୍କୁ ଗୁରୁ ମନ୍ତ୍ର ପ୍ରଦାନ କରିବେ। ଏହାପରେ ଖୁବଶୀଘ୍ର ଯୁବ ଏବଂ ଛାତ୍ର କଂଗ୍ରେସ କମିଟି ଗଠନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପଟେ ସେ ୨୩ରେ ତିର୍ତ୍ତୋଲ ଏବଂ ୨୪ରେ ବାଲେଶ୍ୱର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।


**OFFICE OF THE DISTRICT EDUCATION OFFICER, SONEPUR (MDM CELL)**

**Tender Call Notice No. 4557, Date: 19.10.2020**

Sealed Tenders are invited from the intending registered transport agent having valid **"Carrier License"** for engagement of transporting Agent under MDM Programme for transport of Rice from **CWC, Godown to School Points** for Binka, Dunguripali & Birmaharajpur Block. (**One bidder can apply one of the Block**) only. The earlier selected bidder Vide Tender Call Notice No.:- 3191 Dt.13.07.2020 are not eligible to apply. The Bidder should mention clearly the name of the Block in the Tender papers. The tender papers for the above purpose containing the term and conditions, cost of tender papers, EMD and statutory requirement can be downloaded from the District website i.e. www.subarnapur.nic.in or available at DPMU (MDM) Sonepur. The tender papers complete in all respect should reach the office of the **DEO, Sonepur** by Dt.28.10.2020 through Registered Post/Speed Post only and the sealed tenders will be opened in the office chamber of District Education Officer, Sonepur Date 29.10.2020 at 3.00 PM in the presence of bidder or his/her authorized representative and all the members of the tender committee under the chairmanship of Sub-Collector, Subarnapur. The tender received beyond the date and time mentioned above shall not be taken into consideration. The authority shall not be responsible for any postal delay. The Collector, Subarnapur reserves the right to reject/cancel/withdraw any or all the tenders without assigning any reason thereof and shall bear no liability whatsoever consequent upon such decision.

**1. Period of sale of tender documents. Date 19.10.2020 to Dt.28.10.2020**
**2. Last Date of receipt tender documents. Date 28.10.2020 before 5.30 PM.**
**3. Date of opening of Technical Bid and Financial Bid. Date 29.10.2020 at 3.00 PM.**

**Sd./- Collector, Subarnapur**



**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
No. CAD-614

**NOTICE INVITING TENDER NO. 05/OMC/KIOM/2020-21**

Tender for the following works are invited

| Sl. No. | Name of the Work | Estimated Cost (Rs. in Lakhs) | Time Period of the Work (In Months) | Class of Contractor | EMD in shape of DD (Rs.) | Cost of Bid Document in Shape of D.D. (Rs.) |
|---|---|---|---|---|---|---|
| 1. | Construction of 01 Toilet with Water facility and Hand Washing Platform at Rantha, Anganwadi Centre at KIOM in the District of Sundargarh | Rs.1.60 | One | 'D' & 'C' | 1600.00 | 600/- + 18% GST |
| 2. | Completing unfinished Staff quarters at Rajabasa Ashram School under Bhutuda GP in the district of Sundargarh | Rs.3.15 | Two | 'D' & 'C' | 3150.00 | 2000/- + 18% GST |

1. Date and time of selling of bids: From dt. 21.10.2020 to 30.10.2020 up to 5.00 PM.
2. Last date and time of submission of bids at allocated tender box: Dt. 31.10.2020 up to 4.00 PM.
3. Date and time of opening of bid: dt. 31.10.2020 at 5.00 P.M.
4. For the details you may refer D.T.C.N.
5. Tender inviting authority: - Manager (Civil), Kurmitar.

The Odisha Mining Corporation Ltd. reserves the right to reject any or all tenders without assigning any reason thereof.

**Sd./- Manager (Civil)**
**Kurmitar Iron Ore Mines**
OIPR-30005/11/0091/2021



**DISTRICT PROJECT OFFICE, RTE-SS, SUNDARGARH**
No. 1290/TRB Date: 16.10.2020

**SHORT TENDER CALL NOTICE**

Sealed quotations are invited from the reputed experienced printing firms having valid GSTN, PAN, DIC, Web Offset/Sheet fed offset for printing of MLE Text Books. The tender document should reach to the office of the undersigned through Registered Post or Speed Post only on or before Dt.04.11.2020 by 5 P.M. Tender documents along with EMD Rs.50000/- (Rupees fifty thousand) only in shape of Demand Draft in favour of District Project Coordinator, Sarva Sikshya Abhiyan, Sundargarh should be submitted in the envelope duly mark on the top **"Tender for printing of MLE text book"** to the District Project Office, Sarva Sikshya Abhiyan, Infront of B.S. High School, Sundargarh, PIN - 770001. The details of the tender like, requirement, specification, term and condition etc. are available in district website **www.sundargarh.nic.in**. The tender will be opened on Dt.05.11.2020 at 12.30 P.M. in the Office Chamber of Collector-cum-Chairman, SSA, Sundargarh in presence of all bidders or their authorized representatives. The authority reserves the right to amend, alter, modify or cancel any part or whole of the tender without assigning any reason thereof. In this regard further any clarification may contact to this office.

**Sd./- Collector-cum-Chairman, RTE-SS, Sundargarh**



**GOVERNMENT OF ODISHA**
**OFFICE OF THE**
**PANCHAYAT SAMITI, GOP**
DISTRICT - PURI, PIN - 752110
E-mail: ori-gop@nic.in

**TENDER CALL NOTICE No. 02/2020**

The Block Development Officer, Gop, Puri invites sealed tender on behalf of Govt. of Odisha from registered and eligible contractors of the State P.W.D. (R&B)/Water Resource/Rural Works/M.I./C.P.W.D. for the following work eventually to be drawn in the PWD F-2 forms in conformity with the Detailed Tender Call Notice. The bidders may submit the bid for the following work.

| | | | |
|---|---|---|---|
| 1. | Name of the Work | : | Repair/Renovation of Konark Bhagabati Mahavidyalaya, Konark |
| 2. | Tender Amount | : | Rs.18,79,379/- |
| 3. | Cost of Tender Paper | : | Rs.7080/- |
| 4. | EMD | : | Rs.18,800/- |
| 5. | Time Period of Completion | : | 4 Months |
| 6. | Class of Contractor | : | C & D |
| 7. | Date & time of availability of Bid document | : | 19.10.2020 to 31.10.2020 upto 5 P.M. during office hour at PS, Gop |
| 8. | Last date & time of receipt of bid through Speed Post/Regd. Post only | : | 19.10.2020 to 31.10.2020 upto 5 P.M. during office hour at PS, Gop |
| 9. | Date of opening of bid documents | : | 02.11.2020 at 3 P.M. at PS, Gop. |
| 10. | Name & address of the Officer Inviting Bid | : | Block Development Officer, Gop, At/P.O.-Gop, PIN - 752110. |

Further details can be seen from the notice board of PS, Gop, EO (NAC Office), Konark, DRDA Office, Puri.

**Sd./- Block Development Officer, Gop**

# ବାର୍‌କ୍ଲେ ଓ ଖ୍ୱାଜା ପ୍ରାର୍ଥୀ

## ଆଇସିସି ଚେୟାରମ୍ୟାନଶିପ୍


ଗ୍ରେଗୋର୍ ବାର୍‌କ୍ଲେ


ଇମ୍ରାନ ଖ୍ୱାଜା

**ନୂଆଦିଲ୍ଲୀ, ୧୯।୧୦ (ପି.ଟି.)**

ଶଶାଙ୍କ ମନୋହରଙ୍କ ସ୍ଥାନରେ ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ) ଚେୟାରମ୍ୟାନ ପଦବୀ ପାଇଁ କେବଳ ଦୁଇ ଜଣ ଯଥା ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି)ର ଗ୍ରେଗୋର୍ ବାର୍‌କ୍ଲେ ଓ ସିଙ୍ଗାପୁରର ଇମ୍ରାନ ଖ୍ୱାଜା ପ୍ରାର୍ଥୀ ହୋଇଛନ୍ତି। ଅକ୍ଟୋବର ୧୮ ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ଦିବସ ରହିଥିଲା। ଏହି ଦୁଇ ଜଣକ ମଧ୍ୟରୁ ଜଣଙ୍କୁ ସର୍ବସମ୍ମତି ପ୍ରାର୍ଥୀ କରିବା ଲାଗି ଆଇସିସି ବୋର୍ଡ ଏକ ମାସ ସମୟ ରଖିଛି। କିନ୍ତୁ ବର୍ତ୍ତମାନ ଯାହା ଜଣାପଡୁଛି ବାର୍‌କ୍ଲେ ଓ ଆଇସିସିର କାମଚଳା ଚେୟାରମ୍ୟାନ ଖ୍ୱାଜା ମଧ୍ୟରେ ନିର୍ବାଚନ ସମ୍ଭାବନା ରହିଛି। ବୋର୍ଡରେ ଉଭୟଙ୍କର ସମର୍ଥକ ରହିଛନ୍ତି ବୋଲି ଜଣେ ବରିଷ୍ଠ ଅଫିସିଆଲ ଭିତିରି ସୂଚନା ଦେଇଛନ୍ତି। ଆଇସିସି ବୋର୍ଡରେ ୧୭ଜଣ ସଦସ୍ୟ ରହିଛନ୍ତି। ତନ୍ମଧ୍ୟରୁ ୧୬ଜଣ ଭୋଟ ଦେଇପାରିବେ। ସିଇଓ ମନୁ ସାହାନେଙ୍କ ଭୋଟ ଅଧିକାର ନାହିଁ। ପ୍ରଚଳିତ ନିୟମାନୁସାରେ ପରବର୍ତ୍ତୀ ଚେୟାରମ୍ୟାନ ହେବାକୁ ହେଲେ ବାର୍‌କ୍ଲେ କିମ୍ବା ଖ୍ୱାଜାଙ୍କୁ ୧୧ଟି ଭୋଟ (ବୋର୍ଡର ଦୁଇ ତୃତୀୟାଂଶ) ଆବଶ୍ୟକ। ସରକାରୀ ହସ୍ତକ୍ଷେପ ପାଇଁ ଯଦି ଆଇସିସି ଦ୍ୱାରା କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ସସ୍‌ପେଣ୍ଡ ହୁଏ ତେବେ ଭୋଟରଙ୍କ ସଂଖ୍ୟା ୧୫କୁ ହ୍ରାସ ପାଇବ। ବାର୍‌କ୍ଲେ ଯଦି ୧୧ଟି ଭୋଟ୍ ହାସଲ କରିବାରରେ ବିଫଳ ହୁଅନ୍ତି ତେବେ ଖ୍ୱାଜାଙ୍କୁ ପୂର୍ବଭଳି ଆଇସିସିର କାମଚଳା ଚେୟାରମାନ ପଦବୀରେ ରହିବାକୁ ପଡ଼ିପାରେ। ବାର୍‌କ୍ଲେଙ୍କ ପ୍ରତି କିନ୍ତୁ ଅଧିକାଂଶ ଟେଷ୍ଟ ଖେଳୁଥିବା ଦେଶର ସମର୍ଥନ ରହିଛି। ସୂଚନାଯୋଗ୍ୟ, ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)ର ପୂର୍ବତନ ଚେୟାରମ୍ୟାନ ପରବର୍ତ୍ତୀ ଆଇସିସି ଚେୟାରମ୍ୟାନ ପାଇଁ ଫେଭରାଇଟ୍ ଥିଲେ। ମାତ୍ର ସେ ଜାଣିବାକୁ ପାଇଲେ ଯେ, ସେ ସର୍ବସମ୍ମତି ପ୍ରାର୍ଥୀ ହୋଇପାରିବେ ନାହିଁ କିମ୍ବା ଆବଶ୍ୟକ ସଂଖ୍ୟକ ଭୋଟ ହାସଲ କରିପାରିବେ ନାହିଁ। ତେଣୁ ନିର୍ବାଚନରୁ ଓହରିଯିବା ଲାଗି ଉଚିତ ମଣିଥିଲେ। ଏହା ମଧ୍ୟ ଶୁଣିବାକୁ ମିଳୁଛି ଯେ, ଖ୍ୱାଜାଙ୍କ ବିରୋଧରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବାର୍‌କ୍ଲେଙ୍କୁ ସମର୍ଥନ କରିବ। କାରଣ ଖ୍ୱାଜା ପୂର୍ବତନ ଆଇସିସି ମୁଖ୍ୟଙ୍କ ଜଣେ ଘନିଷ୍ଠ। ନିର୍ବାଚନ ହେଲେ ସେ ସକ୍ରିୟ ଭାଗ ନେବେ। ଖ୍ୱାଜାଙ୍କ ପ୍ରତି ଅତିକମ୍‌ରେ ଦୁଇ ଜଣ ପୂର୍ବତନ ଆଇସିସି ମୁଖ୍ୟଙ୍କ ସମର୍ଥନ ରହିଛି। ତନ୍ମଧ୍ୟରୁ ଜଣେ ବର୍ତ୍ତମାନର ବୋର୍ଡ ଅଫ୍ ଡାଇରେକ୍ଟର୍ସରେ ଅଛନ୍ତି। ଅନ୍ୟ ଜଣଙ୍କର ଅତିକମ୍‌ରେ ୫ଟି ଭୋଟ୍ ଉପରେ ନିୟନ୍ତ୍ରଣ ରହିଥିବା ବରିଷ୍ଠ ଅଫିସିଆଲ ଜଣକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମାସକ ସମୟ ମଧ୍ୟରେ ବିଶେଷ କରି ଖ୍ୱାଜାଙ୍କୁ ନିର୍ବାଚନରୁ ଓହରିଯିବା ଲାଗି ପ୍ରବର୍ତ୍ତାଯିବ, ଯାହା ଫଳରେ ଜଣେ ସର୍ବସମ୍ମତ ପ୍ରାର୍ଥୀ ବଛାଯାଇପାରିବ।

# ରୟାଲ୍ସକୁ ଜିତାଇଲେ ବଟଲର

**ଆବୁଧାବି, ୧୯।୧୦**

ବୋଲରଙ୍କ ଚମତ୍କାରିତା ପରେ ଜୋଶ୍ ବଟଲରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ରାଜସ୍ଥାନ ରୟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସୋମବାର ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସକୁ ୭ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ମାତ୍ର ୧୨୫ ରନ କରିଥିବାବେଳେ ରାଜସ୍ଥାନ ୧୭.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ୧୦ ମ୍ୟାଚରୁ ୪ର୍ଥ ବିଜୟ ସହ ରୟାଲ୍ସ ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ୭ମ ପରାଜୟ ସହ ଚେନ୍ନାଇର ପ୍ଲେ-ଅଫ୍ ଆଶା ମଉଳିଯାଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଚେନ୍ନାଇ ସୁପରକିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ମାତ୍ର ଦଳପାଇଁ ବିଶେଷ ସହାୟକ ହୋଇପାରି ନ ଥିଲା। ମାତ୍ର ୨୬ ରନ ମଧ୍ୟରେ ଦୁଇ ଇନ୍‌ଫର୍ମ ଖେଳାଳି ଫାଫ୍ ଡୁ'ପ୍ଲେସି (୧୦) ଓ ଶେନ ୱାଟସନ(୮) ଆଉଟ ହେବାରୁ ଦଳ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାଭାବିକ ବ୍ୟାଟିଂ ନ କରି ଅପେକ୍ଷାକୃତ ଧୀମା ଖେଳିଥିବା ସାମ୍ କୁରାନ ମଧ୍ୟ ବଡ଼ ସ୍କୋର କରିପାରି ନ ଥିଲେ। ସେ ୨୫ ବଲ୍‌ରୁ ୨୨(୧ ଛକା, ୧ ଚୌକା) ରନ କରି ଆଉଟ ହୋଇଥିଲେ। ଜୋଫ୍ରା ଆର୍ଚର, କାର୍ତ୍ତିକ ତ୍ୟାଗୀ ଓ ଶ୍ରେୟାସ ଗୋପାଳ ଏହି ତିନୋଟି ଉଇକେଟ ନେଇଥିଲେ। ଟାଇଟ୍ ବୋଲିଂ ଯୋଗୁ ୮ ଓଭରରେ ଯାଇ ଚେନ୍ନାଇ ସ୍କୋର ୫୦ ସ୍ପର୍ଶ କରିଥିଲା। ଅମ୍ବାତି ରାୟୁଡୁ ଓ ଧୋନୀଙ୍କ ଉପରେ ଇନିଂସ ଗଢ଼ିବା ଭାର ପଡ଼ିଥିଲା। ରାୟୁଡୁ ମାତ୍ର ୧୩ ରନ କରି ରାହୁଲ ଟେୱାଟିଆଙ୍କ ବଲ୍‌ରେ ଆଉଟ ହେବାରୁ ଚେନ୍ନାଇର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଯାଇଥିଲା। ୧୦ ଓଭର ବେଳକୁ ସୁପରକିଙ୍ଗ୍ସ ସ୍କୋର ୫୬/୪ ହୋଇଥିଲା। ଦୁଇ ଅଭିଜ୍ଞ ଖେଳାଳି ଧୋନୀ ଓ ରବୀନ୍ଦ୍ର ଜାଡେଜା ଧୀମା ଖେଳିଥିଲେ। ୧୭ ଓଭରରେ ଯାଇ ଚେନ୍ନାଇ ସ୍କୋର ୧୦୦ ଛୁଇଁଥିଲା। ୫ମ ଉଇକେଟରେ ୫୧ ରନର ଭାଗୀଦାରି ପରେ ଧୋନୀ ରନ ଆଉଟ ହୋଇଯାଇଥିଲେ। ସେ ୨୮ ବଲ୍‌ରୁ ୨୮ (୨ ଚୌକା) ରନ କରିଥିଲେ। ଜାଡେଜା ଦଳ ପକ୍ଷରୁ ସର୍ବାଧିକ ୩୦ ବଲ୍‌ରୁ ୩୫(୪ ଚୌକା) ରନକରି ଅପରାଜିତ ରହିଥିଲେ। ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୨୫ ରନ କରିଥିଲା। ଚଳିତ ସିଜନରେ ପ୍ରଥମେ ବ୍ୟାଟିଂ କ୍ଷେତ୍ରରେ ଏହା ସବୁଠାରୁ କମ୍ ସ୍କୋର। କେଦାର ଯାଦବ ୭ ବଲ୍ ଖେଳିଥିଲେ ହେଁ ୪ ରନରେ ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ଦୁଇ ସ୍ପିନର ଗୋପାଳ ଓ ଟେୱାଟିଆ ଚମତ୍କାର ବୋଲିଂ କରି ୪ ଓଭର ସ୍ପେଲ୍‌ରେ ଯଥାକ୍ରମେ ୧୪ ଓ ୧୮ ରନ ଦେଇ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଆର୍ଚର ଓ ତ୍ୟାଗୀ ଅନ୍ୟ ୨ଟି ଉଇକେଟ ନେଇଥିଲେ।

ଚେନ୍ନାଇ ପରି ରାଜସ୍ଥାନ ମଧ୍ୟ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ପ୍ରତିପକ୍ଷ ବୋଲର ଦୀପକ ଚହର ଓ ଜୋଶ୍ ହାଜେଲଉଡ୍ ଘାତକ ବୋଲିଂ କରି ୨୮ ରନ ମଧ୍ୟରେ ରାଜସ୍ଥାନ ଟପ୍ ଅର୍ଡରର ୩ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ଫେରାଇ ଦେଇଥିଲେ। ବେନ୍ ଷ୍ଟୋକ୍ସ ୧୯, ରବିନ ଉଥପ୍ପା ୪ ରନ କରିଥିବାବେଳେ ସଞ୍ଜୁ ସାମସନ ଖାତା ଖୋଲିପାରି ନ ଥିଲେ। ମାତ୍ର ଜୋଶ୍ ବଟଲର ବିସ୍ଫୋରକ ବ୍ୟାଟିଂ କରି ଦଳକୁ ସହଜ ବିଜୟ ଆଡ଼କୁ ନେଇ ଯାଇଥିଲେ। ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ ଅଧିନାୟକ ଷ୍ଟିଭ୍ ସ୍ମିଥ। ଦୁହେଁ ଅସମାପ୍ତ ୪ର୍ଥ ଉଇକେଟରେ ୯୮ ରନ ଯୋଗକରି ଚେନ୍ନାଇ ବୋଲରଙ୍କୁ ନିରାଶ କରିଥିଲେ। ବୋଲରଙ୍କୁ ସୁହାଉଥିବା ସ୍ଲୋ ପିଚ୍‌ରେ ଧୂଆଁଧାର ବ୍ୟାଟିଂ କରି ବଟଲର ୭୦ ରନରେ ଅପରାଜିତ ରହି ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଥିଲେ। ସେ ୪୮ଟି ବଲ୍ ଖେଳି ନିଜ ଇନିଂସ ମଧ୍ୟରେ ୭ ଚୌକା ଓ ୨ ଛକା ମାରିଥିଲେ। ସ୍ମିଥ ୩୪ ବଲ୍‌ରୁ ୨୬(୨ ଚୌକା) ରନରେ ଅପରାଜିତ ଥିଲେ। ଦୀପକ ଓ ହାଜେଲଉଡ୍‌ଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଚେନ୍ନାଇ ବୋଲର ପ୍ରଭାବହୀନ ରହିଥିଲେ।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଜୋସ୍ ବଟଲର।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୭ | ୨ | ୧୪ | +୦.୯୨୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୬ | ୩ | ୧୨ | +୧.୨୦୧ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୬ | ୩ | ୧୨ | -୦.୦୯୬ |
| ନାଇଟ ରାଇଡର୍ସ | ୯ | ୫ | ୪ | ୧୦ | -୦.୬୦୭ |
| ରାଜସ୍ଥାନ ରୟାଲ୍ସ | ୧୦ | ୪ | ୬ | ୮ | -୦.୫୯୧ |
| ସନ୍‌ରାଇଜର୍ସ | ୯ | ୩ | ୬ | ୬ | +୦.୦୦୮ |
| କିଙ୍ଗ୍ସ ଇଲେଭେନ | ୯ | ୩ | ୬ | ୬ | -୦.୨୬୨ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୦ | ୩ | ୭ | ୬ | -୦.୪୬୩ |

### ଧୋନୀଙ୍କ ୨୦୦ତମ ମ୍ୟାଚ

ସୋମବାର ରାଜସ୍ଥାନ ରୟାଲ୍ସ ବିପକ୍ଷରେ କ୍ୟାରିୟରର ୨୦୦ତମ ଆଇପିଏଲ ମ୍ୟାଚ ଖେଳିଛନ୍ତି ଚେନ୍ନାଇ ସୁପରକିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ମାତ୍ର ଏହାକୁ ନେଇ ଉଲ୍ଲସିତ ନୁହନ୍ତି ୨ ଥର ବିଶ୍ୱକପ ବିଜୟୀ ଭାରତୀୟ ଅଧିନାୟକ। "ଶୁଣି ଖୁସି ଅନୁଭବ ହେଉଛି, ମାତ୍ର ଏହା ଏକ ସଂଖ୍ୟା ମାତ୍ର। ଆହତ ସମସ୍ୟା ମଧ୍ୟକୁ ନ ଆସି ଦୀର୍ଘଦିନ ଖେଳିପାରିଥିବାରୁ ମୁଁ ଭାଗ୍ୟବାନ" ବୋଲି ଧୋନୀ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ୨୦୦୮ରେ ଆଇପିଏଲ ଆରମ୍ଭ ହେବାଠାରୁ ଧୋନୀ ଚେନ୍ନାଇ ଦଳର ଅଧିନାୟକ ଅଛନ୍ତି। ଏହି ଫ୍ରାଞ୍ଚାଇଜ୍ ୨ ବର୍ଷ ପାଇଁ ସସପେଣ୍ଡ ଥିବାବେଳେ ଧୋନୀ ପୁଣେ ସୁପରଜ୍ୟାଣ୍ଟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ନିଜ ୧୯୯ ଆଇପିଏଲ ଗେମ୍‌ରେ ଏହି ପୂର୍ବତନ ଟିମ୍‌ଇଣ୍ଡିଆ ଅଧିନାୟକ ୪,୫୬୮ ରନରେ ପହଞ୍ଚିଥିଲେ।

### ସଂକ୍ଷିପ୍ତ ସ୍କୋର

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୨୫/୫ (ଜାଡେଜା-୩୫*, ଧୋନୀ-୨୮, ସାମ୍ କୁରାନ-୨୨, ଗୋପାଳ-୧/୧୪, ଟେୱାଟିଆ-୧/୧୮, ଆର୍ଚର-୧/୨୦, ତ୍ୟାଗୀ-୧/୩୫)। ରାଜସ୍ଥାନ ୧୭.୩ ଓଭରରେ ୧୨୬/୩ (ବଟଲର-୭୦*, ସ୍ମିଥ-୨୬*, ଦୀପକ-୨/୧୮, ହାଜେଲଉଡ୍-୧/୧୯)।

**ଜନ୍ମବାର୍ଷିକ ଶୁଭେଚ୍ଛା**


(ପ୍ରିନ୍ସ)
ଶ୍ରୀ ଅମୀୟ ପ୍ରସାଦ ନାୟକ
ମୋର ଜନ୍ମଦିନର ଶୁଭେଚ୍ଛା ସହ ମୋତେ ୧୫ବର୍ଷ ଚାଲିଲା। ଗ୍ରାମ: ପ୍ରହରାଜପୁର, ମଣ୍ଡାସାହି, ଜଗତ୍‌ସିଂହପୁର। ଆଶୀର୍ବାଦ ସହ ମୋର ବାପା, ମମି, ଦାଦା, ଖୁଡ଼ୀ, ମା', ନାନୀ, ପିଉସା ଏବଂ ପରିବାରବର୍ଗ। ମୋର ଚଳାପଥ ସୁଖମୟ ହେଉ, ସାଇବାବାଙ୍କ ପାଖରେ ମୋର ପ୍ରାର୍ଥନା।
Mob- 9937796500
ଧ-୧୮୭୦୪

# ସ୍ପେଶାଲ ଅଲିମ୍ପିକ୍ସ ଭାରତର ସହାୟତା

**ଭୁବନେଶ୍ୱର, ୧୯।୧୦ (ସ୍ପୋର୍ଟସ ବ୍ୟୁରୋ):** ସ୍ପେଶାଲ ଅଲିମ୍ପିକ୍ସ ଭାରତ ଓଡ଼ିଶାରେ କୋଭିଡ୍-୧୯ ଏବଂ ଅମ୍ଫନ ବାତ୍ୟାରେ କ୍ଷତିଗ୍ରସ୍ତ ଏହାର ଆଥଲେଟ୍, କୋଚ୍ ଏବଂ ଦୁର୍ଦ୍ଦଶାରେ କାଳାତିପାତ କରୁଥିବା ୧୫୦ପରିବାରକୁ ସହାୟତା ପ୍ରଦାନ କରିଛି। ରାଜ୍ୟରେ ରହିଥିବା ଏହାର ପାର୍ଟନର ଲାୟନ୍ସ କ୍ଲବ ଇଣ୍ଟରନ୍ୟାଶନାଲ ଓ ଅରୁଣା ଆଭେ ଓ୍ୱାଲ ଟ୍ରଷ୍ଟର ସହଯୋଗରେ ମିଶନ ଇନ୍‌କ୍ଲୁଜନ ଭାରତ ଶୀର୍ଷକ ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ପ୍ରକାଶ ରଥ (ଏରିଆ ଡାଇରେକ୍ଟର ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶା) ଏବଂ ବିଭିନ୍ନ କୋଚ୍, ଆଥଲେଟ୍ ଏବଂ ଯୁବନେତାଙ୍କୁ ନେଇ ତାଙ୍କ ଦଳ ପୁରୀ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନ ଗସ୍ତ କରି ପ୍ରଭାବିତ ପରିବାରଙ୍କୁ, ସ୍ୱାସ୍ଥ୍ୟ କିଟ୍ ଓ ସାନିଟାଇଜର୍ସ ଏବଂ ମାସ୍କ ସମେତ ଫାଷ୍ଟଏଡ୍ ଯୋଗାଇ ଦେଇଥିଲେ।

# ମହମ୍ମଡାନ-ବେଙ୍ଗାଲୁରୁ ମ୍ୟାଚ୍ ଡ୍ର

**କୋଲକାତା, ୧୯।୧୦ (ପି.ଟି.)**

ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ ଷ୍ଟାଡିୟମରେ ସୋମବାର ମହମ୍ମଡାନ ସ୍ପୋର୍ଟିଂ ଓ ଏଫ୍‌ସି ବେଙ୍ଗାଲୁରୁ ୟୁନାଇଟେଡ୍ ଅନୁଷ୍ଠିତ ଏକ ଆଇ-ଲିଗ୍ କ୍ୱାଲିଫାୟର ମ୍ୟାଚ ଗୋଲଶୂନ୍ୟ ଡ୍ର ଭାବେ ଶେଷ ହୋଇଛି। ଫଳରେ ଆଇ-ଲିଗ୍ ପାଇଁ ଇତିମଧ୍ୟରେ ଯୋଗ୍ୟତା ଅର୍ଜନ କରିସାରିଥିବା ମହମ୍ମଡାନ ସ୍ପୋର୍ଟିଂ ପ୍ରତିଯୋଗିତାରେ ଅପରାଜିତ ରହି ଏହାର ଅଭିଯାନ ଶେଷ କରିଛି। ସୋମବାର ଫଳାଫଳ ପରେ ମହମ୍ମଡାନ ୧୦ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଛି।

# ରେଞ୍ଜର୍ସ ଏଫ୍‌ସିରୁ ଖେଳିଲେ ବାଲା ଦେବୀ

**ନୂଆଦିଲ୍ଲୀ, ୧୯।୧୦ (ପି.ଟି.)**

ଭାରତୀୟ ମହିଳା ଫୁଟ୍‌ବଲ ଟିମ୍ ଫରୱାର୍ଡ ବାଲା ଦେବୀ ସୁଦୂର ସ୍କଟଲାଣ୍ଡରରେ ଖେଳ ପଡ଼ିଆକୁ ଫେରିଛନ୍ତି। ଏହି ଦେଶର ଅନ୍ୟତମ ଅଗ୍ରଣୀ ମହିଳା ଫୁଟ୍‌ବଲ କ୍ଲବର ହାର୍ଟ୍ସ ଓମେନ୍ ଏଫ୍‌ସି ବିପକ୍ଷ ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ସେ ରେଞ୍ଜର୍ସ ଏଫ୍‌ସି ତରଫରୁ ବଦଳ ଖେଳାଳି ଭାବେ ଖେଳିଛନ୍ତି। ଏହି ମ୍ୟାଚରେ ରେଞ୍ଜର୍ସ ଏଫ୍‌ସି ୫-୧ ଗୋଲରେ ବିଜୟ ଲାଭ କରିଥିଲା। କୋଭିଡ୍-୧୯ ମହାମାରୀ ଯୋଗୁ ବିଶ୍ୱବ୍ୟାପୀ ଲକ୍‌ଡାଉନ୍ ଯୋଗୁ ବହୁ ଦିନ ଧରି ଖେଳ ବନ୍ଦ ରହିଥିଲା। ମଣିପୁରର ୩୦ବର୍ଷୀୟା ମହିଳା ଫୁଟ୍‌ବଲର ନିଜ ଦେଶରେ ଅଧିକ ଦିନ ନ ରହି ଆଗୁଆ ଗ୍ଲାସ୍‌ଗୋକୁ ଫେରିଯାଇଥିଲେ। ରବିବାରଠାରୁ ସ୍କଟିଶ ମହିଳା ପ୍ରିମିୟର ଲିଗ୍ ଆରମ୍ଭ ହୋଇଛି। ରେଞ୍ଜର୍ସ ଓମେନ୍ ଏଫ୍‌ସି ସହଜ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ହାର୍ଟ୍ସ ଓମେନ୍ ଏଫ୍‌ସି ବିପକ୍ଷ ମ୍ୟାଚ ପୂର୍ବରୁ ବାଲା ରେଞ୍ଜର୍ସ ପାଇଁ ୨ମାସ ହେଲା ଟ୍ରେନିଂ ନେଇ ଆସୁଥିଲେ। ଗ୍ଲାସ୍‌ଗୋସ୍ଥିତ ନିଜ ବାସଭବନ ଓ ଇନ୍‌ଡୋରେ ସେ ହୋମୱାର୍କ କରୁଥିଲେ। ନିକଟବର୍ତ୍ତୀ ଏକ ପାର୍କରେ ତାଙ୍କୁ ଦୌଡ଼ିବା ସହ ଆଉଟଡୋର୍ ଟ୍ରେନିଂ ସୁବିଧା ମିଳିଥିଲା। କେବଳ ସେତିକି ନୁହେଁ ଭାରତୀୟ ମହିଳା ଦଳର ସଦସ୍ୟମାନଙ୍କ ସହ ସେ ଏକତ୍ର ଅନ୍‌ଲାଇନ୍‌ରେ ଟ୍ରେନିଂରେ ସାମିଲ ହୋଇଥିଲେ। ହେଲେ ବିଦେଶରେ ନୂଆ ବାସସ୍ଥାନରେ ସବୁବେଳେ ଏହା ସହଜ ନୁହେଁ। ପ୍ରଥମ ମାସ ମୁଁ ଏକାକୀ ଅନୁଭବ କରିଥିଲି। କାରଣ ୟୁନାଇଟେଡ୍ କିଙ୍ଗଡମ ଅବା ପଡ଼ୋଶୀ ଦେଶ ହୋଇଥିବାରୁ ଅଧିକାଂଶ ଖେଳାଳି ସେମାନଙ୍କ ଘରକୁ ଚାଲିଯାଇଥିଲେ।



# ପଞ୍ଜାବ ଆଗରେ ଦିଲ୍ଲୀ ଚ୍ୟାଲେଞ୍ଜ

**ଦୁବାଇ, ୧୯।୧୦(ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ମଙ୍ଗଳବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। କ୍ରମାଗତ ୫ ପରାଜୟ ପରେ ୨ ବିଜୟ ପଞ୍ଜାବ ଦଳର ମନୋବଳ ବଢ଼ାଇଛି। ବିଶେଷ କରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଶେଷ ବଲ୍‌ରେ ବିଜୟ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଡବଲ ସୁପର ଓଭର ବିଜୟ ଲୋକେଶ ରାହୁଲଙ୍କ ଦଳକୁ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଫାଇଦାରେ ରଖିଛି। ତେବେ ଆଗକୁ ଆଉ ଏକ ବଡ଼ ଲଢ଼େଇ ଆସୁଛି। ଫର୍ମରେ ଥିବା ଦିଲ୍ଲୀ ବିପକ୍ଷ ମ୍ୟାଚ ମଧ୍ୟ ଦଳପାଇଁ କଷ୍ଟସାଧ୍ୟ ହେବ।

ପ୍ରଦର୍ଶନରେ ସ୍ଥିରତା ରକ୍ଷା କରି ନ ପାରିବା ପଞ୍ଜାବ ପାଇଁ ଚିନ୍ତାର କାରଣ ହୋଇଛି। ଏହି ଦଳ ଗତ ୨ଟି ମ୍ୟାଚରେ ନିର୍ଦ୍ଧାରିତ ଓଭରରେ ଚାପକୁ ଆସିବା ପୂର୍ବରୁ ବିଜୟୀ ହେବା ସ୍ଥିତିରେ ଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ଦଳର ପ୍ରଦର୍ଶନ ହଡ଼ବଡ଼େଇ ଯାଉଥିବା ପରିଲକ୍ଷିତ ହୋଇଛି। ବାଙ୍ଗାଲୋର ବିପକ୍ଷ ମ୍ୟାଚରେ ଶେଷ ୨ ଓଭରରେ ବିଜୟ ପାଇଁ ମାତ୍ର ୭ ରନ ଆବଶ୍ୟକ ଥିଲା। ହାତରେ ୯ ଉଇକେଟ ମଧ୍ୟ ରହିଥିଲା। ମାତ୍ର ବିଜୟ ପାଇଁ ଦଳକୁ ଶେଷ ବଲ୍ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ଆଇପିଏଲ୍‌ର ପ୍ରଥମ ଡବଲ୍ ସୁପର ଓଭର ରବିବାର ଦେଖିବାକୁ ମିଳିଥିଲା। ମୁମ୍ବାଇ ବିପକ୍ଷ ଏହି ମ୍ୟାଚରେ ମଧ୍ୟ ଦଳ ନିର୍ଦ୍ଧାରିତ ଓଭରରେ ବିଜୟୀ ହେବା କଥା। ମାତ୍ର ତାହା ହୋଇ ନ ପାରିବାରୁ ମ୍ୟାଚ ସୁପରଓଭରକୁ ଯାଇଥିଲା। ଡେଥ୍ ଓଭର ବୋଲିଂ ଏବଂ ତାରକା ଖେଳାଳି ଗ୍ଲେନ ମ୍ୟାକ୍ସୱେଲଙ୍କ ଫର୍ମ ଦଳର ଚିନ୍ତାକୁ ବଢ଼ାଇ ଦେଇଛି। ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିବାକୁ ହେଲେ ଦଳକୁ ଅବଶିଷ୍ଟ ୫ଟି ଯାକ ମ୍ୟାଚ ଜିତିବାକୁ ପଡ଼ିବ। ଟୁର୍ନାମେଣ୍ଟର ଦୁଇ ଟପ୍ ସ୍କୋରର ରାହୁଲ(୫୨୫) ଓ ମୟଙ୍କ ଅଗ୍ରୱାଲ(୩୯୩) ଏହି ଦଳର। ମାତ୍ର ଦଳ ଲିଗ୍‌ରେ ତିଷ୍ଠି ରହିବାପାଇଁ ସଂଘର୍ଷ କରୁଛି। କ୍ରିସ୍ ଗେଲ୍‌ଙ୍କ ସଫଳ ପ୍ରତ୍ୟାବର୍ତ୍ତନ ରାହୁଲଙ୍କ ଉପରୁ ଅନେକ ପରିମାଣରେ ଚାପ ହଟାଇ ଦେଇଛି। ନିକୋଲାସ ପୁରନ ଉପଯୋଗୀ ଅବଦାନ ଦେଉଥିଲେ ହେଁ ଏପର୍ଯ୍ୟନ୍ତ ମ୍ୟାଚ ବିଜୟୀ ଇନିଂସ ଖେଳିପାରି ନାହାନ୍ତି। ବିସ୍ଫୋରକ ବ୍ୟାଟିଂ ପାଇଁ ପରିଚିତ ମ୍ୟାକ୍ସୱେଲ ଏବେ ପାୱାରପ୍ଲେରେ ଜଣେ ସଫଳ ବୋଲର ଦାୟିତ୍ୱ ନିର୍ବାହରେ ସୀମିତ ରହିଛନ୍ତି।

ପ୍ରଦର୍ଶନ ଦୃଷ୍ଟିରୁ ଦିଲ୍ଲୀକୁ ହରାଇବା ବିପକ୍ଷ ଦଳଗୁଡ଼ିକ ପକ୍ଷରେ ସହଜ ହେଉନାହିଁ। ଶନିବାର ରାତିରେ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷରେ ରୋମାଞ୍ଚକ ବିଜୟ ଦଳର ମନୋବଳକୁ ଆହୁରି ବଢ଼ାଇ ଦେଇଛି। ଗତ କିଛି ମ୍ୟାଚରେ ପୃଥ୍ୱୀ ଶ' ଡକ୍(୦)ରେ ଆଉଟ ହୋଇଥିବାରୁ ରନ ସ୍କୋର ଧାରାକୁ ଫେରିବା ଆବଶ୍ୟକ ହେଉଛି। ଅନ୍ୟପକ୍ଷରେ ତାଙ୍କ ଓପନିଂ ପାର୍ଟନର ଅଭିଜ୍ଞ ଶିଖର ଧାୱନ ଏବେ ଚମତ୍କାର ପ୍ରଦର୍ଶନ ଦେଇ ଚାଲିଛନ୍ତି। ଫଳରେ ଏହି ଦଳ ୯ ମ୍ୟାଚରୁ ୭ଟିରେ ବିଜୟୀ ହୋଇ ସାରିଛି। ଅକ୍ଷର ପଟେଲ କେବଳ ବଲ୍‌ରେ ନୁହେଁ ବ୍ୟାଟ୍‌ରେ ମଧ୍ୟ କମାଲ ଦେଖାଇଛନ୍ତି। ଚେନ୍ନାଇ ବିପକ୍ଷ ମ୍ୟାଚର ଶେଷ ଓଭରରେ ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରୁ ସେ ୩ ଛକା ମାରିବାଦ୍ୱାରା ଦିଲ୍ଲୀର ବିଜୟ ସମ୍ଭବ ହୋଇ ପାରିଥିଲା। ଶକ୍ତିଶାଳୀ ବୋଲିଂ ଲାଇନ୍‌ଅପ୍ ଯୋଗୁ ଦଳ ବଡ଼ ସ୍କୋର କରି ନ ପାରିଲେ ମଧ୍ୟ ଡିଫେଣ୍ଡ କରିପାରୁଛି। ଆହତ ରିଷଭ ପନ୍ତଙ୍କ ସ୍ଥାନରେ ସୁଯୋଗ ପାଇଥିଲେ ହେଁ ଅଜିଙ୍କ୍ୟ ରାହାନେ ସୁଯୋଗର ସଦ୍‌ବ୍ୟବହାର କରିପାରି ନାହାନ୍ତି। ଚଳିତ ସଂସ୍କରଣରେ ଦୁଇ ଦଳ ମଧ୍ୟରେ ହୋଇଥିବା ମୁକାବିଲା ସୁପର ଓଭରରେ ଶେଷ ହୋଇଥିଲା ଏବଂ ଦିଲ୍ଲୀ ଜିତିଥିଲା। ଏହାର ପୁନରାବୃତ୍ତି ନ ହେବା ଉପରେ ପଞ୍ଜାବ ନିଶ୍ଚିତ ନଜର ରଖିବ।


ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ବିଜୟ ପରେ ଉଲ୍ଲସିତ ପଞ୍ଜାବ ଖେଳାଳି ଓ କର୍ମକର୍ତ୍ତାମାନେ।

**ଆଇପିଏଲ୍**
(ମଙ୍ଗଳବାର ମ୍ୟାଚ)
**କିଙ୍ଗ୍ସ ଇଲେଭେନ ପଞ୍ଜାବ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
**ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ଅଭୟ ଚରଣ ପଟ୍ଟନାୟକ
(ପୂର୍ବତନ ଜିଲ୍ଲା ପରିବହନ ପରିଚାଳକ)
ରେଡ୍‌କ୍ରସ୍ ରୋଡ୍, ପୁରୀ-୨
ଆବିର୍ଭାବ: ୨୫।୧୧।୧୯୩୬
ତିରୋଧାନ: ୧୦।୧୦।୨୦୨୦
ସମୟ ଆପଣଙ୍କୁ ଆମ ପାଖରୁ ଛଡାଇ ନେଇଥିଲେ ହେଁ ଆପଣ ସର୍ବଦା ଆମ୍ଭମାନଙ୍କ ହୃଦୟରେ ପ୍ରେରଣାଦାୟକ ହୋଇ ରହିଥିବେ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଶାସନ ପଦ୍ଧତି ଆମ୍ଭମାନଙ୍କ ପାଇଁ ଚିରନ୍ତନ ପଥପ୍ରଦର୍ଶକ ସାବ୍ୟସ୍ତ ହେଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଶିରିଡ଼ି ସାଇବାବାଙ୍କ ଚରଣରେ ଭକ୍ତିପୂତ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକାକୁଳ:-
ସହଧର୍ମିଣୀ, ତିନି ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି-ନାତୁଣୀ ତଥା ପଟ୍ଟନାୟକ ପରିବାରର ସମସ୍ତ ସଦସ୍ୟ ଓ ଆତ୍ମୀୟସ୍ୱଜନ।
ଧ-୬୯୪୫୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ପୀତାମ୍ବର ପଟ୍ଟନାୟକ
ମାତୃଭବନ, ଭୁବନେଶ୍ୱର-୬
ବାପା, ଆପଣଙ୍କର ୩୬ତମ ଶ୍ରାଦ୍ଧଦିବସରେ ଆମେ ସମସ୍ତେ ତ୍ୟାଗପୂତ ଜୀବନର ସ୍ମୃତି ସ୍ମରଣକରି ଆପଣଙ୍କର ଆଦର୍ଶ ଆମ ସମସ୍ତଙ୍କର ଜୀବନାଦର୍ଶ ଓ ପ୍ରାତଃ ସ୍ମରଣୀୟ କରି ଆପଣଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।
-:ଶୋକସନ୍ତପ୍ତ:-
ଫକୁ, ପଡୁ, ପରୁ, ଲକ୍ଷ୍ମୀଧର, ନଳିନୀ, ନାତି-ନାତୁଣୀ, ଅଣନାତୁଣୀ ଓ ପୀତାମ୍ବର ନୀଳମଣି ମେମୋରିଆଲ ଟ୍ରଷ୍ଟ ଓ ନୀଳମଣି ଡେଣ୍ଟାଲ କ୍ଲିନିକର କର୍ମକର୍ତ୍ତା ଓ କର୍ମଚାରୀ ବୃନ୍ଦ ।
ଧ-୧୮୬୩୭

**ନବମ ଶ୍ରାଦ୍ଧବାର୍ଷିକୀ**


ସ୍ୱର୍ଗତ ପଦ୍ମଚରଣ ସାହୁ
Plot No-82 & 82/A SCR, Bapuji Nagar
ଆବିର୍ଭାବ: ୦୬।୦୪।୧୯୩୯
ତିରୋଧାନ: ୩୦।୦୯।୨୦୧୧
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର-ସୁରେନ୍ଦ୍ର କୁମାର ସାହୁ ଓ ପରିବାରବର୍ଗ।
ମୋ: ୭୫୦୪୬୭୮୯୦୧
ଧ-୧୮୬୭୦

**ଏକାଦଶାହ ଉପଲକ୍ଷେ**


୰ବିପ୍ର ଚରଣ ଚୌଧୁରୀ
ଆବିର୍ଭାବ: ୨୫।୦୬।୧୯୬୧
ତିରୋଧାନ: ୧୦।୧୦।୨୦୨୦
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ଅନୀତା ଚୌଧୁରୀ, ପୁଅ: ଚିମନ ଚୌଧୁରୀ, ବୋହୂ: ଲୋପାମୁଦ୍ରା ଚୌଧୁରୀ, ଝିଅ: ଦୀପାଳି ଚୌଧୁରୀ, ଜ୍ୱାଇଁ: ଅମରନାଥ ସୁବୁଦ୍ଧି, ନାତି: ଏହାନ ଚୌଧୁରୀ ।
ଧ-୧୮୬୬୧

**୮ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ରାମଚନ୍ଦ୍ର ପ୍ରଧାନ
ଗଡ଼ରଥୀପୁର, ଜଟଣୀ
ଆବିର୍ଭାବ: ୧୯୪୭
ତିରୋଧାନ: ୦୯।୧୦।୨୦୧୩
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୬୬୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


୰ ଦୀନବନ୍ଧୁ ମହାନ୍ତି
ଗ୍ରାମ- ବାୟାଁପଦା, ବାଳକାଟୀ
ଆବିର୍ଭାବ- ୨୪.୦୩.୧୯୫୬
ତିରୋଧାନ- ୧୦.୧୦.୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ପରୋପକାର, କର୍ତ୍ତବ୍ୟ ନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ । ଆପଣଙ୍କର ପୁଣ୍ୟ ଓ ପବିତ୍ର ଆତ୍ମା ଶାନ୍ତି ଓ ସଦଗତି ଲାଭ କରୁ । ଏତିକି ଜଗତର ନାଥ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଠାରେ ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ:
ବନ୍ଧୁ, ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ।
ଧ-୬୯୮୧୫




# ସୁନ୍ଦର ଦିଶିବ ଓଠ

ମାସ୍କ ଲଗାଇବା ଫଳରେ ଏବେ ଅନେକଙ୍କର ଲିପଷ୍ଟିକ୍ ଖରାପ ହୋଇଯାଉଛି। ତେଣୁ ଅନେକ ସମୟରେ ଲିପଷ୍ଟିକ୍ ମୁହଁରେ ମଧ୍ୟ ଲାଗିଯାଉଛି। ଏହି ସମସ୍ୟାର ସମାଧାନ କରି ଓଠକୁ ସୁନ୍ଦର କରିବା ନିମନ୍ତେ ଲିପଷ୍ଟିକ୍ ଲଗାଇବା ସମୟରେ କ'ଣ କରିବେ ଜାଣି ରଖନ୍ତୁ...

- ଲିପ୍‌ଷ୍ଟିକ୍‌କୁ ଲଗାଇବା ପୂର୍ବରୁ ପ୍ରଥମେ ଓଠରେ ଲିପ୍ ପଲିସ୍ ଲଗାଇ ସୁନ୍ଦର ଶେପ୍ ଦିଅନ୍ତୁ। ଲିପ୍ ପଲିସ୍ ନିମନ୍ତେ ନ୍ୟୁଡ୍ ଲିପ୍ କଲର୍ ବ୍ୟବହାର କରନ୍ତୁ।
- ମେଟ୍ ଲିପ୍‌ଷ୍ଟିକ୍ ବ୍ୟବହାର କରନ୍ତୁ ଏବଂ ବ୍ରଶ୍‌ରେ ଲଗାଇବା ବଦଳରେ ସିଧାସଳଖ ଏହାକୁ ଟ୍ୟୁବରେ ଲଗାନ୍ତୁ। ଫଳରେ ଲିପ୍‌ଷ୍ଟିକ୍ ଲଗାଇବା ସୁବିଧା ହେବ ଏବଂ ଠିକ୍ ଭାବରେ ଲାଗିବ।
- ମେଟ୍ ଲିପ୍‌ଷ୍ଟିକ୍ ଅଧିକ ଡ୍ରାଏ ହୋଇଥିଲେ ଲଗାଇବା ପୂର୍ବରୁ ଓଠରେ ହାଲ୍‌କାଭାବେ ଲିପ୍‌ବାମ୍ ଲଗାନ୍ତୁ।
- ଲିପ୍‌ଷ୍ଟିକ୍ ଲଗାଇବା ପରେ ଟିସୁ ପେପରକୁ ହାଲ୍‌କାଭାବେ ଦବାଇ ଓଠରେ ଅଧିକ ଲାଗିଥିବା ଲିପ୍‌ଷ୍ଟିକ୍‌କୁ ବାହାର କରିଦିଅନ୍ତୁ।
- ଲିପ୍‌ଷ୍ଟିକ୍‌କୁ ଓଠରେ ଠିକ୍‌ଭାବେ ରଖିବା ନିମନ୍ତେ ଟ୍ରାନ୍ସୁଏଣ୍ଟ ପାଉଡରକୁ ଓଠରେ ଲଗାନ୍ତୁ। ଏହି ପାଉଡର ଓଠରେ ଲିପ୍‌ଷ୍ଟିକ୍ ରଙ୍ଗକୁ ସେଟ୍ କରିଦେବ ଏବଂ ତାହା ମୁହଁରେ ଲାଗିବ ନାହିଁ। ପାଉଡର ଲଗାଇବା ପରେ ଯଦି ଲିପ୍‌ଷ୍ଟିକ୍ ରଙ୍ଗ ହାଲ୍‌କା ମନେହୁଏ ତେବେ ଆଉ ଏକ ପରସ୍ତ ଲିପ୍‌ଷ୍ଟିକ୍ ଲଗାଇପାରିବେ।

# ଛଡ଼ାନ୍ତୁ ଦାଗ



- କପଡ଼ାରେ କୌଣସି ପ୍ରକାରର ପେଣ୍ଟିଂ ରଙ୍ଗ ଲାଗିଗଲେ ତାକୁ ଛଡ଼ାଇବା ପାଇଁ କିରୋସିନ ବ୍ୟବହାର କରନ୍ତୁ। ଦାଗ ଲାଗିଥିବା ସ୍ଥାନରେ କିରୋସିନ ପକାଇ କିଛି ସମୟ ରଖି ଇୟର ବଡ୍‌ରେ କିଛି ସମୟ ଘଷିବା ପରେ ସାବୁନ ଲଗାଇ ଗରମ ପାଣିରେ ଧୋଇ ଦିଅନ୍ତୁ।
- କପଡ଼ାରେ କୌଣସି ପ୍ରକାରର କଲମ କାଳିର ଦାଗ ଲାଗିଥିଲେ ସେଥିରେ ଡେଟଲ ପକାଇ ଘଷନ୍ତୁ। କିଛି ସମୟ ପରେ ଭଲଭାବେ ଧୋଇ ଦିଅନ୍ତୁ, ଦାଗ ଛାଡ଼ିଯିବ।
- ସୂତା କପଡାରେ କଲମ କାଳି ଦାଗ ଛଡାଇବା ପାଇଁ ଟମାଟୋ କାଟି ସେହି ସ୍ଥାନରେ ଲଗାନ୍ତୁ। ଲେମ୍ବୁ ରସକୁ ମଧ୍ୟ ସେହି ସ୍ଥାନରେ ଲଗାଇ ଅଧଘଣ୍ଟା ରଖି ଧୋଇ ଦିଅନ୍ତୁ।
- କପଡ଼ାରେ ଚକୋଲେଟର ଦାଗ ଲାଗିବା ମାତ୍ରେ ତାକୁ ତୁରନ୍ତ ମୁହଁଲଗା ପାଉଡର ଲଗାଇ ଶୁଖାଇ ଦିଅନ୍ତୁ। ଏହାପରେ ଗରମ ପାଣିରେ କପଡ଼ାକୁ ଧୋଇ ଦିଅନ୍ତୁ।
- ଆଇସ୍‌କ୍ରିମ୍ ଦାଗ ଛଡ଼ାଇବା ପାଇଁ ଆମୋନିଆ ଘୋଳ ଲଗାଇ ଘଷନ୍ତୁ।
- କପଡ଼ାରେ ଚା କିମ୍ବା କଫିର ଦାଗ ଲାଗିଥିଲେ ସଙ୍ଗେ ସଙ୍ଗେ ତାକୁ ଗରମ ପାଣିରେ ଧୋଇ ସେହି ସ୍ଥାନରେ ସାବୁନ କିମ୍ବା ଡିଟରଜେଣ୍ଟ ଲଗାଇ ୧୦ ମିନିଟ୍ ରଖନ୍ତୁ। ଏହାପରେ ଭଲଭାବେ ଘଷି ଧୋଇ ଦିଅନ୍ତୁ।
- କପଡ଼ାରେ ପାନ କିମ୍ବା ଗୁଟ୍‌କାର ଦାଗ ଲାଗିଥିଲେ ସେହି ସ୍ଥାନରେ ଖଟା ହୋଇଥିବା ଦହି ପକାଇ ଘଷନ୍ତୁ। ଯଦି ଥରକରେ ଦାଗ ନ ଛାଡ଼େ ତେବେ ପୁଣି ଥରେ ସେହିପରି ଛଡ଼ାନ୍ତୁ।

# ନବଧା ଶକ୍ତି ସ୍ୱରୂପିଣୀ

ସାରା ଦେଶ ଏବେ ମା' ଆଦ୍ୟାଶକ୍ତିଙ୍କ ଆବାହନରେ ମଗ୍ନ। ମା' ଆସିବେ ଦୁଷ୍ଟ ଶକ୍ତିର ସଂହାର କରିବେ। ଏଥିପାଇଁ ତ ଏବେ ସବୁଆଡେ ଚାଲିଛି ନବରାତ୍ର ପୂଜା। ଏହି ସମୟରେ ଆଦ୍ୟାଶକ୍ତିଙ୍କୁ ନବଧା ରୂପରେ ଆବାହନ କରାଯାଏ। ନାରୀଶକ୍ତିର ପ୍ରତୀକଭାବେ କେତେକ ସ୍ଥାନରେ କୁଆଁରୀ କନ୍ୟାଙ୍କୁ ବି ପୂଜା କରାଯାଏ। ପୂର୍ବରୁ ଭାରତର ଅନ୍ୟସ୍ଥାନରେ ବିଶେଷଭାବରେ ଏହି ପୂଜା କରାଯାଉଥିବାବେଳେ ଏବେ ଆମ ରାଜ୍ୟରେ ବି ଏହି ବ୍ରତକୁ ଅନେକେ ଭାବଭକ୍ତିରେ ପାଳନ କରୁଛନ୍ତି...





ନବରାତ୍ରି, ଅର୍ଥାତ୍ ନଅ ଦିନର ପୂଜାର୍ଚ୍ଚନା। ନଅ ଦିନ ମଧ୍ୟରେ ମାଆଙ୍କର ନଅଟି ରୂପକୁ ଆବାହନ କରାଯାଏ। ନବମାତୃକାଙ୍କର ଏହି ପୂଜାରେ ପ୍ରଥମ ତିନିଦିନରେ ମା'ଙ୍କୁ ଦୁଷ୍ଟ ବିନାଶିନୀ ଦୁର୍ଗା ତଥା କାଳୀ ରୂପରେ ପୂଜା କରାଯାଏ। ମଝି ତିନିଦିନରେ ମା'ଙ୍କୁ ଧନଧାନ୍ୟ ତଥା ସମ୍ପଦର ଦେବୀ ଲକ୍ଷ୍ମୀଙ୍କ ରୂପରେ ପୂଜା କରାଯାଏ। ସେହିପରି ଶେଷ ତିନିଦିନରେ ମା' ବିଦ୍ୟାଦାତ୍ରୀ ସରସ୍ୱତୀଭାବେ ପୂଜା ପାଇଥାନ୍ତି। ହିନ୍ଦୁ ପରମ୍ପରା ଅନୁଯାୟୀ ବର୍ଷରେ ପାଞ୍ଚଥର ( ପୌଷ, ମାଘ, ଚୈତ୍ର, ଆଷାଢ଼ ଓ ଆଶ୍ୱିନ) ନବରାତ୍ରି ପାଳନ ହେଉଥିଲେ ମଧ୍ୟ ଶରତ ଋତୁରେ (ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦ ତିଥିରୁ ନବମୀ ପର୍ଯ୍ୟନ୍ତ) ପାଳିତ ହେଉଥିବା ନବରାତ୍ରି ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହାକୁ ମହାନବରାତ୍ରି ମଧ୍ୟ କୁହାଯାଏ। ନବରାତ୍ରି ପୂଜା ନିମନ୍ତେ ପ୍ରଥମେ ପୂଜାବେଦିରେ ଘଟ ସ୍ଥାପନ କରି ଦେବୀଙ୍କୁ ଆବାହନ କରାଯାଏ। ଧାନ କିମ୍ବା ଗହମ ଉପରେ ସ୍ଥାପନ କରାଯାଇଥିବା ଘଟରେ ଦେବୀ ଦୁର୍ଗାଙ୍କ ଛବି କିମ୍ବା ସ୍ୱସ୍ତିକ ଚିହ୍ନ ଅଙ୍କନ କରାଯାଏ। ନଅଦିନ ପର୍ଯ୍ୟନ୍ତ ପୂଜା ସରିବା ପରେ ଶେଷ ଦିନ ଘଟ ବିସର୍ଜନ କରାଯାଏ। ଅଷ୍ଟମୀ ବା ନବମୀ ଦିନ ଦଶ ବର୍ଷ ବୟସରୁ କମ୍ ବୟସର ୯ଜଣ କୁମାରୀଙ୍କୁ ଦୁର୍ଗାଙ୍କ ନଅଟି ମୂର୍ତ୍ତି ଯଥା– କୁମାରୀ(କୁମାରିକା), ତ୍ରିମୂର୍ତ୍ତିନୀ (ତ୍ରିମୂର୍ତ୍ତି), କଲ୍ୟାଣୀ (କଲହାଣୀ), ରୋହିଣୀ, କାଳୀ, ଚଣ୍ଡିକା, ଶମ୍ଭବୀ(ଶାମ୍ଭବୀ), ଦୁର୍ଗା ଓ ସୁଭଦ୍ରା ରୂପେ କଳ୍ପନା କରି ଭୋଜନ ଦିଆଯାଏ। ନାବରାତ୍ର ବ୍ରତ ଧାରଣ କରିଥିବା ମହିଳାମାନେ ସାଧାରଣତଃ ଏହି ନଅଦିନ କେବଳ ଫଳ ଆହାର କିମ୍ବା ମିଠାଜାତୀୟ ବ୍ୟଞ୍ଜନ ଗ୍ରହଣ କରି ରହିଥାନ୍ତି। କେହି କେହି ସାରାଦିନ କେବଳ ସରବତ ବା ଫଳ ଖାଇ ରହିଥାନ୍ତି। ଏ ସନ୍ଧ୍ୟାରେ ମାଆଙ୍କ ପୂଜା ପରେ ପୁରି, ଖିରି କିମ୍ବା ପରଟା ଆଦି ଖାଇ ରହନ୍ତି। ପୂଜା ବିଧି ଅନୁସାରେ ଏହି ସମୟରେ ସାଧାରଣତଃ ଲୁଣ ଖାଇବା ମଧ୍ୟ ବାରଣ ଥାଏ। କିନ୍ତୁ ଲୁଣ ସ୍ଥାନରେ ସୈନ୍ଧବ ଲୁଣକୁ ଗ୍ରହଣ କରାଯାଏ।



**ଏମାନେ କଣ କରନ୍ତି...**

## ମାଆଙ୍କ ନିର୍ଦ୍ଦେଶରେ ପୂଜା କରୁଛି



ପିଲାଦିନରୁ ମୁଁ ମାଆଙ୍କ ପୂଜା କରେ। ତାପରେ ଥରେ ମାଆ ମତେ ସ୍ୱପ୍ନରେ ଦର୍ଶନ ଦେଇ ଘରେ ଘଟ ସ୍ଥାପନ ନିମନ୍ତେ କହିଥିଲେ। ସେହିଦିନ ଠାରୁ ପ୍ରାୟ ୩୦ ବର୍ଷ ହେଲାଣି ମୁଁ ନବରାତ୍ରି ବ୍ରତ କରୁଛି। ନଅ ଦିନ ପର୍ଯ୍ୟନ୍ତ ଆମ ଘରେ ସମସ୍ତେ ନିଷ୍ଠାର ସହିତ ଏହି ବ୍ରତ ପାଳନ କିରବାରେ ସାହାଯ୍ୟ କରିଥାନ୍ତି। ସମସ୍ତେ ଏକାଠି ବସି ମାଆଙ୍କ ପୂଜା କରୁ। ଏବେ ମୋର ତିନି ଝିଅ ବି ନବରାତ୍ରି ପୂଜା କରୁଛନ୍ତି। ଘରେ ଘଟ ସ୍ଥାପନ କରି ପୂଜା ହେଉଥିବାରୁ ଏହି ନଅ ଦିନ ଘରର ବାତାବରଣ ବେଶ୍ ପବିତ୍ର ମନେ ହୋଇଥାଏ।

*–ବିଜୟଲକ୍ଷ୍ମୀ ବେଉରା, ଗୃହିଣୀ, ମଞ୍ଚେଶ୍ୱର, ଭୁବନେଶ୍ୱର*

## ମାଆ ଆସୁଛନ୍ତି ବୋଲି...



ଆମ ଘରେ ଛୋଟବେଳରୁ ମାଆଙ୍କ ପୂଜା କରାଯାଏ। ମୁଁ କଲେଜରେ ପଢ଼ିବା ସମୟରୁ ଏହି ବ୍ରତ ପାଳି ଆସୁଛି। ଏବେ ବିବାହ ପରେ ପ୍ରଥମ ଥର ପାଇଁ ମୁଁ ଏବର୍ଷ ଶାଶୁ ଘରେ ବି ନବରାତ୍ରି ପୂଜା କରୁଛି। ସମସ୍ତେ ଏକାଠି ହୋଇ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଆମେ ମାଆଙ୍କ ପୂଜା କରୁଛୁ। ଘରେ ଘଟ ସ୍ଥାପନ ହୋଇଥିବାରୁ ସମସ୍ତେ ଅରୁଆ ଖାଉଛନ୍ତି। କହିବାକୁ ଗଲେ ମାଆ ଆସୁଛନ୍ତି ବୋଲି ଘରେ ଏବେ ଏକ ପବିତ୍ର ବାତାବରଣ ସୃଷ୍ଟି ହୋଇଛି।

*–ଶୁଭଲକ୍ଷ୍ମୀ ମହାପାତ୍ର, କର୍ମଜୀବୀ, ଶୈଳଶ୍ରୀ ବିହାର, ଭୁବନେଶ୍ୱର*

**ଖାଦ୍ୟ ରୁଚି**



## ସାଗୁ ପକୁଡ଼ି

**ଆବଶ୍ୟକ ସାମଗ୍ରୀ–**
ସାଗୁ–୫୦ଗ୍ରାମ୍, ଆଳୁ– ୨ଟି ସିଝା, ମୁଗ–୫୦ଗ୍ରାମ୍, ଅଟା– ୧୦୦ ଗ୍ରାମ୍, ଜିରା– ଅଧା ଚାମଚ, ଟମାଟୋ– ୧ଟି ଛୋଟ, ସୈନ୍ଧବ ଲୁଣ ସ୍ୱାଦ ଅନୁସାରେ

**ପ୍ରଣାଳୀ–**
ଏକ ପାତ୍ରରେ ପ୍ରଥମେ ଅଟା, ସାଗୁ, ସିଝା ଆଳୁ, ଜିରା ଓ ମୁଗକୁ ସିଝାଇ ଚକଟି ଦିଅନ୍ତୁ। ଏହାପରେ ସେଥିରେ କଞ୍ଚାଲଙ୍କା ଓ ଟମାଟୋକୁ ଛୋଟ ଛୋଟ କାଟି ପକାନ୍ତୁ। ଏଥିରେ କଟା ଧନିଆପତ୍ର ଓ ସୈନ୍ଧବ ଲୁଣ ପକାଇ ମିଶାଇ ଦିଅନ୍ତୁ। ଏହାପରେ କଡେଇ ବସାଇ ତେଲ ଗରମ କରନ୍ତୁ। ଗରମ ତେଲରେ ଏହି ମିଶ୍ରଣକୁ ଛୋଟ ଛୋଟ କରି ପକାଇ ଛାଣି ଦିଅନ୍ତୁ। ଗରମ ଗରମ ଏହାକୁ ସ୍ନାକ୍ସ ଭଳି ଖାଆନ୍ତୁ।

# ସ୍ତନ କର୍କଟ: ନିରାକରଣର ଉପାୟ



**ଡା. ସ୍ମିତି ଦାସ**

ଅକ୍ଟୋବର ମାସକୁ ସ୍ତନ କର୍କଟ ସଚେତନତା ମାସଭାବେ ପାଳନ କରାଯାଏ। ସାରା ବିଶ୍ୱରେ ମହିଳାଙ୍କ କ୍ଷେତ୍ରରେ ଏହି ରୋଗ ଭୟଙ୍କର ରୂପ ଧାରଣ କରୁଛି। ଭାରତରେ ପ୍ରତି ୪ ମିନିଟ୍‌ରେ ଜଣେ ମହିଳା ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାଯାଏ। ତେବେ ସ୍ତନ କର୍କଟର ଲକ୍ଷଣଗୁଡ଼ିକ ସମ୍ପର୍କରେ ସଚେତନ ଓ ସତର୍କ ରହିବା ସହ ଠିକ୍ ସମୟରେ ଏହି ରୋଗର ଚିକିତ୍ସା କରିବା ଫଳରେ ସ୍ତନ କର୍କଟରେ ପୀଡ଼ିତ ହେବାର ସମ୍ଭାବନାକୁ ହ୍ରାସ କରିପାରିବା।

**ଆଶଙ୍କାଗତ କାରକ:**
– ବୟସ ବୃଦ୍ଧି ସହିତ ସ୍ତନ କର୍କଟର ଆଶଙ୍କା ବୃଦ୍ଧି ପାଇଥାଏ।
– ପ୍ରଜନନଗତ ଇତିହାସ– ସଅଳ ଋତୁସ୍ରାବ କିମ୍ବା ବିଳମ୍ବିତ ରଜୋନିବୃତ୍ତି, ଗର୍ଭପାତ, କିମ୍ବା ଆଦୌ ସ୍ତନ୍ୟପାନ ନ କରାଇବା ଫଳରେ ଏହି ରୋଗ ହେବାର ଆଶଙ୍କା ବୃଦ୍ଧି ପାଇଥାଏ।
– ପାରିବାରିକ ଇତିହାସ– ମା' କିମ୍ବା ଭଉଣୀ ସ୍ତନ କର୍କଟରେ ପୀଡ଼ିତ ହୋଇଥିଲେ ବିପଦର ସମ୍ଭାବନା ଅଧିକ।
– ଆହାର ଓ ଜୀବନଶୈଳୀ– ଚର୍ବିଜାତୀୟ ଖାଦ୍ୟ ଅଧିକ ଖାଇବା, ଆଲକୋହଲ କିମ୍ବା ଧୂମପାନ କରିବା ମଧ୍ୟ ଏହି ରୋଗର ଆଶଙ୍କା ବଢାଇଥାଏ।
– ମେଦବହୁଳତା ମଧ୍ୟ ଏହି ରୋଗ ବୃଦ୍ଧିର କାରଣ ହୋଇପାରେ।

**ଲକ୍ଷଣ:**
– ସ୍ତନରେ କିମ୍ବା କାଖରେ ଗେଟାଳିଆ କିମ୍ବା ମେଞ୍ଚାଭଳି ଲାଗିବା ଓ ଚର୍ମ ମୋଟା ହୋଇଯିବା।
– ସ୍ତନର ଆକାର କିମ୍ବା ଆକୃତିରେ ପରିବର୍ତ୍ତନ।
– ସ୍ତନାଗ୍ରରେ କିମ୍ବା ଏହାର ଆଖପାଖରେ ଲାଲିମା କିମ୍ବା ଘା' ହେବା।
– ସ୍ତନରୁ ପାଣି ଭଳି ତରଳ ପଦାର୍ଥ ନିର୍ଗତ ହେବା।
– ସ୍ତନାଗ୍ର ଓଲଟିଯିବା।
– ଚର୍ମର ଢାଞ୍ଚାରେ ପରିବର୍ତ୍ତନ।
– ସ୍ତନରେ ଫୁଲା କିମ୍ବା ଯନ୍ତ୍ରଣା




**ନିରାକରଣ ପାଇଁ ପଦକ୍ଷେପ:**
– ନିଜ ନିଜର ସ୍ତନର ପରୀକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ। ସ୍ତନର କୌଣସି ପ୍ରକାରର ପରିବର୍ତ୍ତନ ପ୍ରତି ସତର୍କ ରୁହନ୍ତୁ।
– ୪୦ ବର୍ଷ ପାଖାପାଖି ମହିଳାମାନେ ବର୍ଷକୁ ଥରେ ଲେଖାଏ ଡାକ୍ତରଙ୍କ ପାଖରେ ସ୍ତନ ପରୀକ୍ଷା ଓ ମାମୋଗ୍ରାଫି କରାଇନେବା ଉଚିତ।
– ପ୍ରଚୁର ପନିପରିବା ଓ ଫଳ ଖାଆନ୍ତୁ, ଫଳରେ ଓଜନ ନିୟନ୍ତ୍ରଣରେ ରହିବ।
– ନବମାତୃତ୍ୱ ଲାଭ କରିଥିବା ମହିଳାମାନେ ଅତି କମ୍‌ରେ ବର୍ଷେ ପର୍ଯନ୍ତ ଶିଶୁକୁ ସ୍ତନ୍ୟପାନ କରାନ୍ତୁ।
– ଧୂମପାନ କିମ୍ବା ମଦ୍ୟପାନ କରନ୍ତୁ ନାହିଁ।

**ସ୍ତନରେ ଗେଟାଳି ଦେଖାଗଲେ କ'ଣ କରିବେ:** ସ୍ତନ କର୍କଟର କୌଣସି ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କର୍କଟ ରୋଗ ବିଶେଷଜ୍ଞ ହୋଇଥିଲେ ଭଲ। କ୍ଲିନିକାଲ୍ ପରୀକ୍ଷା ଓ ତା'ପରେ ମାମୋଗ୍ରାଫି କରାନ୍ତୁ। ବାୟୋପ୍‌ସି ଟେଷ୍ଟ କରିବା ପରେ ସ୍ତନ କର୍କଟ ହୋଇଛି କି ନାହିଁ ସ୍ପଷ୍ଟ ହୋଇଯିବ। ଏହା ହେଉଛି ଏକ ଓପିଡି ପଦ୍ଧତି ଯେଉଁଠି ଗୋଟାଳିରୁ କ୍ଷୁଦ୍ର ତନ୍ତୁ କାଢି ନିଆଯାଏ ଓ ନିଶ୍ଚିତ ହେବା ପାଇଁ ପାଥୋଲୋଜିଷ୍ଟମାନଙ୍କ ଦ୍ୱାରା ପରୀକ୍ଷା କରାଯାଏ।

**ଚିକିତ୍ସା:** ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ତନକର୍କଟ ସମ୍ପୂର୍ଣ୍ଣ ଭଲ ହେବାର ସମ୍ଭାବନା ୯୫ ପ୍ରତିଶତ ରହିଛି। ସ୍ତନ କର୍କଟ ସମ୍ବନ୍ଧୀୟ ସମସ୍ତ ଆଡ୍‌ଭାନ୍ସ ଚିକିତ୍ସା କୌଶଳ ଆମ ନିକଟରେ ସୁଲଭ ମୂଲ୍ୟରେ ଉପଲବ୍ଧ ଯାହା ମଧ୍ୟରେ ଅସ୍ତ୍ରୋପଚାର, କେମୋଥେରାପି, ରେଡିଓଗ୍ରାଫି, ହରମୋନ୍ ଥେରାପି ଏବଂ ଟାର୍ଗେଟେଡ୍ ଥେରାପି ଅନ୍ତର୍ଭୁକ୍ତ।

**ସମୟର ଆହ୍ୱାନ:** ମହିଳାମାନେ ୨୦ ବର୍ଷ ବୟସରୁ ଏହି ରୋଗ ନେଇ ସଚେତନ ରହିବା ଉଚିତ। ଜଣେ ଯୋଗ୍ୟତାପ୍ରାପ୍ତ ଡାକ୍ତରଙ୍କ ଦ୍ୱାରା ନିୟମିତ ସ୍କ୍ରିନିଂ ଯାହାଦ୍ୱାରା ସ୍ତନକର୍କଟକୁ ଶୀଘ୍ର ଚିହ୍ନଟ ଓ ଚିକିତ୍ସା କରାଯାଇପାରିବ। ସଅଳ ଚିହ୍ନଟ ପ୍ରକ୍ରିୟା ହେଉଛି ସ୍ତନ କର୍କଟ ଆରୋଗ୍ୟଲାଭର ଚାବିକାଠି।

*–କନ୍‌ସଲଟାଣ୍ଟ, କ୍ଲିନିକାଲ ଆଣ୍ଡ ରାଡିଏଶନ ଅନ୍‌କୋଲୋଜି, ଆପୋଲୋ କ୍ୟାନ୍‌ସର ସେଣ୍ଟର, ଭୁବନେଶ୍ୱର*
*ମୋ–୭୦୦୮୬୬୩୧୦୬*






ଧରିତ୍ରୀ
DHARITRI








# ଦିଲ୍ଲୀ କ୍ୟାପିଟାଲ୍ସରେ ପ୍ରବୀଣ ଦୁବେ

**ଦୁବାଇ, ୧୯।୧୦(ପି.ଟି.):** ଆହତ ଅମିତ ମିଶ୍ରଙ୍କ ସ୍ଥାନରେ ବଦଳ ଖେଳାଳିଭାବେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସ୍ଥାନ ପାଇଛନ୍ତି କର୍ନାଟକ ଲେଗ୍ ସ୍ପିନର ପ୍ରବୀଣ ଦୁବେ। ଅଙ୍ଗୁଳି ଭାଙ୍ଗିବା ଯୋଗୁ ଅମିତ ଇଣ୍ଡିଆନ ପ୍ରିମିୟର ଲିଗ୍ ଅଧାରୁ ଓହରି ଯାଇଛନ୍ତି। ଗତ ୩ ତାରିଖରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ ଖେଳୁଥିବାବେଳେ ତାଙ୍କ ଅନାମିକା ଅଙ୍ଗୁଳି ଭାଙ୍ଗିଥିଲା। ୩୭ ବର୍ଷୀୟ ଏହି ସ୍ପିନର ଅଙ୍ଗୁଳିରେ ଅସ୍ତ୍ରୋପଚାର କରାଇଛନ୍ତି। ତେଣୁ ସିଜନର ଅବଶିଷ୍ଟ ମ୍ୟାଚ ଗୁଡ଼ିକ ପାଇଁ ପ୍ରବୀଣ ଦଳପାଇଁ ଉପଲବ୍ଧ ହେବେ ବୋଲି ସୋମବାର ଦିଲ୍ଲୀ ଫ୍ରାଞ୍ଚାଇଜ୍ ପକ୍ଷରୁ ଘୋଷଣା କରାଯାଇଛି। ୨୭ ବର୍ଷୀୟ ପ୍ରବୀଣ ନିଜ ରାଜ୍ୟପାଇଁ ୧୪ଟି ଘରୋଇ ଟି୨୦ ମ୍ୟାଚ ଖେଳି ୧୬ଟି ଉଇକେଟ ନେଇଛନ୍ତି। ତାଙ୍କ ଇକୋନୋମି ହାର ରହିଛି ୬.୮୭। ସମ୍ପ୍ରତି ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିବା ଦିଲ୍ଲୀ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ଖେଳିବ।













Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ